

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୬ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 6 NOVEMBER 2020

Vol.No. 30 ■ No. 280 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଜେଡିରୁ ଜୀବନ ପ୍ରଦୀପ ଦାଶ ନିଲମ୍ବିତ

## ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ହେଲା କାଳ



ବାଲେଶ୍ୱର,୫।୧୧ (ନି.ପ୍ର): ଦଳୀୟ ଶୃଙ୍ଖଳା ତଥା ଅନୁଶାସନ ଉଲ୍ଲଂଘନ ଓ ବାଲେଶ୍ୱର ଉପ-ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କୁ ଆଜି ବିଜେଡିରୁ ନିଲମ୍ବିତ କରାଯାଇଛି । ବିଜେଡି ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳୀୟ ରାଜ୍ୟ ଆଭ୍ୟନ୍ତରୀଣ କମିଟି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦଳର ସାଧାରଣ ସମ୍ପାଦକ ମାନସ ଆର ମଙ୍ଗରାଜ ମିଡିଆକୁ ସୂଚନା ଦେଇଛନ୍ତି । ତେବେ ବାଲେଶ୍ୱର ଉପ-ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଦଳର ଏହି କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଶ୍ରୀ ଦାଶଙ୍କୁ ପଚାରିବାରୁ, ଏହାର କାରଣ ବାବଦରେ ସେ କିଛି ଜାଣି ନଥିବା କହିଛନ୍ତି । ନିର୍ବାଚନ ପରିଚାଳନାଠାରୁ ଆରମ୍ଭ କରି ଦଳୀୟ ପ୍ରାର୍ଥୀଙ୍କ ଭୋଟହାର ବୃଦ୍ଧି ନେଇ ରାଜ୍ୟ ନେତୃବୃନ୍ଦଙ୍କ ନିର୍ଦ୍ଦେଶ କ୍ରମେ ସେ ଶୃଙ୍ଖଳିତ କର୍ମୀଭାବେ କାର୍ଯ୍ୟ କରିଥିଲେ । ଏହା ସତ୍ତ୍ୱେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଷଡ଼ଯନ୍ତ୍ରର ପ୍ରତିଫଳନ ବୋଲି ସେ ଆରୋପ ଉଠାଇଛନ୍ତି । ଚକ୍ରାନ୍ତକାରୀମାନେ ନିଜ ଉଦ୍ୟମରେ ସଫଳ ହୋଇଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି କାର୍ଯ୍ୟାନୁଷ୍ଠାନ ବାବଦରେ ବିଜେଡି ବାଲେଶ୍ୱର ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ, ଉପ-ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ଯୋଗୁଁ ଶ୍ରୀ ଦାଶଙ୍କୁ ନିଲମ୍ବିତ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି । ବିଶେଷ କରି ନିର୍ବାଚନ ବେଳେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ସେ ବିଜେଡି କର୍ମୀମାନଙ୍କୁ ପ୍ରୋତ୍ସାହିତ କରିଥିବା ନେଇ ବହୁ ଅଭିଯୋଗ ଓ ସୁରାକ ଦଳୀୟ ରାଜ୍ୟ କର୍ମକର୍ତ୍ତାଙ୍କୁ ମିଳିଥିଲା । ଅନୁସନ୍ଧାନ ପରେ ଅଭିଯୋଗର ସତ୍ୟତାକୁ ଭିତ୍ତି କରି ଦଳର ଆଭ୍ୟନ୍ତରୀଣ କମିଟି ଏଭଳି ନିଷ୍ପତି ନେଇଥିବା ଶ୍ରୀ ଜେନା ସୂଚନା ଦେଇଛନ୍ତି । ପ୍ରକାଶ ଥାଉ କି ସରକାରୀ ଚାକିରୀରୁ ଅବସର ନେବା ପରେ ବାଲେଶ୍ୱରରେ ବିଜେପି ସଂଗଠନକୁ ଆଗକୁ ନେବା ସହ ୨୦୦୦ ମସିହାରେ ଶ୍ରୀ ଦାଶ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ପରେ ବିଜେଡି ଟିକେଟ୍‌ରେ ୨୦୦୯ ଓ ୨୦୧୪ ନିର୍ବାଚନରେ ସଦର ଆସନରୁ ନିର୍ବାଚିତ ହୋଇଥିଲେ । ମାତ୍ର ୨୦୧୯ ସାଧାରଣ ନିର୍ବାଚନରେ ୧୩ ହଜାର ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ମଦନ ମୋହନ ଦତ୍ତଙ୍କଠାରୁ ସେ ପରାଜୟ ବରଣ କରିଥିଲେ ।

## ଏହା ମୋର ଶେଷ ନିର୍ବାଚନ: ନୀତିଶ କୁମାର



ପାଟନା,୫।୧୧ (ନି.ପ୍ର): ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଚଳିତ ନିର୍ବାଚନ ତାଙ୍କର ଶେଷ ନିର୍ବାଚନ ବୋଲି ଘୋଷଣା କରିଛନ୍ତି । ଗୁରୁବାର ଦିନ ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଗୁରୁବାର ପୂର୍ଣ୍ଣିଆର ଧାମଦାଠାରେ ଏକ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ନୀତୀଶ କୁମାର କହିଛନ୍ତି ଯେ ଜାଣନ୍ତୁ ଆଜି ପ୍ରଚାରର ଶେଷ ଦିନ । ଆସନ୍ତାକାଲି (ନଭେମ୍ବର ୭) ମତଦାନ ହେବ ଏବଂ ଏହା ମୋର ଶେଷ ନିର୍ବାଚନ ହେବ । ସେ କହିଛନ୍ତି ଯେ ଆସନ୍ତା ପାଂଚ ବର୍ଷ ମଧ୍ୟରେ ଶିକ୍ଷ ନୀତି କାର୍ଯ୍ୟକାରୀ ହେବ । ଏଥି ନିମନ୍ତେ ତାଙ୍କର ସମସ୍ତ ପ୍ରସ୍ତୁତି ସରିଯାଇଛି । ବିହାରରେ ଶିକ୍ଷ ନୀତି କାର୍ଯ୍ୟକାରୀ ହେବା ପରେ ବିହାରରୁ ସ୍ଥାନାନ୍ତରଣ ଶେଷ ହେବ । ବିହାର କ୍ରମାଗତ ଭାବରେ ବିକାଶ ପଥରେ ଅଛି । ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ସେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମଧ ରେଳ ମନ୍ତ୍ରୀ ଥିଲେ । ଆଜିର ସାଧାରଣ ସଭାରେ ସେ ତାଙ୍କର ପୁରୁଣା ଦିନଗୁଡ଼ିକୁ ମଧ ମନେ ପକାଇଛନ୍ତି ।

## ଯାତ୍ରା ପରିବେଷଣ ପଇଁ ଅନୁମତି ଦାବିରେ ରାସ୍ତାକୁ ଓହ୍ଲାଇଲେ କଳାକାର



ଭୁବନେଶ୍ୱର,୫।୧୧ (ନି.ପ୍ର): ଯାତ୍ରା ପରିବେଷଣ ପାଇଁ ଅନୁମତି ଦେବା ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକ ଠାରେ ଯାତ୍ରା କଳାକାର ସଂଘ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ସାମିଲ ହୋଇ କଳାକାରମାନେ ୧୦ ମାସ ହେଲା ବସିଛନ୍ତି ବୋଲି କହିବା ସହ ସରକାର ସେମାନଙ୍କୁ ରୋଜଗାର ଦେବାକୁ ଦାବି କରିଥିଲେ । ଅପରପକ୍ଷରେ ଯାତ୍ରା ପରିବେଷଣ ପାଇଁ ଅନୁମତି ନ ମିଳିଲେ ରାଜରାସ୍ତାରେ ଆତ୍ମଦାହ ଦେବାକୁ ଚେତାବନୀ ଦେଇଛି ଯାତ୍ରା କଳାକାର ସଂଘ ।

ଧାରଣା ଦେଇଥିବା ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା କହିଛନ୍ତି, ଆମର ଏହି ଦାବି ନିଶ୍ଚୟ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଂଚିବ । ଆମେ ବହୁତ ସହିଲୁଣି । ରାଜ୍ୟ ସରକାର ଯାହା କହିଥିଲେ, ତାହା ମାନିଲୁ । ସବୁ କଳା ପରେ ବି ଆଜି ଆମ ସହ ଅନ୍ୟାୟ ହେଉଛି । କଳାକାର କେମିତି ଅଛି, କେମିତି ବଂଚିଛି, ସେ କଥା ଚିନ୍ତା କରୁନାହାନ୍ତି । ନିର୍ବାଚନ ବେଳେ ମେଲୋଡି ହେଉଛି କିନ୍ତୁ ପରେ କହିବେ ଯେ ସବୁ ବନ୍ଦ । ଆମର କଳାକ୍ଷେତ୍ର ଖୋଲିବାକୁ ଅନୁମତି ଦିଅନ୍ତୁ । ଯାତ୍ରା କରିବା ପାଇଁ ଯେଉଁ ଗାଇଡଲାଇନ୍ ▶▶ପୃଷ୍ଠା ୭

## ଇ-ବିଧାନସଭା ପାଇଁ ପ୍ରଶିକ୍ଷଣ ଶିବିର ଆଜିଠାରୁ

ଭୁବନେଶ୍ୱର,୫।୧୧ (ନି.ପ୍ର): ଇ-ବିଧାନସଭା ଲାଗି ଆସନ୍ତାକାଲି (ଶୁକ୍ରବାର)ଠାରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ବିଧାନସଭା କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ କରୋନା କଟକଣା ମଧ୍ୟରେ ଆସନ୍ତା ନଭେମ୍ବର ୨୦ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ । ଏଥର ମଧ୍ୟ ଗୃହ ଦିନକୁ ସଢେ ୪ ଘଂଟା ଚାଲିବ । ପ୍ରଶ୍ନ କାଳ ହେବ କି ନାହିଁ ସେନେଇ କିଛି ସ୍ଥିର କରାଯାଇନାହିଁ । ବିଧାୟକ, କର୍ମଚାରୀ, ସାମ୍ବାଦିକଙ୍କ କୋଭିଡ୍ ଟେଷ୍ଟ ନେଇ ପରାମର୍ଶ ନିଆଯିବ ବୋଲି ବାଚସ୍ପତି କହିଛିନ୍ତି । ସୂଚନାଯୋଗ୍ୟ ଆସନ୍ତା ନଭେମ୍ବର ୨୦ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଶୀତକାଳୀନ ଅଧିବେଶନ ଚାଲିବ ବୋଲି ଗତକାଲି ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଅଧିବେଶନର ପ୍ରଥମ ଦିନରେ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ ।

## ୧୬ରେ ବାହାରିବ ପିଜି ଏଂଟ୍ରାନ୍ସ ମେରିଟ୍ ଲିଷ୍ଟ , ଡିସେମ୍ବର ୧୦ ସୁଦ୍ଧା ଶେଷ ହେବ ନାମ ଲେଖା

ଭୁବନେଶ୍ୱର,୫।୧୧ (ନି.ପ୍ର): ଆସନ୍ତା ୧୬ ତାରିଖରେ ଏକକ ପିଜି ନାମଲେଖା ମେରିଟ ଲିଷ୍ଟ ପ୍ରକାଶ ପାଇବ । ଡିସେମ୍ବର ୧୦ ସୁଦ୍ଧା ପିଜି ନାମଲେଖା ଶେଷ ହେବ ବୋଲି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପୂର୍ବରୁ ନଭେମ୍ବର ୧୦ରେ ମେରିଟ୍ ଲିଷ୍ଟ ବାହାରିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା ।

## ଦୀପାବଳୀରେ ବାଣ ଉପରେ ରୋକ ଲଗାଇଲେ କୋଲକାତା ହାଇକୋର୍ଟ

କୋଲକାତା,୫।୧୧ (ନି.ପ୍ର): ଗୁରୁବାର ଦିନ କୋଲକାତା ହାଇକୋର୍ଟ କରୋନା ସଙ୍କଟ କାରଣରୁ ଦୀପାବଳି ଏବଂ କାଳୀ ପୂଜାରେ ବାଣର ବ୍ୟବହାର ତଥା ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । କାଳୀ ପୂଜା ଏବଂ ଦୀପାବଳୀରେ ବାଣ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ଆବେଦନ କରାଯାଇଥିଲା । ଗୁରୁବାର ଦିନ ଶୁଣାଣି କରି ଜଷ୍ଟିସ ସଞ୍ଜୀବ ବାନାର୍ଜୀ ଏବଂ ଜଷ୍ଟିସ ଅରିଜିତ ବାନାର୍ଜୀଙ୍କ ଏକ ଡିଭିଜନ ବେଞ୍ଚ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶରେ କୁହା ଯାଇଛି ଯେ ଦୀପାବଳିରେ ବାଣ ବିକ୍ରୟ ତଥା ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯିବ । ଛଠ ଏବଂ କାର୍ତ୍ତିକ ପୂଜା ସମୟରେ ମଧ ଏହା ପ୍ରଯୁଜ୍ୟ ହେବ ।

## ୨୪ ଘଂଟାରେ ୧୪୬୦ ସୁସ୍ଥ

ଭୁବନେଶ୍ୱର,୫।୧୧ (ନି.ପ୍ର): ରାଜ୍ୟରେ କରୋନାରୁ ଗୁରୁବାର ଆଉ ୧,୪୬୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ ।ମୋଟ୍ ସୁସ୍ଥଙ୍କ ସଂଖ୍ୟା ୨,୮୩ ,୫୩୩କୁ ବୃଦ୍ଧି ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୧୬୯ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୧୦ ଜଣ, କଟକ ଜିଲ୍ଲାରୁ ୧୦୭ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୯୭ ଜଣ, ଜଗତସିଂହପୁର ଜିଲ୍ଲାରୁ ୯୩ ଜଣ, କେନ୍ଦୁଝର ଜିଲ୍ଲାରୁ ୯୦ ଜଣ, ଅନୁଗୁଳ ଜିଲ୍ଲାରୁ ୮୪ ଜଣ, ବଲାଙ୍ଗୀର ଜିଲ୍ଲାରୁ ୬୭ ଜଣ, ମୟୂରଭଂଜ, ନୂଆପଡ଼ା ଜିଲ୍ଲାରୁ ୬୦ ଜଣ ଲେଖାଏଁ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୫୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରୁ ୪୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୪୦ ଜଣ, ନୟାଗଡ଼ ଜିଲ୍ଲାରୁ ୩୫ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୩୩ ଜଣ, ବରଗଡ଼, ପୁରୀ ଜିଲ୍ଲାରୁ ୩୨ ଜଣ ଲେଖାଏଁ, ଯାଜପୁର ଜିଲ୍ଲାରୁ ୨୯ ଜଣ, ନବରଂଗପୁର ଜିଲ୍ଲାରୁ ୨୮ ଜଣ, ଗଂଜାମ ଜିଲ୍ଲାରୁ ୨୬ ଜଣ, ସମ୍ବଲପୁର ଜିଲ୍ଲାରୁ ୨୩ ଜଣ, କୋରାପୁଟ ଜିଲ୍ଲାରୁ ୨୨ ଜଣ, କନ୍ଧମାଳ ଜିଲ୍ଲାରୁ ୧୯ ଜଣ, ବୌଦ୍ଧ ଜିଲ୍ଲାରୁ ୧୫ ଜଣ, ଭଦ୍ରକ ଜିଲ୍ଲାରୁ ୧୪ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୧୩ ଜଣ, ଦେବଗଡ଼, ମାଲକାନଗିରି ଜିଲ୍ଲାରୁ ୧୧ ଜଣ ଲେଖାଏଁ, ଗଜପତି ଜିଲ୍ଲାରୁ ୧୦ ଜଣ, ରାୟଗଡ଼ା ଜିଲ୍ଲାରୁ ୮ ଜଣ ଓ ରାଜ୍ୟପୁଲରୁ ୩୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

### ଭାରତ-ଓପେକ୍‌ର ଚତୁର୍ଥ ଉଚ୍ଚସ୍ତରୀୟ ବୈଠକ

## ଭାରତରେ ପୁଞ୍ଜିନିବେଶ କରିବା ପାଇଁ ସଦସ୍ୟ ରାଷ୍ଟ୍ରମାନଙ୍କୁ ନିମନ୍ତ୍ରଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୫।୧୧ (ନି.ପ୍ର): ଭାରତ-ଓପେକ୍ ଉର୍ଜା ସମ୍ବାଦର ଚତୁର୍ଥ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତକୁ ଉର୍ଜା କ୍ଷେତ୍ରର ଏକ ଉତ୍ପାଦନ ହବରେ ପରିଣତ କରିବା, ଗ୍ୟାସ ଭିତିଭୂମିକୁ ମଜବୁତ କରିବା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟବସାୟିକ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାର ନିର୍ମାଣ କରିବା ପାଇଁ ଭାରତରେ ପୁଞ୍ଜିନିବେଶ କରିବାକୁ ଓପେକର ସଦସ୍ୟ ରାଷ୍ଟ୍ରମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ଭାରତର ଉର୍ଜା ସୁରକ୍ଷାରେ ଓପେକ୍ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହୋଇପାରିଛି । ଓପେକ୍ ଭାରତ ସହ ମିଳିତ ଭାବରେ କାମ କଲେ ଉର୍ଜା ଚାହିଦାରେ ଅଭିବୃଦ୍ଧି ହେବ । ଉର୍ଜା ବଜାରରେ ବୃଦ୍ଧି ପରିଲକ୍ଷିତ ହେବ । ଓପେକ ଏବଂ ଭାରତ ପାରସ୍ପରିକ ଲାଭ ପାଇବା ସହ ଉଭୟ ସହଭାଗୀ ବଢ଼ାଇବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକଟ କରିଛନ୍ତି । ସେହିପରି ବିଶ୍ୱରେ ଯେଉଁ ଆର୍ଥିକ ପରିସ୍ଥିତି ଦେଖାଦେଇଛି ତାହାକୁ ସୁଧାରିବା ଲାଗି ତୈଳ ଉତ୍ପାଦନକାରୀ ଓ ଆମଦାନିକାରୀ ଦେଶ ଯେପରି ଦାୟିତ୍ୱ ସମ୍ପନ୍ନ ଭାବେ କାର୍ଯ୍ୟ କରିବେ ତାହା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । କୋଭିଡ-୧୯ କାରଣରୁ ବିଶ୍ୱ ତୈଳ ଏବଂ ଗ୍ୟାସ ବଜାରରେ ଆସିଥିବା ପରିବର୍ତନକୁ ଭଲ ଭାବରେ ତଦାରଖ କରିବା ପାଇଁ ଶ୍ରୀ ପ୍ରଧାନ ଓପେକକୁ ଆହ୍ୱାନ କରିଥିଲେ । ଫଳରେ କୋଭିଡ-୧୯ ପରିବର୍ତୀ ସମୟରେ ଭାରତ ଓ ଓପେକ୍ ମିଳିତ ଭାବରେ ଉର୍ଜା ଚ୍ୟାଲେଞ୍ଜକୁ ସମ୍ମୁଖୀନ କରିପାରିବ ବୋଲି ସେ କହିଥିଲେ । କରୋନା ସମୟରେ ଭାରତକୁ ଅତିରିକ୍ତ ଏଲପିଜି ଯୋଗାଇ ଦେଇଥିବାରୁ ଶ୍ରୀ ପ୍ରଧାନ ଓପେକର କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୪ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୩୭୮ ହେଲା



ଭୁବନେଶ୍ୱର,୫।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୩୭୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ମୟୁରଭଂଜ ଜିଲ୍ଲାର ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଭୁବନେଶ୍ୱରର ୩ ଜଣ ଅଛନ୍ତି । ସେହିପରି ସୁନ୍ଦରଗଡ ଓ କଟକ ଜିଲ୍ଲାର ୨-୨ ଜଣ ରହିଛନ୍ତି । ଏହା ବ୍ୟତୀତ ଗଂଜାମ, ନୟାଗଡ, ନବରଙ୍ଗପୁର ଓ ସମ୍ବଲପୁରର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୟୁରଭଂଜ ଜିଲ୍ଲାରେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୯୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ମୟୁରଭଂଜ ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱର ଜଣେ ୬୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱର ଜଣେ ୫୦ ବର୍ଷୀୟ ▶▶ପୃଷ୍ଠା ୭

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଭିଟାମିନ ସି ଓ ଡି ନିଅନ୍ତୁ

ଭୁବନେଶ୍ୱର,୫।୧୧ (ନି.ପ୍ର): କରୋନା ସଂକ୍ରମିତଙ୍କ ମଧ୍ୟରୁ କେବଳ ୫ରୁ ୬% ଲୋକଙ୍କ ଠାରେ ଲକ୍ଷଣ ଦେଖାଯାଉଛି । ଅନେକ ରୋଗପ୍ରତିରୋଧକ ଶକ୍ତି ପାଇଁ ଆପଣା ଛାଏଁ ଭଲ ହୋଇଯାଆନ୍ତି ବୋଲି ବିଶିଷ୍ଟ ଇମ୍ୟୁନୋଲୋଜିଷ୍ଟ ରମାନାଥ ମିଶ୍ରଙ୍କ ସୂଚନା ଦେଇଛନ୍ତି । ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ ଭୁବନେଶ୍ୱରରେ ୫୦%ରୁ ଊର୍ଦ୍ଧ୍ୱ ଲୋକଙ୍କ ଠାରେ ହାର୍ଡ ଇମ୍ୟୁନିଟି ସୃଷ୍ଟି ହୋଇଛି । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଭିଟାମିନ ସି ଓ ଡି ନେବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ଟିକା ବିଳମ୍ବ ହେବା ନେଇ ସେ କହିଛନ୍ତି ଯେ ୩ଟି ପର୍ଯ୍ୟାୟରେ ଟେଷ୍ଟ ହେଉଥିବାରୁ ଏଥିପାଇଁ ବିଳମ୍ବ ହେଉଛି ।

## ଅକ୍ଟୋବର ମାସରେ ପୂର୍ବତଟ ରେଳପଥ ୧୬.୩୭ ନିୟୁତ ଟନ୍ ପଣ୍ୟ ପରିବହନ କରିଛି



ଭୁବନେଶ୍ୱର,୫।୧୧ (ନି.ପ୍ର): ପୂର୍ବତଟ ରେଳବାଇ ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରେ ୧୬.୩୭ ନିୟୁତ ଟନ୍ ମାଲ ପରିବହନ କରିଛି ଯାହାକି ଯେ କୌଣସି ଅକ୍ଟୋବର ମାସପାଇଁ ସର୍ବାଧିକ ଏବଂ ଚଳିତ ବର୍ଷର ଅଧିକ ପରିବହନ । ୨୦୧୯ ଅକ୍ଟୋବର ମାସରେ ପୂର୍ବତଟ ରେଳପଥ ୧୫.୪୦ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲା ବେଳେ୨୦୨୦ ଆର୍ଥିକ ବର୍ଷର ଅକ୍ଟୋବର ମାସରେ ପ୍ରାୟ ୦.୯୭ ନିୟୁତ ଟନ୍ ଅଧିକ ପରିବହନ କରି ଗତବର୍ଷ ତୁଳନାରେ ପଣ୍ୟ ବୋଝେଇରେ ୬.୨୯% ଅଭିବୃଦ୍ଧି ଆଣିପାରିଛି । ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ୨୦୨୦ ଶେଷ ପର୍ଯ୍ୟନ୍ତ ପୂର୍ବତଟ ରେଳବାଇ ୧୦୪.୮୮ ନିୟୁତ ଟନ୍ ପଣ୍ୟ ପରିବହନ କରିଛି । ଏଥିରେ ୫୯.୬୩ ନିୟୁତ ଟନ୍ କୋଇଲା, ୧୩.୩୮ ନିୟୁତ ଟନ୍ ଲୁହାପଥର, ୮.୮୪ ନିୟୁତ ଟନ୍ ଆଇରନ୍ ଏବଂ ଷ୍ଟିଲ୍, ଇସ୍ପାତି ଉଦ୍ଭିଦ ପାଇଁ ୩.୯୮ ନିୟୁତ ଟନ୍ କଂଚାମାଲ, ୩.୬୧ ନିୟୁତ ଟନ୍ ସାର, ୧.୬୫ ନିୟୁତ ଟନ୍ କଂଟେନର, ୧.୪୩ ନିୟୁତ ଟନ୍ ଖାଦ୍ୟ ଶସ୍ୟ, ୧.୩୯ ନିୟୁତ ଟନ୍ ପେଟ୍ରୋଲିୟମ ▶▶ପୃଷ୍ଠା ୭

# ଦୀର୍ଘ ଦିନର ପ୍ରତୀକ୍ଷା ପରେ ପାଇପ୍ ଯୋଗେ ଜଳଯୋଗାଣର ଶୁଭାରମ୍ଭ : ଖୁସି ଜାହିର୍ କଲେ ଲୋକେ

ରାଉରକେଲା,୫ା୧୧ (ନି.ପ୍ର): ରାଉରକେଲା ସହରରେ ରାଜ୍ୟ ହାଉସିଂ ବୋର୍ଡ ପକ୍ଷରୁ କରାଯାଇଥିବା ଶେଷ ପ୍ରକଳ୍ପ ତଥା ଛେଣ୍ଡ କଲୋନୀରେ ବଂଟା ଯାଇଥିବା ୭୯ ଟି ପ୍ଲଟ ଏରିଆରେ ଆଜିଠୁ ଜଳ ଯୋଗାଣର ଶୁଭାରମ୍ଭ ହୋଇଥିବା ନେଇ ହାଉସିଂ ବୋର୍ଡ ସୂତ୍ରରୁ ପ୍ରକାଶ । ଏହି ପ୍ଲଟ ଏରିଆରେ ଘର ତିଆରି କାମ ୭ ବର୍ଷ ଆଗରୁ ଆରମ୍ଭ ହୋଇ ବର୍ତମାନ ଘର ସଂଖ୍ୟା ବଢୁଥିବା ବେଳେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଥିଲା । ଲୋକେ ଯେଉଁମାନେ କୁଅଖୋଳି କାମ ଚଳାଉଥିଲେ ସେମାନେ ଖରାଦିନେ ନାନା ସମସ୍ୟାରେ ପଡୁଥିଲେ । ତେବେ ଏହି ଅଂଚଳରେ ବିଜୁଳି, ରାସ୍ତା କାମ ସରିଥିଲେ ବି ଏହାର ପାଇପ ସଂଯୋଗକୁ ନେଇ କିଛି ସମସ୍ୟା ରହିଥିଲା । ତାହାରି ଭିତରେ ମହାନଗର ପକ୍ଷରୁ ନାଳ କାମ ବେଳେ ଠିକାଦାର ବାବୁ ପାଇପ ଲାଇନ ଗୁଡିକ ତାଡି ଦେଲେ । ଏହା ଦ୍ୱାରା ସମସ୍ୟା ଅଧିକ ବଢିଯାଇଥିଲା । ପ୍ଲଟ ବାସିନ୍ଦା ରାଉରକେଲା ହାଉସିଂବୋର୍ଡ ଅଧିକାରୀ ବି.ଏନ. ମିଶ୍ରଙ୍କୁ ଏନେଇ ଚିଠି ଦେଇ ଏହାର କପି ରାଉରକେଲା ଏଡିଏମ ଆବୋଲି ସୁନିଲ ନର୍ଭାଣେଙ୍କୁ ଦେଇଥିଲେ । କିଛି ଦିନ ପରେ ଉଭୟ ରାଉରକେଲା ପ୍ରଶାସନ ଓ ହାଉସିଂବୋର୍ଡ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମିଶ୍ର ତଥା ଏହି ଅଫିସର ଇଂଜିନିୟର ମାନେ ମିଳିତ ଭାବେ ପିଏଚଡି ନିର୍ବାହୀ ଯନ୍ତ୍ରୀ ଶ୍ରୀ ପଟେଲଙ୍କ ସହାୟତାରେ ପାଇପ ଲାଇନ ସଂଯୋଗ କାମ ସାରି ପାଣି ଛାଡିବା ଲାଗି ବ୍ୟବସ୍ଥା କରିଥିବା ଜଣାପଡିଛି । ଏନେଇ ସଂପୃକ୍ତ ଅଂଚଳ ବାସୀ ହାଉସିଂବୋର୍ଡର ଶ୍ରୀ ମିଶ୍ରଙ୍କ ସମେତ ସମସ୍ତ ଇଂଜିନିୟର ଓ ରାଉରକେଲା ଏଡିଏମ ଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ବର୍ତମାନ ଯେଉଁମାନେ ପାଣି ନେବାକୁ ଚାହିଁବେ, ସେମାନେ ପିଏଚଡି ବିଭାଗରେ ପାଣି ସଂଯୋଗ ନେବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଛି ।

# ଭୁବନେଶ୍ୱର ଓ କଟକକୁ ଯାତ୍ରୀ ପରିବହନ ଯୋଗାଇବା ଦାବି

ଜୟପୁର,୫ା୧୧ (ନି.ପ୍ର): ଭୁବନେଶ୍ୱର ଓ କଟକକୁ ଯାତ୍ରୀ ପରିବହନ ଯୋଗାଇଦେବା ନେଇ ଉପ ଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଭଏସ ଅଫ ଅବିଭକ୍ତ କୋରାପୁଟ ଜିଲାର ନରେନ୍ଦ୍ର କୁମାର ମହାନ୍ତି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଅବିଭକ୍ତ କୋରାପୁଟ ଜିଲାରୁ ଭୁବନେଶ୍ୱର ଓ କଟକ ଯାଉଥିବା ବସ ଗୁଡିକୁ ପରମିଟ ନଥିବା ଆଳରେ ବନ୍ଦ କରାଯାଇଛି । ଯଦ୍ୱାରା ସାଧାରଣ ଯାତ୍ରି ହଇରାଣ ହେବା ସହ ଶତାଧିକ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପରୀକ୍ଷା ଦେବାକୁ ଯାଇ ପାରୁ ନାହାଁନ୍ତି । ଏବଂ ସେ ମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହେଉଛି । କୋଭିଡ-୧୯ ପରବର୍ତୀ କାଳରେ ଜନଜୀବନ ସ୍ୱାଭିବାକି କରିବା ପାଇଁ ସରକାର ପଦକ୍ଷେପ ନେଉଥିବା କଥା ସରକାର ଘୋଷଣା କରୁଥିଲେ ମଧ୍ୟ ଏହି ଅ ଳକୁ କୌଣସି ଯାତାୟତ ସୁବିଧା ନାହିଁ । ସରକାରୀ ବସ କିମ୍ବା ଟ୍ରେନ ମଧ୍ୟ ନାହିଁ । ରାଜ୍ୟ ସରକାର ପରମିଟ ଦେଇଥିବା ବସ ସଂଖ୍ୟ ମଧ୍ୟ ଖୁବ କମ । କେତେକ ମାଲିକ ଟୁରୁଷ୍ଟ ପେରମିଟ ନେଇ ଏହି ଅ ଳରୁ ଭୁବନେଶ୍ୱର ଓ କଟକକୁ ଯାତ୍ରୀ ବସ ଚଳାଚଳ କରୁଥିଲେ । କିନ୍ତୁ ଆରଟିଓ ଟ୍ରାନସପୋର୍ଟ ନିୟମ ଆଳରେ ଆଇନ ଗତ କଥା କହି ବସ ଚଳା ଚଳ ବନ୍ଦ କରିବା ଫଳରେ ଏହି ଅ ଳରୁ ଅନ୍ୟ ଅଳ୍ପ କେତକ ବସ ଚଳା ଚଳ କରୁଛି । କୋଭିଡ-୧୯ ପବରବର୍ତୀ କାଳରେ ସ୍ୱାଭାଭିକ ଅବସ୍ଥା ଫେରାଇ ଆଣିବା ଦ୍ରଷ୍ଟିରୁ ବସ ରୁଟ ପରମିଟ ନିୟମ କୋହଳ କରି କିଭଳି ବସ ଗୁଡିକୁ ତୁରନ୍ତ ପରମିଟ ମିଳିବ ତା ବ୍ୟବସ୍ଥା କରିବା ଉଚିତ । ଏହି ସବୁ ବସ ଗୁଡିକ ବନ୍ଦ ହେବା ଫଳରେ ସେହି ବସରେ କାଯ୍ୟରତ ସହ ସହ କର୍ମଚାରି ବେକାର ହୋଇ ବସିଛନ୍ତି । ଓ ବସ ଗୁଡିକୁ ଭିତି କରି କାମ ପାଉଥିବା ଅନେକ କର୍ମଚାରି ଓ ବ୍ୟବସାୟି ସଂସ୍ଥା କ୍ଷତି ଗ୍ରସ୍ତ ହେଉଛନ୍ତି । ଏହି ପରିପ୍ରକ୍ଷିରେ ସାଧାରଣ ଲୋକଙ୍କ ସୁବିଧା ସୁଯୋଗ ପାଇ ନିୟମିତ ପରମିଟ ଶିଘ୍ର ମେଳିବା ବ୍ୟବସ୍ଥା କରିବା ପଯ୍ୟନ୍ତ ସବୁ ବସକୁ ଅନୁମତି ଦିଆଯାଉ । ଏବଂ ଉଚିତ ଟିକସ ଆଦାୟ କରାଯାଉ । ଏହି ସସମ୍ୟାର ସମାଧାନ ପାଇଁ ତୁରନ୍ତ ସମ୍ପୃକ୍ତ ଅଧିକାରି ମାନଙ୍କ ବୈଠକ ଡକାଇ ବିହିତ ପଦକ୍ଷେପ ନିଆଯାଉ । ଯଦ୍ୱାରା କିର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ । ଏହି ଦାବୀ ପତ୍ରର ନକଲ ପରିବହନ ମନ୍ତ୍ରୀ, ଆରଟିଓ କୋରାପୁଟଙ୍କୁ ପ୍ରଦାନ କରାଯାଇଛି ।

# ବନବିଭାଗ ଗାଡି ଦୁର୍ଘଟଣାଗ୍ରସ୍ତ : ଅଳ୍ପକେ ବର୍ତିଲେ କର୍ମଚାରୀ : ୭ ଆହତ

କେନ୍ଦୁଝର,୫ା୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବନ ବିଭାଗର ଗାଡି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବେଳେ ଏଥିରେ ବସିଥିବା କର୍ମଚାରୀମାନେ ଅଳ୍ପକେ ରକ୍ଷାପାଇ ଯାଇଛନ୍ତି । ଏଭଳି ଏକ ଘଟଣା ଘଟିଛି ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ଫରେଷ୍ଟ ରେଞ୍ଜ ଅଂଚଳରେ । ଏହି କର୍ମଚାରୀ ମାନେ ହାତୀ ଘଉଡାଇବାକୁ ଯାଇ ଫେରୁଥିବା ବେଳେ ଏଭଳି ଅଘଟଣ ଘଟିଛି । ତେଲକୋଇ ରେଞ୍ଜ ଅନ୍ତର୍ଗତ ବନ୍ଦନଝରୀ ଗ୍ରାମ ଅଂଚଳରେ ହାତୀପଲ ଉପଦ୍ରବ କରୁଥିବାର ଖବର ପାଇ ଗତକାଲି ତଥା ମଙ୍ଗଳବାର ରାତ୍ରୀରେ ସାତ ଜଣ ବନ କର୍ମଚାରୀ ଏକ ବୋଲେରୋ ଗାଡିରେ ହାତୀ ଘଉଡାଇବାକୁ ସମ୍ପୃକ୍ତ ଅଂଚଳକୁ ଯାଇଥିଲେ । ଏବଂ ହାତୀ ଘଉଡାଇବା କାମ ସାରି ଅଫିସକୁ ଫେରୁଥିବା ସମୟରେ ବାଲିଶର ଗ୍ରାମ ଛକ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ପର୍ଶ୍ୱସ୍ଥ ଏକ ଗଛରେ ପିଟି ହୋଇଥିଲା । ଫଳରେ ଗାଡିରେ ଥିବା ସାତଜଣ ଯାକ କର୍ମଚାରୀ ଖଣ୍ଡିଆ ଖାବରା ହୋଇ ଆହତ ହୋଇଥିଲେ ହେଁ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଥିଲେ । ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ତେଲକୋଇ ଡାକ୍ତରଖାନାରେ ଭର୍ତି କରାଯାଇଛି ।

# ସରକାରୀ ଅଫିସ ଗୁଡିକରେ ଅଧିକାରୀଙ୍କ ଅନୁପସ୍ଥିତି : କାମ ଚଳାଉଛନ୍ତି କର୍ମଚାରୀ

ରାଉରକେଲା,୫ା୧୧ (ନି.ପ୍ର): ରାଉରକେଲା ସହରରେ ଥିବା ଅନେକ ସରକାରୀ ଅଫିସରେ ଅଫିସର ମାନେ କଟକ ଭୁବନେଶ୍ୱରରେ ରହି ନାନା ଆଳ ଦେଖାଇ ଅଫିସରେ ଅନୁପସ୍ଥିତ ରହିବା ଓ ଇନ୍ସପେକ୍ସନ ଦେଖାଇ ଜିଲ୍ଲାରେ ରହୁଥିବା ଦେଖାଇ ସରକାରୀ ଦରମା ଲୁଟୁଥିବା ଅଭିଯୋଗ ହେଉଛି ।ଏନେଇ ଜିଲ୍ଲାରେ ଥିବା ଅଧିକାରୀ ମାନଙ୍କ ଉପରେ ଜିଲ୍ଲା ପ୍ରଶାସନର ସଠିକ ନଜର ରହୁନଥିବାରୁ ବାବୁ ମାନେ ବେପରୁଆ ଭାବେ ମାସ ମାସ କାଳ ଅଫିସ ନଆସି ଦରମା ସମୟରେ ୨/୪ ଦିନ ଆସି ଦରମା କାମ ସାରି ଚାଲି ଯାଉଥିବା ଖବର ମିଳିଛି । ନିକଟରେ ସୁନ୍ଦରଗଡର ଏକ ଖବର ମଧ ପଦାକୁ ଆସିଛି । ଏହା ଦ୍ୱାରା ଲୋକେ ତାଙ୍କର ବିଭିନ୍ନ କାମ ନେଇ ବାରମ୍ବାର ଏହି ସବୁ ଅଫିସରୁ ଫେରୁଥିବା ଦେଖାଯାଉଛି । ଏସବୁ କାରବାରକୁ ସେହି ଅଫିସ ର ବଡ ବାବୁ ମାନେ କାମ ଚଳେଇ ନେଉଥିବାରୁ ଅଧିକାରୀ ମାନେ ନିଶ୍ଚିତ ହୋଇ ରହୁଥିବାର ଖବର ମିଳିଛି । ନିକଟରେ ରାଜ୍ୟ ସରକାର ନିୟମ କରିଥିଲେ ଠକ, ଅଳସୁଆ ଓ କାମ କରୁନଥିବା କର୍ମଚାରୀ ମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଜିବ । ହେଲେ ଯଦି ଅଫିସ ଗୁଡିକର ସାହେବ ମାନେ ଅଫିସ ନଆସିବେ ସେମାନଙ୍କୁ ବଂଚାଇ ରଖିବେ କର୍ମଚାରୀ, ତେବେ ସରକାରଙ୍କର ଏହି ମହତ ଲକ୍ଷ୍ୟ କେମିତି ପୁରଣ ହେବ । କିଏ ଏଥିରେ ସହ ଯୋଗ କରିବେ ତାହା ଏବେ ଆଲୋଚନାର ବିଷୟ ହୋଇଛି । ରାଉରକେଲାର ମାପ ଓଜନ ବିଭାଗ, ଫାକ୍ଟ୍ରୀ ଓ ବୟଲର ବିଭାଗ, ଡ୍ରଗ୍ସ ଇନ୍ସପେକ୍ଟର ଅଫିସ, ପୂର୍ତ ବିଭାଗ ସମେତ ଏଭଳି ଅନେକ ବିଭାଗର ବାବୁ ମାନେ ନିୟମିତ ଅଫିସ ଆସୁନଥିବା ଓ ଅଫିସରେ ତାଙ୍କ ଦେଖା ମିଳୁ ନଥିବା ଅଭିଯୋଗ ହେଉଛି । ଏଭଳି କ୍ଷେତ୍ରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ମଧ ଏହି ସବୁ ଅଫିସ ଉପରେ ନଜର ଦେଉନଥିବା ଜଣାପଡିଛି । ରାଜ୍ୟ ସରକାର ବିଭିନ୍ନ ଅଫିସ ଗୁଡିକୁ ମାସର ବିଭିନ୍ନ ବାରରେ ସରପ୍ରାଇଜ ଯାଂଚ୍ କରାଇପାରିଲେ ଠକ ଅଫିସର ମାନେ ଧରା ପଡିବେ ଓ ଲୋକେ ସୁବିଧା ପାଇବେ ତଥା କର୍ମଚାରୀ ମାନେ ତତ୍ପର ହେବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# କନ୍ଧମାଳ ଜିଲ୍ଲାରେ ନୂଆ ୧୯ କରୋନା ସଂକ୍ରମିତ ଚିହ୍ନଟ : ଜିଲ୍ଲାରେ ମୋଟ୍ ୫,୭୧୪

କନ୍ଧମାଳ,୫ା୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆଜି ନୂଆ ୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୭୧୪ ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଗତକାଲି ସୁଦ୍ଧା ୫,୫୬୯ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୧ ରହିଛି । ୧୧୪ ଜଣ ସଂକ୍ରମିତ ବିଭିନ୍ନ କୋଭିଡ୍ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତ ମାନଙ୍କ ମଧ୍ୟରେ ବାଲିଗୁଡା ବିଜ୍ଞାପିତ ଅଂଚଳରେ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଘ୍ରୁ.ଉଦୟଗିରି ଅଂଚଳ ୨ ଜଣ, ଦାରିଙ୍ଗବାଡିରେ ୨ ଜଣ, ଖଜୁରିପଡାରେ ୩ ଜଣ, ଟିକାବାଲି ଏବଂ ତୁମୁଡିବନ୍ଧ ଅଳରେ ୨ ଜଣ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲା ସଦରମହକୁମା ଫୁଲବାଣୀ ସମେତ ୬ ଟି ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା ଶୂନ୍ ଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କରୋନା ସଂକ୍ରମଣ ଲାଗରହିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ କାମରେ ଘରୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖି ଯାତାୟାତ କରିବା ଓ କୋଭିଡ୍ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି ।

# ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରହସନ ଅଭିଯୋଗ : ଆନ୍ଦୋଳନ ପାଇଁ ସଜବାଜ

ନୂଆପଡା,୫ା୧୧ (ନି.ପ୍ର): ସରକାର ଗରିବ ଅସହାୟ ପରିବାର ମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ରାସନକାର୍ଡ ଯୋଗାଇ ପ୍ରତିମାସରେ ଖାଉଟି ସାମଗ୍ରୀ ପ୍ରଦାନ କରୁଛନ୍ତି । ବର୍ତମାନ କରୋନା ମହାମାରୀ ମୁକାବିଲା ସମୟରେ ରାସନ କାର୍ଡଧାରି ହିତାଧିକାରୀଙ୍କୁ ଅଗ୍ରୀମ ରାସନ ସାମଗ୍ରୀ ପ୍ରଦାନ କରିବା ସହ ଗରିବ କଲ୍ୟାଣ ଯୋଜନାରେ ମାଗଣା ରାସନ ସାମଗ୍ରୀ ମଧ୍ୟ ବଂଟନ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ଅବହେଳା ତଥା ବେପରୁଆ ନିତୀ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ପରିବାର ରାସନକାର୍ଡ ପାଇବାରୁ ବଂଚିତ ଥିବାରୁ ଏହି ସବୁ ଯୋଜନାରେ ସାମିଲ ହୋଇନପାରି ଲାଭ ପାଇବାରୁ ବାଦ୍ ପଡିଛନ୍ତି । ସେହିପରି ଶହ ଶହ ହିତାଧିକାରୀଙ୍କ ଆଧାର ସଂଯୋଗ ହୋଇପାରି ନଥିବାରୁ ମଧ୍ୟ ଏହି ସବୁ ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗ ହେଉଛି । ଫଳରେ ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ ପ୍ରହସନ ବୋଲି ଚର୍ଚ୍ଚା ଜୋର ଧରିଛି । ଏଭଳି ଅଭିଯୋଗ ଆସିଛି ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଝାରବନ୍ଧ ପଂଚାୟତରେ । ଝାରବନ୍ଧ ପଂଚାୟତ ଅନ୍ତର୍ଗତ ମାଲପଡା, କନ୍ଦାମୁଣ୍ଡା, ଝୁଲେନବର, ନାଗଝର ଓ ତିଲେଇମାଲ ଗ୍ରାମର ଅନେକ ଯୋଗ୍ୟ ହିତାଧିକାରି ରାସନକାର୍ଡ ପାଇବାରୁ ବଂଚିତ ଥିବା ଅଭିଯୋଗ କରିଛନ୍ତି । ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ଆବେଦନ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ହିତାଧିକାରୀ ପ୍ରକାଶ କରିଛନ୍ତି । ପଂଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକର ବିଭାଗୀୟ ଯୋଗାଣ ନୀରିକ୍ଷକଙ୍କୁ ବାରମ୍ବାର ଯୋଗାଯୋଗ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଏବେ ହୋଇପାରିବ ନାହିଁ, ସାଇଟ୍ ଖୋଲିଲେ ହେବ କହି ଭୁଆଁ ବୁଲାଉଥିବା ସେମାନେ ଅଭିଯୋଗ କରିଛନ୍ତି । ସେହିପରି ଶହ ଶହ ହିତାଧିକାରୀଙ୍କ ଆଧାର ସଂଯୋଗ ମଧ୍ୟ ହୋଇପାରି ନାହିଁ । ଆଧାର ସଂଯୋଗ ପାଇଁ ମଧ୍ୟ ବାରମ୍ବାର ଆଧାର କାର୍ଡ ଦିଆଯାଉଥିଲେ ବି ସଂଯୋଗ ହୋଇପାରୁ ନାହିଁ । ଫଳରେ ଗରିବ ଅସହାୟ ଯୋଗ୍ୟ ହିତାଧିକାରି ପରିବାର ଯୋଜନାରୁ ବାଦ ପଡିବା ସହ ମାସିକ ରାସନ ସାମଗ୍ରୀ ଏବଂ କରୋନା ସହାୟତା ତଥା ଗରିବ କଲ୍ୟାଣ ଯୋଜନାର ଲାଭ ପାଇବାରୁ ବଂଚିତ ହୋଇଛନ୍ତି । ପ୍ରଶାସନ ତରଫରୁ ବାରମ୍ବାର ଯୋଗ୍ୟ ହିତାଧିକାରୀ ଚୟନ କରି ରାସନ ସାମଗ୍ରୀ ତଥା କରୋନା ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ ବି ବିଭାଗୀୟ ଅଧିକାରୀ କର୍ମଚାରୀ ହାତବାନ୍ଧି ବସି ଥିବା ଅନୁମାନ କରାଯାଉଛି । ପ୍ରକାଶ ଯୋଗ୍ୟ ଯେ ମାଲପଡା ନିବାସୀ ବାଲମତି ମାଝୀ, କୁଣ୍ଡଲୀ ମାଝୀ, ଉମାକାନ୍ତି ମାଝୀ, ଝୁଲେନବର ନିବାସୀ ମୁକ୍ତା ମାଝୀ, ବାସ ମାଝୀ, ପ୍ରମିଳା ମାଝୀ, ନିଲେନ୍ଦ୍ରୀ ମାଝୀ, ସେମତି ମାଝୀ, ରମା ମାଝୀ, ଟିକେମନି ମାଝୀ, ସଂଯୁକ୍ତା ମାଝୀ, ରଶ୍ମିତା ମାଝୀ, ଶୁଶିଲା ମାଝୀ, ସୁରେଖା ମାଝୀ ପ୍ରମୁଖ ରାସନ କାର୍ଡ ପାଇବାରୁ ବାଦ ପଡିଥିବା ବେଳେ କନ୍ଦାମୁଣ୍ଡା ନିବାସୀ ଜୟମନି ମାଝୀ, ମାଲତି ବାଗ, ସଙ୍ଗିତା ବାଗ ମଧ୍ୟ ବଂଚିତ ହୋଇଛନ୍ତି । ସେହିପରି ଏହି ପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ପ୍ରାୟ ତିରିଶ ପରିବାରର ରାସନ କାର୍ଡ ନଥିବା ବେଳେ ପ୍ରାୟ ୨୫୦ ଜଣଙ୍କ ଆଧାର ସଂଯୋଗ ହୋଇପାରି ନାହିଁ । ଫଳରେ ସମସ୍ତେ ଖାଉଟି ବିଭାଗର ସବୁପ୍ରକାର ଯୋଜନାରୁ ବାଦ ପଡିଥିବା ନେଇ ଅଭିଯୋଗ କରିଛନ୍ତି । ପୁନଶ୍ଚ ଅଭିଯୋଗ ଅନୁସାରେ ଲକଡାଉନ୍ ପୂର୍ବରୁ ରାସନ କାର୍ଡ ଓ ଆଧାର ସଂଯୋଗ ପାଇଁ ଆବେଦନ କରାଯାଉଛି, ହେଲେ ସୁଫଳ ମିଳି ପାରୁନଥିବା ପ୍ରକାଶ କରିଛନ୍ତି । ବିଭାଗୀୟ ଅଧିକାରି ଏହାର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାସନକାର୍ଡ ପ୍ରଦାନ କରିବା ସହ ଆଧାର ସଂଯୋଗ କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଏକ ଗ୍ରାମସଭା କରି ଆନ୍ଦୋଳନ କରିବାକୁ ନିଷ୍ପତି ନେଇଥିବା ଜଣାପଡିଛି । ଏ ନେଇ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ସାଇଟ୍ ଖୋଲିଲେ ତୁରନ୍ତ ବାଦ ପଡିଥିବା ହିତାଧିକାରୀଙ୍କୁ ରାସନ କାର୍ଡରେ ସାମିଲ କରାଯିବ ଏବଂ ଆଧାର ସଂଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲା ଯୋଜନା ବୋର୍ଡ଼ : ଦୀର୍ଘ ଦୁଇ ବର୍ଷରୁ ଅଧିକ ଦିନ ଧରି ବସିନାହିଁ ବୈଠକ

## ମାତ୍ର ମନଇଚ୍ଛା ବଂଟାଯାଇଛି କ୍ରିଟିକାଲ ଗ୍ୟାପ୍ ଫଣ୍ଡ

ବାରିପଦା,୫ା୧୧ (ନି.ପ୍ର): ଆଦିସୀବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲା ମୟୂରଭଞ୍ଜ ଓଡ଼ିଶାର ସର୍ବବୃହତ ଜିଲ୍ଲା । ଜିଲ୍ଲାର ସାମଗ୍ରୀକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଯୋଜନାଗୁଡ଼ିକର ରୂପାୟନ ପାଇଁ ଗଠିତ ହୋଇଛି ଜିଲ୍ଲା ଯୋଜନା ବୋର୍ଡ଼ । ବୋର୍ଡ଼ରେ ଜଣେ ଅଧକ୍ଷଙ୍କୁ ସରକାର ନିଯୁକ୍ତି ଦେଇଥାନ୍ତି । କିନ୍ତୁ, ଆଦିବାସୀ ଅଧ୍ୟୁଷିତ ପଛୁଆ ତଥା ଓଡ଼ିଶାର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜରେ ୨ ବର୍ଷ ୩ ମାସରୁ ଅଧିକ ସମୟ ହେବ ଥରୁଟିଏ ହେଲେ ବସି ପାରି ନାହିଁ ଜିଲ୍ଲା ଯୋଜନା କମିଟିର ବୈଠକ । ପୂର୍ବତନ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ଉଦଳା ବିଧାୟକ ଗୋଲକ ବିହାରୀ ନାୟକଙ୍କ ଅଧକ୍ଷତାରେ ୨୦୧୮ ଅଗଷ୍ଟ ୨୯ରେ ବସିଥିଲା ଶେଷ ବୈଠକ । ଏହାପରେ ୨୦୧୯ ଏପ୍ରିଲରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପରେ ଅଗଷ୍ଟ ମାସରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଭାବେ ରାଜ୍ୟ ପଂଚାୟତିରାଜ, ଆଇନ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନୋନୀତ କରାଇଥିଲେ ଏବଂ ମନ୍ତ୍ରୀ ଶ୍ରୀଜେନା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣକୁ ଏକ ବର୍ଷ ତିନି ମାସ ବିତି ଯାଇଥିଲେ ମଧ ଅଦ୍ୟାବଧି ଥରୁଟିଏ ହେଲେ ବସି ପାରିଲା ନାହିଁ ଜିଲ୍ଲା ଯୋଜନା କମିଟିର ବୈଠକ । କିନ୍ତୁ ଏହା ମଧରେ ମନ୍ତ୍ରୀ ଶ୍ରୀଜେନା ଏକାଧିକ ଥର ବାରିପଦା ଗସ୍ତରେ ଆସି ଫେରି ଯାଇଥିବା ସମୟରେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ଜିଲ୍ଲା ଯୋଜନା କମିଟିର ବୈଠକ ଡ଼କାଇବା ଦିଗରେ ଟିକେ ହେଲେ ଗୁରୁତ୍ୱ ଦେଇ ନାହାନ୍ତି । ଅଥଚ କମିଟି ଅଧୀନରେ ଥିବା କ୍ରିଟିକାଲ ଗ୍ୟାପ୍ ଫଣ୍ଡ(ସିଜିଏଫ)ରୁ ମନ ଇଚ୍ଛା ପ୍ରକଳ୍ପ ଅନୁମୋଦନ କରାଯାଇଥିବାର ବାରିପଦା ବିଧାୟକ ପ୍ରକାଶ ସୋରେନ ଆମ ଜିଲ୍ଲା ପ୍ରତିନିଧିଙ୍କୁ ଏକ ସାକ୍ଷାତକାରରେ କହିଛନ୍ତି । ସେହିପରି ବିଧାୟକ ଶ୍ରୀସୋରେନଙ୍କ କହିବା ଅନୁସାରେ, ସିଜିଏଫ୍ ଫଣ୍ଡରୁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀକୁ ୩୦ ଲକ୍ଷ ଟଙ୍କା ପାଣ୍ଠି ଯୋଗାଇ ଦିଆଯାଉଥିବା ବେଳେ ସାଧାରଣତଃ ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ପ୍ରସ୍ତାବିତ ପ୍ରକଳ୍ପକୁ ଅନୁମୋଦନ କରାଯାଇଥାଏ । ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଥର କିନ୍ତୁ ସ୍ଥାନୀୟ ବିଧାୟକଙ୍କୁ ଅଣଦେଖା ପ୍ରଦର୍ଶନ ପୂର୍ବକ ଡ଼ିପିସିର ଅଧକ୍ଷ ଥିବା ମନ୍ତ୍ରୀ ଶ୍ରୀଜେନା ଓ ଜିଲ୍ଲାର କିଛି ଅସାଧୁ ଅଫିସର ସେମାନଙ୍କ ଇଚ୍ଛା ମୁତାବକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି । ଯାହା ସେମାନଙ୍କୁ ସୁହାଇବା ଭଳି କେତେକ ଠିକାଦାରଙ୍କ ସହ ଶାସକ ଦଳର ନେତାଙ୍କ ହିତରେ ଆସିବା ଭଳି ଏକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଥିବାର ବିଧାୟକ ଶ୍ରୀସୋରେନ ପ୍ରକାଶ କରିଛନ୍ତି । କ୍ରିଟିକାଲ ଗ୍ୟାପ୍ ଫଣ୍ଡର ଉପଯୋଗ ନିମନ୍ତେ ସ୍ଥାନୀୟ ବିଧାୟକଙ୍କ ସହିତ ପରାମର୍ଶ କରାଯିବା ସହ ତାଙ୍କ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦେବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱଷ୍ଟ ନିର୍ଦ୍ଦେଶ ରହିଥିବା ବେଳେ ଚଳିତ ବର୍ଷ ଏପ୍ରିଲରେ ଆସିଥିବା ଚିଠି ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ନିର୍ବାଚିତ ବିଜେପି ବିଧାୟକମାନେ ପ୍ରକଳ୍ପଗୁଡ଼ିକର ପ୍ରସ୍ତାବ ଡ଼ିପିସିକୁ ଦେଇଥିଲେ ମଧ କୌଣସି ବୈଠକ ଡ଼କାନଯାଇ ମନମୁଖୀ ଭାବେ ଶାସକ ଦଳର ନେତା ଓ ଠିକାଦାରଙ୍କୁ ସହାଇବା ଭଳି ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି । ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ ଓ ପକ୍ଷପାତିତା ଦର୍ଶାଇ ବିଜେପିର ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଡ଼ା ବୁଢ଼ାନ ମୁର୍ମୁ ପ୍ରମୁଖ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ସାକ୍ଷାତ କରି ତାଙ୍କର ଦୃଷ୍ଟି ଆକର୍ଷଣ କରାଇ ତୁରନ୍ତ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ବାତିଲ କରିବା ସହ ବିଧାୟକମାନେ ଦାଖଲ କରିଥିବା ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରାଇବାକୁ ଦାବି କରିଛନ୍ତି । ଯଦି ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୁଏ, ତେବେ ବିଜେପି ଆନ୍ଦୋଳନକୁ ଓହ୍ଲାଇ ଆସିବାକୁ ବାଧ ହେବେ । ଶେଷ ଥର ନିମନ୍ତେ ୨୦୧୮ରେ ବସିଥିବା ଜିଲ୍ଲା ଯୋଜନା କମିଟିର ବୈଠକରେ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ୩୩ କୋଟି ୫୫ଲକ୍ଷ ୧୮ ହଜାର ଟଙ୍କାର ଯୋଜନା ଅଟକଳ କମିଟିର ବୈଠକରେ ଅନୁମୋଦନ କରାଯାଇଥିଲା । ମାତ୍ର ଏହା ମଧରେ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ ଡ଼ିପିସି ବୈଠକ ନ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବିଷୟ ବୋଲି ବାରିପଦା ବିଧାୟକ ଶ୍ରୀସୋରେନ ପ୍ରକାଶ କରିଛନ୍ତି ।

## ଫୁଲବାଣୀ ରେଞ୍ଜ ଅଂଚଳରୁ ବାଘଛାଲ ଚାଲାଣ ଘଟଣା

# ଅନ୍ୟ ଜଣେ ମାଷ୍ଟର ମାଇଣ୍ଡ ଗିରଫ,ଦେଢ ଲକ୍ଷ ଟଙ୍କାରେ ହୋଇଥିଲା ଡିଲ୍

କନ୍ଧମାଳ,୫ା୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ସୁଦ୍ରୁକୁମ୍ପାରୁ ଅଟୋରେ ଏକ କଲରାପତରିଆ ବାଘର ଛାଲ ସମେତ ତାର ପଞ୍ଝା ଗୁଡିକୁ ଚାଲାଣ କରାଯାଉଥିବାବେଳେ ଗୁଦାରୀ ଠାରୁ ଜବତ କରାଯିବା ଘଟଣାର ଅଉ ଜଣେ ମାଷ୍ଟର ମାଇଣ୍ଡକୁ ମଙ୍ଗଳବାର ଦିନ ଗିରଫ କରିଥିବା ନେଇ ସୁଚନା ଦେଇଛନ୍ତି ଫୁଲବାଣୀ ରେଞ୍ଜର ସଚିଦାନନ୍ଦ ସେଠୀ । ଅଭିଯୁକ୍ତ ଜଣଙ୍କ ପଂଚାନନ ଦିଗାଲ (୩୮) ଏବଂ ତାଙ୍କ ଘର ଫୁଲବାଣୀ ସଦରଥାନା ଅଂଚଳରେ ଥିବା ଗୁଦାରୀ ଗ୍ରାମାରେ ବୋଲି ଜଣାପଡିଛି । ତେବେ କୌଣସି କାମରେ ଫୁଲବାଣୀ ଗାନ୍ଧୀଛକକୁ ଆସିଥିବାବେଳେ ତାକୁ ଗିରଫ କରାଯାଇଥିବା ଜଣାପଡିଛି ଫୁଲବାଣୀ ରେଞ୍ଜର ଗିରଫ କରି ତାକୁ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁସାରେ ପୁର୍ବରୁ ରୁଜ୍ଜୁ କରାଯାଇଥିବା ୮୯/୨୦୨୦ ମାମଲାରେ କୋର୍ଟ ଚାଲାଣ କରିଥିବା କହିଛନ୍ତି । ତେବେ ଏହି ଅଭିଯୁକ୍ତ ମାନଙ୍କୁ କଲିକତା,ଦିଲ୍ଲି ଏବଂ ହାଇଦ୍ରାବାଦ ଭଳି ବାହାର ରାଜ୍ୟର ଚାଲଲାଣକାରୀ ମାନେ ଟଙ୍କାର ଲୋଭ ଦେଖାଇ ସେମାନଙ୍କୁ ଜଙ୍ଗଲରୁ ବନ୍ୟଜନ୍ତୁଙ୍କ ଶିକାର କରିବାକୁ ପ୍ରବର୍ତାଉଛନ୍ତି ବୋଲି ଫୁଲବାଣୀ ଡିଏଫଓ ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି । ଜବତ ହୋଇଥିବା ଏହି କଲରାପତରିଆ ବାଘର ଛାଲକୁ ସେମାନେ ଦେଢ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ଡିଲ କରିଥିଲେ ବୋଲି ସ୍ୱିକାର କରିଥିବା କହିଛନ୍ତି ସେ । ତେବେ ସୁଦ୍ରୁକୁମ୍ପା ବନାଂଚଳରେ ଥିବା ରାଣି ପଥର ଅଂଚଳରେ ଏହାପୁର୍ବରୁ ଗୋଟିଏ ପୁରୁଷ ଏବଂ ଆଉ ଗୋଟିଏ ମାଈ ବାଘ ଥିଲେ ସେମାନଙ୍କ ମଧ୍ୟରୁ ପୁରୁଷ ବାଘକୁ ଏମାନେ ମାରିଦେଇଛନ୍ତି ଆଉ ଗୋଟିଏ ମାଈ କଲରାପତରିଆ ବାଘ ସେହି ଅଂଚଳରେ ରହିଥିବା ନେଇ ଫୁଲବାଣୀ ଡିଏଫଓ ସୁଚନା ଦେଇଛନ୍ତି । ସୁଚନା ଯୋଗ୍ୟ ଫୁଲବାଣୀର ବ୍ଲକ ଅଂଚଳରେ ଥିବା ଗୁଦାରୀ ଅଂଚଳରୁ ବାହାର ରାଜ୍ୟକୁ ଚାଲାଣ ବେଳେ ଧରା ପଡିଥିବା ଏକ କଲରା ପତରିଆ ବାଘର ଛାଲ ଏବଂ ତାର ପଞ୍ଝା ଗୁଡିକୁ ଜବତ କରି ଏହାକୁ ଚାଲାଣ କରୁଥିବା ଜଣେ ଡ୍ରାଇଭର ଅର୍ଜୁନ ଗଣ୍ଡା ଏବଂ ଜଣେ ଶୀକାରୀ ତ୍ରିନାଥ ମଲ୍ଲିକଙ୍କୁ ଫୁଲବାଣୀ ରେଞ୍ଜ ଅଫିସର ସଚିଦାନନ୍ଦ ସେଠୀ ଏବଂ ସୁଦ୍ରୁକୁମ୍ପା ରେଞ୍ଜର ଶିଶିର କୁମାର ଝାଙ୍କରଙ୍କ ସମେତ ସମସ୍ତ ବନ ବିଭାଗର କର୍ମଚାରୀଙ୍କ ମିଳିତ ଉଦ୍ୟାମରେ ଗତ ୨୨ ତାରିଖରେ ଗିରଫ କରିବାସହିତ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ଚାଲାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ଅଟୋକୁ ଜବତ କରି ଅଭିଯିକ୍ତ ମାନଙ୍କୁ କୋର୍ଟଚାଲାଣ କରିଥିଲା ।

# କରୋନା ଆକ୍ରାନ୍ତ ବୃଦ୍ଧଙ୍କ ମୃତ୍ୟୁ

ନୂଆପଡା,୫ା୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଜଣେ କରୋନା ଆକ୍ରାନ୍ତ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ସେ ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ପଂଚାୟତ ଅନ୍ତର୍ଗତ ଫକୋଟପଡା ଗ୍ରାମର ଜଣେ ୬୩ ବର୍ଷ ବୟସ୍କ ବୃଦ୍ଧ କୋଭିଡରେ ଆକ୍ରାନ୍ତ ଥିଲେ । ଗତକାଲି ତାଙ୍କର ଶ୍ୱାସ ସମସ୍ୟା ଦେଖାଦେବାରୁ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତୀ କରିଥିଲେ । ହେଲେ ବିଲମ୍ବିତ ରାତ୍ରରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ଜିଲ୍ଲା କୋଭିଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୋପାଳ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି । ଜିଲ୍ଲାରେ ବର୍ତମାନ ସୁଦ୍ଧା ୪୭ ଜଣ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି ।

# ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

ନବରଙ୍ଗପୁର,୫ା୧୧ (ନି.ପ୍ର): ମିଶନଶକ୍ତି ହଲଠାରେ ଜିଲାସ୍ତରୀୟ ଖରିଫ ଧାନସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲାପାଳ ଡଃ.ଅଜିତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶଚନ୍ଦ୍ର ମାଝୀ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପାଢୀ, ନବରଙ୍ଗପୁର ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ତ୍ରିପାଠୀ, କୃଷକ ପ୍ରତିନିଧି ଝାଡେଶ୍ୱର ଖାଡଙ୍ଗା, ଆରଏମସି ଉପସଭାପତି ଆଶୀଷ ରଞ୍ଜନ ପଟ୍ଟନାୟକ , ଉପଜିଲାପାଳ ଭାସ୍କର ରଇତ,ଜିଲା ଯୋଗାଣ ଅଧିକାରୀ ସଞ୍ଜିବ କୁମାର ସାହୁ, ଜିଲା କୃଷି ଅଧିକାରୀ ଆନନ୍ଦ ରାଓ, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଏଆରସିଏସ ଚନ୍ଦ୍ର ସେଠିଆ, ଆରଏମସି ସମ୍ପାଦକ ଓ ଜିଲା ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀ ପ୍ରମୂଖ ଯୋଗ ଦେଇଥିଲେ । ଚଳିତ ଖରିଫଋତୁରେ ନିର୍ଦ୍ଧାରିତ ଧାନ ମଣ୍ଡିରେ ଚାଷୀ ତାଙ୍କର ଧାନ ବିକୟ କରି ସରକାରୀ ଧାର୍ଯ୍ୟମୁତାବକ ଉଚିତ ମୂଲ୍ୟ ଯେପରି ପାଇ ପାରିବେ ସେହିଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏଥିରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଖରିଫ ଋତୁରେ ଜିଲାରେ ୨୮୧୭୨ ଜଣ ଚାଷୀ ତାଙ୍କର ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିବା ଜିଲା ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ । କେତେକ ଚାଷୀ ନାମ ପଞ୍ଜିକରଣ ରୁ ବଂଚିତ ହୋଇଥିବା ନେଇ ବୈଠକରେ ବିଧାୟକ ଏବଂ ସାଂସଦ ପ୍ରତିନିଧି ଓ ବିଧାୟକ ପ୍ରତିନିଧି ଉଦବେଗ ପ୍ରକାଶ କରିଥିଲେ । ତେବେ ୨୬୩୮ ଜଣ ଚାଷୀଙ୍କର ପଞ୍ଜିକରଣ ହୋଇ ପାରିନଥିବା ଏଆରସିଏସ ପ୍ରକାଶ କରିଥିଲେ । ବୈଠକରେ ନିଷ୍ପତି ଅନୁଯାୟୀ ପଞ୍ଜିକୃତ ହୋଇନଥିବା ଚାଷୀଙ୍କର ପଞ୍ଜିକରଣ ପାଇଁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ଡଃ, ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ୫୫ଟି ମଣ୍ଡିରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଖରିଫ ଧାନ ସଂଗ୍ରହ କରାଯିବା ପାଇଁ ସ୍ଥିରକୃତ କରାଯାଇଛି । ପି-ପାସ ମାଧ୍ୟମରେ ଚାଷୀ ତାଙ୍କର ଧାନ ମଣ୍ଡିରେ ବିକ୍ରୟକରିବା ପାଇଁ ବ୍ୟବସ୍ଥା କରାଯାଇଛି । ମଣ୍ଡିରେ କୌଣସି ଦଲାଲ ଯେପରି ପ୍ରବେଶ ନକରନ୍ତି ସେଥିପାଇଁ କଡା ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଖରିଫ ଋତୁରେ ସରକାରୀ ଧାନ କ୍ୱିଂଟାଲ ପିଛା ୧୮୬୮ ଟଙ୍କା ଧାର୍ଯ୍ୟ ହୋଇଥିବବେଳେ ଗ୍ରେଡ-ଏ'ଧାନ କ୍ୱିଂଟାଲ ପିଛା ୧୮୮୮ ଟଙ୍କା ଧାର୍ଯ୍ୟ କରାଯାଇଛି । ମଣ୍ଡିରୁ ଠିକ୍ ସମୟରେ ଧାନ ଉଠାଇବା ସହିତ ଉନ୍ନତ ମାନର ଚାଉଳ ଯୋଗଇବା ପାଇଁ ସଂପୃକ୍ତ ମିଲରସ୍ ମାନଙ୍କରୁ ଜିଲାପାଳ ପରାମର୍ଶ ଦେଇଥିଲେ । ତେବେ ଏହିବୈଠକରେ ଜିଲାର ସମସ୍ତ ୧୩ ଟି ଲାମ୍ପର ପରିଚାଳନା ନିର୍ଦ୍ଦେଶକ, ୧୦ବ୍ଲକର ଯୋଗାଣ ନିରୀକ୍ଷକ ମାନଙ୍କୁ ବୈଠକକୁ ବାରଣ କରାଯାଇଥିଲା ।

ଅଂଶୁମାନ ମହାରଣା

# ବାଜି ରାଉତଙ୍କୁ ମିଳୁ ଭାରତର ସର୍ବକନିଷ୍ଠ ଶହୀଦର ମାନ୍ୟତା





ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟ ମାନଙ୍କର ଅସୀମ, ତ୍ୟାଗ, ନିରବଚ୍ଛିନ୍ନ ସଂଗ୍ରାମ, ଅତୁଳନୀୟ ସାଧନା ସାହସିକତା ଆତ୍ମବଳିଦାନ ଫଳରେ ଆମ ଜନ୍ମଭୂମି ଭାରତ ପରାଧୀନତାର ଶୃଙ୍ଖଳରୁ ମୁକ୍ତିଲାଭ କରିଥିଲା । ଏହି ସଂଗ୍ରାମରେ ଶତ ଶତ ଭାରତୀୟ ସ୍ୱଇଚ୍ଛାରେ ଜେଲ, ଜରିମାନା ଦେବା ସଙ୍ଗେ ସଙ୍ଗେ ଆତ୍ମବଳି ଦେବାକୁ ପଛାଇ ନ ଥିଲେ । ସେହି ଶହୀଦ ମାନଙ୍କ ମଧ୍ୟରେ ୧୯୩୮ ମସିହାର ଢେଙ୍କାନାଳ ଜିଲ୍ଲାର ଗଡଜାତ ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ୧୨ ବର୍ଷର ବାଳକ ବାଜି ରାଉତ ଅନ୍ୟତମ । ଯେତେବେଳେ ଭାରତର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କଳୁଷିତ ତଥା ଭାରତୀୟ ମାନେ ସ୍ୱାଧୀନତାର ଚେତନାରେ ଜର୍ଜରିତ ଥିଲେ, ଠିକ ସେତିକି ବେଳେ ନିରୀହ କୋମଳମତି ୧୨ ବର୍ଷର ବାଳକ ବାଜି ରାଉତର ଆତ୍ମବଳି ଆଣି ଦେଇଥିଲା ସ୍ୱଦନ ଓ ଦର୍ଶାଇଥିଲା ଦିଗଦର୍ଶନର ପ୍ରକୃତ ପଥ । ୧୨ ବର୍ଷର ବାଳକ ବାଜି ରାଉତର ଆତ୍ମବଳି ସୃଷ୍ଟି କରିଦେଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ । ଚିରଦିନ ପାଇଁ ବାଜି ରାଉତର ଆତ୍ମବଳିଦାନ ସମଗ୍ର ମାନବ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲା ।

୧୯୩୬ ଅପ୍ରେଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଗଡଜାତ ଶାସନରେ ଅତ୍ୟାଚାରିତ ପ୍ରଜାମାନଙ୍କ ଆତ୍ମବଳର ଉଦ୍ରେକ ଘଟିଲା । ଫଳରେ ରାଜାଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ସ୍ୱର ପ୍ରକାଶ ପାଇଲା । ପ୍ରଜାଙ୍କ ସୁରକ୍ଷା ପାଇଁ ୧୯୩୮ ମସିହାରେ ଗଠିତ ହୋଇଥିଲା ପ୍ରଜାମଣ୍ଡଳ, ଯାହାକୁ ମାର୍ଗଦର୍ଶନ ଦେଇଥିଲେ ସାରଙ୍ଗଧର ଦାସ, କୈଳାଶ ଚନ୍ଦ୍ର ମହାନ୍ତି, ଡ଼ଃ ରାଧାନାଥ ରଥ, ଶ୍ରୀଧରଦାସ, କପିଳ ପ୍ରସାଦ ନନ୍ଦ, ପବିତ୍ର ମୋହନ ପ୍ରଧାନ, ରଘୁନାଥ ମହାନ୍ତି, ଦିବାକର ପରିଡ଼ାଙ୍କ ଭଳି ମହାନ ନେତୃତ୍ୱଗଣ । ଢେଙ୍କାନାଳ ଗଡଜାତର ଅପାରଗ ରାଜା ଶଙ୍କର ପ୍ରତାପଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଏହି ବର୍ଷ ଜୁନ ମାସରେ ପ୍ରଜାମଣ୍ଡଳ ଗଠନ କରା ଯାଇଥିଲା । ଏହି ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ଥିଲେ ନୀଳକଣ୍ଠପୁର ଗ୍ରାମର ଏକ ଗରିବ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କ ଏକମାତ୍ର ସନ୍ତାନ ବାଜି ରାଉତ । ୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ ବୀର ବିପ୍ଳବୀ ବାଜି ରାଉତ ।

ଢେଙ୍କାନାଳ ଗଡଜାତର ରାଜା ଶଙ୍କର ପ୍ରତାପ ଥିଲେ ଅତ୍ୟନ୍ତ ଅପାରଗ । ଇଂରେଜ ସରକାରଙ୍କ ସହିତ ସନ୍ଧି କରି ତାଙ୍କର ପ୍ରତିନିଧି ଭାବରେ ସେ ଶାସନ କରୁଥିଲେ । ରାଜାଙ୍କ କର୍ମଚାରୀ ଓ ପୋଲିସ ଫଉଜ ମାନେ ଗରିବ ଓ ନିରୀହ ପ୍ରଜାମାନଙ୍କ ଉପରେ ବିନା କାରଣରେ ଜୁଲମ କରି ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନଥିଲେ । ଧୀରେ ଧୀରେ ପ୍ରଜା ମାନଙ୍କର କ୍ଷୋଭ ଓ ଅସନ୍ତୋଷର ନିଆଁ ପ୍ରଜ୍ୱଳିତ ହୋଇ ଏକ ବିରାଟ ରପ ଧାରଣ କରିଥିଲା । ଗଡଜାତ ଆନ୍ଦୋଳନର ଆହ୍ୱାନ ଢେଙ୍କାନାଳର ପ୍ରଜା ମାନଙ୍କୁ ରାଜାଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଖୋରାକ ଯୋଗାଇଥିଲା । ଭୁବନ ଗ୍ରାମ ଥିଲା ଢେଙ୍କାନାଳରେ ଗଡଜାତ ଆନ୍ଦୋଳନ ସଂଗ୍ରାମର ପ୍ରମୁଖ କେନ୍ଦ୍ରସ୍ଥଳୀ । ଭୁବନ ଅଂଚଳରେ ମହନ୍ତ ପ୍ରଧାନ, ବଟ ସାହୁ, ରଙ୍ଗଲାଲ ଅଗ୍ରବାଲ, ଲକ୍ଷ୍ମଣ ସାହୁ, ବଟ ସାହୁ ଗୁରୀ ନାୟକ, ହୁରୁଷି ପ୍ରଧାନ, ବେଣୁଧର ପ୍ରଧାନ ସଭ୍ୟମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ, ଯାହାର ସଭାପତି ଥିଲେ ପଣ୍ଡିତ ଗଙ୍ଗାଧର ମିଶ୍ର ତଥା ସମ୍ପାଦକ ଥିଲେ ବେଣୁଧର ଦେଓ । ପ୍ରଜାମଣ୍ଡଳକୁ ସହଯୋଗ କରିବା ପାଇଁ ବଟ ସାହୁଙ୍କ ନେତୃତ୍ୱରେ ୧୧/୧୨ ବର୍ଷର ବାଳକ ମାନଙ୍କୁ ନେଇ ଏକ ବାନର ସେନା ଗଠନ କରାଯାଇଥିଲା । ଗଙ୍ଗାଧର ରାଉତ, ନଟବର ନାୟକ, ଗୌରାଙ୍ଗ ମହାପାତ୍ରଙ୍କ ଭଳି ବାଜି ରାଉତ ମଧ୍ୟ ଏହି ବାନର ସେନାର ସଦସ୍ୟ ଥିଲେ ।

ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀ ମାନଙ୍କୁ ଦମନ କରିବା ପାଇଁ ରାଜା ଶଙ୍କର ପ୍ରତାପଙ୍କ ପରାମର୍ଶ କ୍ରମେ ୧୯୩୮ ମସିହା ଅକ୍ଟୋବର ମାସରେ ୧୧ ତାରିଖ ଦିନ ବିଜୟ ଘୋଷଙ୍କ ନେତୃତ୍ୱରେ ଇଂରେଜ ସରକାରର ପୋଲିସ ବାହିନୀ ସଂଗ୍ରାମର କେନ୍ଦ୍ରସ୍ଥଳୀ ଭୁବନରେ ପହଂଚିଥିଲେ । ଦୀର୍ଘଦିନ ଧରି ଲାଗି ରହିଥିବା ଝଡବର୍ଷା ଓ ଅନ୍ଧାର ରାତି ଥିଲା ସଂଗ୍ରାମୀ ମାନଙ୍କ ପାଇଁ ମୁଖ୍ୟ ପ୍ରତିବନ୍ଧକ । ଯେତେବେଳେ ଶହ ଶହ ସଂଗ୍ରାମୀ ଏକତ୍ରିତ ହୋଇ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ପୋଲିସ ବାହିନୀ ଜୀବନ ବିକଳରେ ଲୁଚିଛପି ପଛଘୁଂଚା ଦେଇଥିଲେ । ଭୁବନ ଠାରୁ ଢେଙ୍କାନାଳ ସଦର ମହକୁମା ତଥା ପୋଲିସ ବାହିନୀର ଶିବିର ଗୋଟିଏ ବାଟ ଥିଲା । ସେହି ବାଟ ମଧ୍ୟରେ ନୀଳକଣ୍ଠପୁର ନଦୀଘାଟଟି ଥିଲା ମୁଖ୍ୟ ପ୍ରତିବନ୍ଧକ । ନୀଳକଣ୍ଠପୁରର ପ୍ରଜାମାନେ ଏହି ଘାଟରେ ଶତୃମାନଙ୍କୁ ପାରି କରିବେ ନାହିଁ ବୋଲି ପୂର୍ବରୁ ସ୍ଥିର କରିଥିଲେ । ଏହା ସମସ୍ତ ପ୍ରଜା ମାନଙ୍କ ଉପସ୍ଥିତିରେ ଏକ ଗ୍ରାମ୍ୟ ସଭାରେ ସ୍ଥିର ହୋଇଥିଲା । ଦିବାରାତ୍ର ନଦୀଘାଟ ଜଗିବା ପାଇଁ ନାଉରିଆ ସମେତ ଗ୍ରାମ ତରପରୁ ଜଣେ ଜଣେ ପ୍ରତିଦିନ କାର୍ଯ୍ୟବଂଟା ହୋଇଥିଲା । ବ୍ରାହ୍ମଣୀ ନଦୀର ଦୁଇକୂଳ ଜଳର ପ୍ରଖର ସ୍ରୋତରେ ଉଛୁଳି ପଡୁଥିଲା । ସେଦିନର କିଟିମିଟିଆ ରାତିରେ ଘାଟ ଜଗିବାର ପାଳି ଥିଲା ବାଜି ରାଉତର ।

ବାଜି ରାଉତ କେତେଜଣ ସ୍ୱେଚ୍ଛାସେବୀଙ୍କ ଗହଣରେ ସେହି ରାତିରେ ଘାଟ ଜଗିଥାଏ । ହଠାତ ପୋଲିସ ଫୌଜ ଭୁବନରେ ଅତ୍ୟାଚାର କରି ଜୀବନ ବିକଳରେ ନଦୀଘାଟ ପାରି ହେବାକୁ ନୀଳକଣ୍ଠପୁର ନଦୀଘାଟରେ ଉପସ୍ଥିତ ହୋଇଗଲେ । ବଡପାଟିରେ ଡ଼ାକି ପକାଇଲେ ନାଉରିଆକୁ ନଦୀ ପାର କରିବା ପାଇଁ । ବିଳମ୍ବ ନ କରି ବୀରଦର୍ପରେ ପୋଲିସ ମାନଙ୍କୁ ୧୨ ବର୍ଷର ବାଳକ ଜବାବ ଦେଲା, ପାରି କରିବା ତବ ଦୂରର କଥା, ପ୍ରଜାମଣ୍ଡଳର ଆଦେଶ ମୁଁ ଆପଣଙ୍କୁ ଡ଼ଙ୍ଗାରେ ବସାଇବି ନାହିଁ । ସିପାହୀ ମାନେ ପୁଣିଥରେ ନଦୀ ପାର କରିବା ପାଇଁ ବାଜି ରାଉତକୁ କହିବା ସହ ପାରି ନକଲେ ଗୁଳି ମାରିବାକୁ ଧମକ ଦେଲେ । ଏହା ଶୁଣି ବାଜି ରାଉତ ନିର୍ଭୀକତାର ସହ ଜବାବ ଦେବା ସହ ଫିରାଙ୍ଗୀ ସେନାକୁ ଭର୍ତ୍ସନା କରିବା ସମୟରେ ନିରୀହ ପାଟିରୁ ଭୟଙ୍କର ଚିତ୍କାର ନସରୁଣୁ ଇଂରେଜ ପୋଲିସ ବନ୍ଧୁକ ନଳୀରୁ ଗୁଳିଟିଏ ଆସି ବାଜିଗଲା ବାଜି ରାଉତର ମୁଣ୍ଡ କପାଳରେ । କଅଁଳିଆ ଖପୁରିଟା ଦୁଇଫାଳ ହୋଇଯିବା ସହ କ୍ଷଣକ ମଧ୍ୟରେ ବାଜି ରାଉତର ଶରୀର ଭୂପତିତ ହେଲା । ପୁନର୍ବାର ଉଠି ବଡ଼ପାଟିରେ ଗ୍ରାମବାସୀଙ୍କୁ ଡ଼ାକ ପକାଇଲା ଗ୍ରାମବାସୀଙ୍କୁ । ତା ପରେ ସବୁ କିଛି ଶେଷ ।

ବାଜି ରାଉତର ପାଟିଶୁଣି ଶତଶତ ଗ୍ରାମବାସୀ ଓ ପ୍ରଜାମଣ୍ଡଳର କର୍ମୀ ବିଜୁଳି ବେଗରେ ଧାଇଁ ଆସିଲେ । ସମସ୍ତେ ବାଜି ରାଉତର ମୃତ ଶରୀର ଦେଖି ରାଗରେ ଜର୍ଜରିତ ହୋଇ ଉଠିଲେ । ପୋଲିସ ବାହିନୀ ଜୀବନ ବିକଳରେ କୌଶଳ କରି ଡଙ୍ଗାର ଦଉଡ଼ିକୁ ମଝିରୁ କାଟି ଡ଼ଙ୍ଗାରେ ନଦୀର ମଝିଗର୍ଭକୁ ପଳାଇଲେ । ମଝିନଦୀରୁ ଗୋଟିଏ ପରେ ଗୋଟିଏ ଗୁଳି କରି ବହୁତ ଲୋକଙ୍କୁ ରକ୍ତାକ୍ତ କରି ପକାଇଲେ, ସେଥି ମଧ୍ୟରୁ ୬ ଜଣ ସେହି ନଦୀଘାଟରେ ମୃତ୍ୟୁବରଣ କରିଥିଲେ । ବାଜିରାଉତ ସମେତ ସେଠାରେ ମୃତ୍ୟୁବରଣ କରିଥିବା ଶହୀଦ ହେଲେ ହୁରୁଷି ପ୍ରଧାନ, ରଘୁ ନାୟକ, ନଟ ମଲ୍ଲିକ, ଲକ୍ଷ୍ମଣ ମଲ୍ଲିକ, ଓ ଫଗୁ ସାହୁ । ଦେଶ ଓ ଜାତିର ସ୍ୱାର୍ଥ ପାଇଁ ବାଜିରାଉତ ସମେତ ଛଅ ଜଣଙ୍କର ରକ୍ତରେ ବ୍ରାହ୍ମଣୀ ନଦୀର ଜଳ ରକ୍ତାକ୍ତ ହେବା ସଙ୍ଗେ ସଙ୍ଗେ ନୀଳକଣ୍ଠପୁର ଗ୍ରାମର ମାଟି ପବିତ୍ର ହୋଇଯାଇଥିଲା । ପରଦିନ ସକାଳେ ସେହି ଛଅ ଜଣ ଶହୀଦଙ୍କୁ ଶୋଭାଯାତ୍ରାରେ ଡ଼ଙ୍ଗା ସାହାଯ୍ୟରେ ଜେନାପୁର ନିଆଯାଇ ସେଠାରୁ ଟ୍ରେନ ଯୋଗେ ନିଆଯାଇଥିଲା । କଟକ ଷ୍ଟେସନ ଠାରୁ ବିରାଟ ଶୋଭାଯାତ୍ରାରେ ହଜାର ହଜାର ସ୍ୱାଧୀନତା ପ୍ରେମୀଙ୍କର ଶୋକାକୁଳ ପରିବେଶରେ ବିଭିନ୍ନ ସ୍ଥାନରେ ସମ୍ମାନିତ କରାଯିବା ସହ କାଠଯୋଡ଼ି କୂଳ ଖାନନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏହି ଶୋଭାଯାତ୍ରା ଓ ଦାହ କାର୍ଯ୍ୟରେ ସଂଗ୍ରାମୀ ବନ୍ଧୁ ଅନନ୍ତ ପଟ୍ଟନାୟକ, ରବି ଘୋଷ, ଗୋବିନ୍ଦ ମହାନ୍ତ, ସଚ୍ଚି ରାଉତରାୟ ପ୍ରମୁଖ ସାମିଲ ଥିଲେ । ଅମର ଶହୀଦ ମାନଙ୍କ ଚିତାଭସ୍ମ ଓଡ଼ିଶାରେ ଗଡ଼ଜାତ ରାଜୁତିର ପତନ ସହ ଭାରତୀୟ ସ୍ୱାଧୀନତାର ମୂଳଦୁଆ ପକାଇଥିଲା ।

ଭାରତରେ ପଢାଯାଉଥିବା ଇତିହାସକୁ ବଦଳାଇବା ଜରୁରୀ ଏଭଳି କିଛି ଚର୍ଚ୍ଚିତ ପ୍ରସଙ୍ଗ ବର୍ଷକ ପୂର୍ବରୁ ଉଠାଯାଇଥିଲା ଯାହାର ଅନେକ କ୍ଷେତ୍ରରେ ବାସ୍ତବତା ରହିଥିବା ମନେ ହୁଏ । ଯଦି ଆମେ ଏହାକୁ ସଠିକ ଭାବରେ ଅନୁଧ୍ୟାନ କରିବା ତେବେ ଏହାର ପ୍ରକୃତ କାରଣକୁ ଖୋଜି ପାଇବା । ଉଦାହରଣ ସ୍ୱରୂପ ବାଜି ରାଉତଙ୍କ କଥା ଆଲୋଚନା କରାଯାଉ । ଭାରତର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ସମସ୍ତ ଶହୀଦ ସଂଗ୍ରାମୀ ମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଆମେ ଯଦି ଦେଖିବା ତେବେ ବୟସ ତୁଳନାରେ ଭାରତର ସର୍ବକନିଷ୍ଠ ଶହୀଦ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ବାଜି ରାଉତ । କିନ୍ତୁ ବାଜି ରାଉତଙ୍କ ସମ୍ପର୍କରେ କେବଳ ଓଡ଼ିଶା ଛାଡ଼ିଦେଲେ ଭାରତର ଅନ୍ୟ ରାଜ୍ୟରେ ସର୍ବକନିଷ୍ଠ ଶହୀଦ ଭାବରେ ଇତିହାସରେ ପଢାଯାଏ ନାହିଁ କିମ୍ବା ବାଜି ରାଉତଙ୍କୁ ଭାରତର ସର୍ବକନିଷ୍ଠ ଶହୀଦ ଭାବରେ କେହି ଜାଣନ୍ତି ନାହିଁ । ଏହି ପ୍ରସଙ୍ଗକୁ ଅନୁଧ୍ୟାନ କଲେ ଭାରତର ପଢାଯାଉଥିବା ଇତିହାସର ପୁନର୍ଲିଖନ ଶତ ପ୍ରତିଶତ ଯୁକ୍ତିଯୁକ୍ତ ବୋଲି ମନେ ହୁଏ ।

ସର୍ବୋପରି ୧୨ ବର୍ଷର କୋମଳମତି ବାଳକ ବାଜି ରାଉତର ଆତ୍ମବଳି ପ୍ରତ୍ୟେକ ଭାରତୀୟ ମାନଙ୍କ ହୃଦୟରେ ଆଣିଦେଇଥିଲା ସ୍ୱାଧୀନତାର ସ୍ପନ୍ଦନ । ତାଙ୍କର ବୀରତ୍ୱ, ସାହସିକତା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶପ୍ରେମୀ ଭାରତୀୟ ମାନଙ୍କର ଅସୀମ ତ୍ୟାଗ ଓ ସାଧନା ଫଳରେ ବାଜି ରାଉତଙ୍କ ମୃତ୍ୟୁର ୯ ବର୍ଷ ପରେ ଦେଶ ସ୍ୱାଧୀନ ହେଲା । ଲୋମର୍ଶ, ଅକଥନୀୟ ଓ ନିଷ୍ଠୁର ରାଜାରାଜୁଡ଼ା ଶାସନ ଚିରଦିନ ପାଇଁ ଧୂଳିସାତ ହୋଇଗଲା । ମଶାଣିର ଚିତାଭସ୍ମ ସିନା ଲିଭିଗଲା, କିନ୍ତୁ ଭାରତର ଇତିହାସ ପୃଷ୍ଠାରେ ଯଶ ଓ କୀର୍ତ୍ତି ରଖିଗଲା । ଅତଏବ ୧୨ ବର୍ଷ ବୟସରେ ଦେଶ ଓ ଜାତିର ସ୍ୱାର୍ଥ ପାଇଁ ପ୍ରାଣ ଦାନ କରିଥିବା ଶହୀଦ ବାଜି ରାଉତଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦର ମାନ୍ୟତା ଦିଆଗଲେ ତାହା ହେବ ବାଜି ରାଉତଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଂଜଳି ।

ଯୋଗାଯୋଗ - ୮୦୯୩୨୯୮୭୨୪
anshumanmaharanamedia@gmail.com

## ଜାଣନ୍ତି କି ?

ଯଅ ପୁଷ୍ଟିସାର ଓ ତନ୍ତୁରେ ପରିପୂର୍ଣ୍ଣ । ରକ୍ତରେ କୋଲେଷ୍ଟ୍ରେଲ୍ ପରିମାଣ ଠିକ୍ ରଖୁଥିବାରୁ ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ ଭଲ। ରକ୍ତ ନଳିରେ ଚର୍ବି ଜମିବାକୁ ଦିଏନାହିଁ । ହୃଦରୋଗ, ହୃଦ୍‌ଘାତ ଆଶଙ୍କା କମାଏ । ନିୟମିତ ଯଅ ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଆଶଙ୍କା ସାତ ପ୍ରତିଶତ କମ୍ । ଟାଇପ୍-୨ ମଧୁମେହ ରୋଗୀଙ୍କ ପାଇଁ ଯଅ ଉତ୍ତମ ଆହାର । ଯଅ ଓଜନ ବଢ଼ିବାକୁ ଦିଏନାହିଁ । ସବୁଜ ଚାହାର ମୁଖ୍ୟ ଉପଦାନ ପଲିଫେନଲ୍ ଓ ଫ୍ଳାବନୋଏଡ୍ ଆଣ୍ଟି - ଅକ୍ସିଡାନଟ୍ । ନିୟମିତ ସବୁଜ ଚାହା ପିଇଲେ, ରକ୍ତ ସଂଚାଳନ ସକ୍ରିୟ ରହେ ଓ ଅନାବଶ୍ୟକ ଚର୍ବି ନଷ୍ଟ ହୁଏ । ରୋଗ ପ୍ରତିରୋଧକ ଶକ୍ତିବଢ଼େ । କାଶ-କଫ ସମସ୍ୟା ଦୂର ହୁଏ । ସ୍ମରଣ ଶକ୍ତି ବଢ଼େ । ସକାଳେ ସବୁଜ ଚାହା ପାନ ଅଧିକ ଉପକାରୀ ।

ଲାଉ : କର୍କଟ ପ୍ରତିରୋଧୀ । ଲାଉ ରସରେ ଥିବା ଲେକ୍ ଟିନ୍ ପୁଷ୍ଟିସାର କର୍କଟ କୋଷ ବଢବାକୁ ଦିଏନାହିଁ । ଲାଉ ରସ ପିଥଲେ, ଉଚ୍ଚ ରକ୍ତଚାପ ଓ ମଧୁମେହ ନିୟନ୍ତ୍ରଣରେ ରହେ ଏବଂ ଓଜନ ବଢ଼େନାହିଁ ।



ତରଭୁଜ : ମଞ୍ଜି ଲୌହ, ଜିଙ୍କ୍, ମାଗନେସିଅମ୍, ତନ୍ତୁ ଓ ପୁଷ୍ଟିସାରରେ ଭରପୂର । ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ମଧୁମେହ ଓ ହୃଦ୍‌ରୋଗରୁ ସୁରକ୍ଷା ଦିଏ । ସ୍ନାୟୁ ଓ ପେଶୀ ଦୁର୍ବଳତା କମାଏ । ଏହାକୁ କଞ୍ଚା କିଂବା ସିଝାଇ ଖିଆଯାଇପାରେ ।

## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ

ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ । ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ । ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ । ପିଲାଙ୍କ ଉପରେ ଚାପ ପଡ଼ିଲେ,



ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ । ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି । ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ । ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ ।

## ନିୟନ୍ତ୍ରଣ କରନ୍ତୁ ୟୁରିକ୍ ଏସିଡ୍




ଖାଦ୍ୟପେୟକୁ ନିୟନ୍ତ୍ରଣ କରି ଶରୀରରେ ୟୁରିକ ଏସିଡ୍ ମାତ୍ରାକୁ ନିୟନ୍ତ୍ରଣରେ ରଖାଯାଇପାରିବ । ହାଡ଼ ବିନ୍ଧିବାର ମୁଖ୍ୟ କାରଣ ୟୁରିକ୍ ଏସିଡ୍ ମୂତ୍ର ରୂପରେ ଶରୀରରୁ ବାହାରିଯାଇଥାଏ । କିନ୍ତୁ ବେଳେବେଳେ ଏହାର ମାତ୍ରା ଶରୀରରେ ଅଧିକ ହେଲେ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଖାଦ୍ୟପେୟରେ ଭିଟାମିନ ସି ର ମାତ୍ରା ଅଧିକ ରହିଲେ ମାସେ ବା ଦୁଇମାସରେ ୟୁରିକ ଏସିଡ୍ ନିୟନ୍ତ୍ରଣ ହୋଇପାରିବ । ସଂତୃପ୍ତ ଓ ଟ୍ରାନ୍ସଫ୍ୟାଟ୍ ଖାଦ୍ୟ ଶରୀରରେ ୟୁରିକ ଏସିଡ ମାତ୍ରା ବୃଦ୍ଧି କରିଥାଏ । ତେଣୁ ବେକାରୀ ଖାଦ୍ୟ ଯେପରିକି ପେଷ୍ଟ୍ରିଜ, କୁକିଜ୍ ଆଦିରୁ ଦୂରେଇ ରୁହନ୍ତୁ । ଭୋଜନରେ ଫାଇବର ଖାଦ୍ୟ ଅଧିକ ସାମିଲ କରନ୍ତୁ । ମୂତ୍ର ସମ୍ବନ୍ଧିତ ସମସ୍ତ ସମସ୍ୟାକୁ ଦୂର କରିଥାଏ ଜୁଆଣି, ତେଣୁ ଜୁଆଣି ଖାଆନ୍ତୁ ।

## ଗୋଟିଏ ଗଛରେ ୪୦ ପ୍ରକାର ଫଳ

ଆମ୍ବ ଗଛ ଲଗେଇ କୌଣସି ବ୍ୟକ୍ତି ଫଳ ଖାଇବାର ଆଶା ରଖନ୍ତି ନାହିଁ । କାରଣ ଏକ ନିର୍ଦ୍ଦିଷ୍ଟ ପ୍ରକାର ଗଛରେ ଏକ ପ୍ରକାର ଫଳ ହିଁ ଫଳିଥାଏ । କିନ୍ତୁ ଦୁନିଆରେ ଏମିତି ଗୋଟିଏ ଜାଗା ଅଛି ଯେଉଁଠାରେ ଗୋଟିଏ ଗଛରେ ଗୋଟିଏ ନୁହେଁ ୪୦ ପ୍ରକାରର ଫଳ ଫଳୁଛି । ଆମେରିକାର ଜଣେ ଭିଜୁଆଲ ଆର୍ଟସ ପ୍ରଫେସର ଏହି ଅଦଗୁତ ପ୍ରକାର ଗଛର ଉଦ୍ଭାବନ କରିଛନ୍ତି । ଏ ଗଛର ନାଁ ରଖାଯାଇଛି 'ଟ୍ରି ଅଫ୍ ୪୦' । ତେବେ ଏହି ଅଦଭୁତ ଗଛର ମୂଲ୍ୟ ହେଉଛି ୧୯ଲକ୍ଷ ଟଙ୍କା । ଗଛକୁ ବିକଶୀତ କରିବା ପାଇଁ ଆମେରିକାର ସେରାକ୍ୟୁଜ ୟୁନିଭରସିଟିର ପ୍ରଫେସର ସାମବାନ ଏକେନଙ୍କୁ ବିଜ୍ଞାନର ସାହାଯ୍ୟ ନେବାକୁ ପଡ଼ିଛି । ୨୦୦୮ରେ ସାମ ଏ କାର୍ଯ୍ୟ ଆରମ୍ଭ କରିଥିଲେ । ନ୍ୟୁୟର୍କର ଏକ ବଗିଚାରେ ସାମ ତାଙ୍କୁ ଆକର୍ଷଣ କଲାଭଳି ଗୋଟିଏ ବଗିଚା ଦେଖିଥିଲେ ଯେଉଁଥିରେ ପାଖାପାଖି ୩୨୦୦ ପ୍ରକାର କୋଳି ଗଛ ଥିଲା । ଅର୍ଥ ଅଭାବ କାରଣରୁ ଏହୀ ବଗିଚାଟି ଅଚଳ ହେବାକୁ ବସିଥିବାବେଳେ ସାମ ଏହି ବଗିଚାକୁ ଲିଜରେ ନେଇ ଏହାର ଦେଖାଶୁଣା କରିଥିଲେ । ଗ୍ରାଫଟିଂ ଟେକନିକ ମାଧ୍ୟମରେ ଏ ପ୍ରକାର ଗଛ ବିକଶିତ କରିବା ପାଇଁ ଶୀତ ଋତୁରେ ଗଛର ଡାଳ କଢ଼ ସହିତ କଟାଯାଇ ଡାଳକୁ ମୁଖ୍ୟ ଗଛରେ ଛିଦ୍ର ଦ୍ୱାରା ଲଗାଯାଏ । ଏହା ପରେ ଯୋଡ଼ା ଯାଇଥିବା ଜଗାରେ ପୋଷକତତ୍ତ୍ୱ ଦିଆଯାଇ ସଂଯୋଗ ଜାଗାରେ ପଟି ବନ୍ଧାଯାଏ । ଏହାପରେ ହାଳଟି ମୁଖ୍ୟ ଗଛ ସହିତ ଯୋଡ଼ି ହୋଇଯାଏ ଆଉ ପରେ ଏଥିରେ ବିଭିନ୍ନ ପ୍ରକାର ଫଳ ଫଳିଥାଏ ।





# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ନଭେମ୍ବର ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରିବା ଏବେ ଅମୂଲ ମୂଲ...

ଗତ କିଛି କାଳ ଧରି ଦେଶ ତଥା ବିଶ୍ୱ କରୋନା ସଂକ୍ରମଣ ବଳୟରେ ଛଟପଟ ହେଉଥିବାବେଳେ ଦେଖାଦେଇଛି ବିଷମ ଜଟିଳତା। ଆର୍ଥିକ ତଥା ଶିଳ୍ପ ଜଗତ ସମେତ ବିଭିନ୍ନ କ୍ଷେତ୍ରରେ ଯେଉଁ ଅସମଂଜସ ସ୍ଥିତି ଲାଗି ରହିଛି, ତାହା ବିଶ୍ୱବ୍ୟାପୀ ଖାଦ୍ୟ ସଂକଟ ପାଇଁ କିଭଳି ବାଟ କଢ଼ାଇବ, ତାହାର ବହୁ କିଛି ଝଲକ ଦେଖିବାକୁ ମିଳିସାରିଲାଣି। କେହି ହେଲେ କିଛଇ ନିଧାର୍ଯ୍ୟ ରୂପେ କହିପାରିବାକୁ ସାହାସ କରିପାରିବେ ନାହିଁକି, କୋଭିଡ-୧୯ ସଂକ୍ରମଣର କୁପ୍ରଭାବରୁ କେତେ ଶ୍ରୀଘ୍ର ମୁକ୍ତି ମିଳିପାରିବ। କଳକାରଖାନା ଚାଳିବାରେ ଯେମିତି ସମସ୍ୟା ଲାଗିରହିଛି, ସେମିତି ବେରୋଜଗାରୀ ବୃଦ୍ଧିପାଇଁ କରୋନା ବାଟ କଢ଼ାଇ ଦେଉଥିଲାଭଳି ହେଉଛି। ନିତିଦିନର ଜୀବନଚର୍ଯ୍ୟା ନେଇ ବୃହତ ପ୍ରଶ୍ନବାଚୀ ଛିଡ଼ା କରାଇଦେଇଛି କରୋନା। ବିଶ୍ୱ ସ୍ତରର ସମସ୍ୟାର ଦ୍ରୁତ ପ୍ରତିଫଳନ ହେଉଛି ଆମର ରାଷ୍ଟ୍ରୀୟ ତଥା ପ୍ରାନ୍ତୀୟ କ୍ଷେତ୍ରରେ। ବିଶାଳତା ଓ ସମ୍ପନ୍ନତାର ସବୁ ଅର୍ଥକୁ ବରବାଦ କରିଦେଇବା କୋଭିଡ କେତେ ଶୀଘ୍ର ବିଦାୟ ନେବ ସେଇ ଚିନ୍ତାରେ ସମସ୍ତେ ରହିଥିବା ବେଳେ ନଗଦ ସମସ୍ୟାର ସମାଧାନ ପାଇଁ ଡହଳ ବିକଳ ସ୍ଥିତିରେ ପଡ଼ିଛନ୍ତି। ଯେହେତୁ ଲୋକମାନେ ରୋଜଗାର ହରାଇ ବସିଛନ୍ତି, ନୂଆ କିମ୍ବା ସାନି ନିଯୁକ୍ତିର ରାହା ଦେଖାଯାଉନାହିଁ। ତାହାରି ଭିତରେ ନିତ୍ୟବ୍ୟବହାର୍ଯ୍ୟ ଠାରୁ ଆରମ୍ଭ କରି ସବୁ ସାମଗ୍ରୀର ଦର ବୃଦ୍ଧି ଘଟିଛି। ଏମିତି କୌଣସି ଜିନିଷ ନାହିଁ ଯାହାର ପାଇକାରୀ କିମ୍ବା ଖୁଚୁରା ମୂଲ୍ୟ ନବଢ଼ିଛି। ପନିପରିବା ବଜାର କଥା ଯେତେ କୁହାଯିବ, ଯଥେଷ୍ଟ ହେବନାହିଁ। ଯେଉଁ ସ୍ଥାନ ଆଳୁ କୁହନ୍ତୁ କି' ପିଆଜର ଅମଳ ଜାଗା, ସେଠାରେ ଯେମିତି ଚଢ଼ା ଦର ରହିଛି, ତାହାର ପ୍ରଭାବ ସବୁଠାରେ ପଡ଼ିବାକୁ ବାଧ୍ୟ। ମହାରାଷ୍ଟ୍ରର ନାସିକ ଭଳି ପିଆଜ ଉତ୍ପାଦନର ଉତ୍ସ କୁହାଯାଉଥିବା ସ୍ଥାନରେ ଯଦି କିଲୋପ୍ରତି ଶହେ ଟଙ୍କା ହୋଇଛି, ତେବେ ଅନ୍ୟ ପାଇକାରୀ ବଜାରରେ ତାହା କେତେ ହୋଇଥିବ ତାହା ସହଜରେ ଅନୁମେୟ। ପିଆଜ ଖୁଚୁରା ବଜାରରେ କେଉଁଠି ଷାଠିଏ ତ ଆଉ କେଉଁଠି ଅଶୀରୁ ନବେ। ଆମ ରାଜ୍ୟରେ ଆଳୁ କିଲୋ କେଉଁଠି କେଉଁଠି ପଚାଶ ଛୁଇଁଲାଣି। ଏବେ ପୁଣ୍ୟମାସ କାର୍ତ୍ତିକ ଚାଲିଛି। ବହୁ ଲୋକ ପରମ୍ପରାକୁ ସମ୍ମାନ ଦେଇ ସାତ୍ତ୍ୱିକ ଆହାର କରିଥାନ୍ତି। କଂଚା ପରିବା ଉପରେ ଲୋକମାନେ ଜୋର ଦେଉଥିବାର ଦେଖାଯାଉଥିବାବେଳେ ଖାଉଟୀଙ୍କ ଉପରେ କୋରଡ଼ା ମାଡ଼ ହେଲାଭଳି ସ୍ଥିତି ହେଉଛି। ପୋକରା ବାଇଗଣ କିଲୋ ଷାଠିଏ, ପାଣି ପରିବା ଭାବେ ଧରିନିଆଯାଉଥିବା ଜହ୍ନି କିଲୋ ଷାଠିଏରୁ ସତୁରି ଭିତରେ। କୁନ୍ଦୁରି ଷାଠିଏ, ଫୁଲକୋବି ଷାଠିଏରୁ ଅଶୀ। ଓଉ, କଂଚାକଦଳୀ, ସାରୁ କଥା ନକହିଲେ ଭଲ। ତାହାରି ଭିତରେ ଯେଉଁ ଖାଉଟି କିଲେ ପରିବା ଆଣୁଥିଲେ ତାଙ୍କୁ ଅଧକିଲୋ କି' ସ୍ଥଳ ବିଶେଷରେ ପାଏ ଆଣିବାକୁ ସନ୍ତୁଷ୍ଟ ହେବାକୁ ପଡୁଛି। ଏକେତ କରୋନା ସ୍ଥିତି ପାଇଁ ଚାଷୀ ତାର ଉତ୍ପାଦିତ ସାମଗ୍ରୀର ବିପଣନ ପାଇଁ ବଜାର ପାଇଲା ନାହିଁ, ପରିବହନ ପୂରା ଠପ୍ ହୋଇଗଲା;ଦ୍ୱିତୀୟରେ ଏଥର ଫସଲ ମଧ୍ୟ ଚାହିଦା ମୁତାବକ ହେଲାନାହିଁ। ଛୋଟ ବେପାରୀ ଦୁଇଆଡ଼ୁ ଚାପଗ୍ରସ୍ତ ହୋଇପଡ଼ିଲା। କରୋନା ପରୋକ୍ଷରେ ନୁହଁ, ପ୍ରତ୍ୟକ୍ଷ ଭାବେ ବ୍ୟବସାୟୀଙ୍କ ରୋଜଗାରକୁ ଛଡ଼େଇ ନେଲା। ଆଗକୁ ଯଦି ସତସତିକା ଦ୍ୱିତୀୟ ଲହରି ସଂକ୍ରମଣ ଚାଲିଆସେ, କଥା ସରିଗଲା। କେବଳ ପନିପରରିବା ବଜାରରେ ଅଗ୍ନିମୂଲ୍ୟ ଦେଖାଦେଇଛି, ତାହା ନୁହେଁ; ଉଦ୍ୟୋଗ ଜଗତରେ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଲାଗି ରହିଥିବା ବିଷମ ସ୍ଥିତିର କେବେ ଅନ୍ତ ଘଟିବ, ତାହା ଯେତେ ଆର୍ଥିକ ଉପଚାର ବିକଶିତ କରାଯାଉଥିଲେ ସୁଦ୍ଧା ସହସା ସମ୍ଭବ ବୋଲି କୁହାଯାଇପାରୁ ନାହିଁ। ଟିକାର ବିକାଶ ତଥା ପ୍ରୟୋଗ ପାଇଁ ସମସ୍ତେ ଚାତକ ଭଳି ଚାହିଁ ବସିଛନ୍ତି ସିନା; କେହି ନିଧାର୍ଯ୍ୟ ରୂପେ ତାହା ନେଇ କିଛି ସଠିକ ସୁରାକ ଦେଇପାରୁନାହାଁନ୍ତି। ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ହେଉଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଓ ଚୀନ ସହ ଯୁଦ୍ଧର ଘନଘଟା ପରେ ସ୍ଥିତି କ'ଣ ହେବ ଓ କିଭଳି ସ୍ଥିତି ରହିବ, ତାହା ମଧ୍ୟ କେହି ଠିକ୍ ରୂପେ ଠଉରେଇବା ମୁସ୍କିଲ ହୋଇପଡୁଛି।

କବିତା କୋଣାର୍କ

## ଭାବାର୍ଥ

**ରବୀନ୍ଦ୍ର କୁମାର ପାତ୍ର**

ଜୀବନର ଅସିତା ଅନ୍ଧାରରେ
ସ୍ୱରବର୍ଣ୍ଣର ଲିପିକାର
ବ୍ୟଂଜନ ବର୍ଣ୍ଣକୁ ସାଉଁଟି ସାଉଁଟି
ବର୍ଣ୍ଣ ସଂଯୋଜନାର
ପ୍ରଗଲ୍‌ଭ ଚେତନା।
ଅସ୍ୱଷ୍ଟ ଅବୁଝା।
ଅକ୍ଷର ସଜ୍ଜାର
ଅର୍ଥ ବାହାର କରି
ସରଳ କରିବାର ପ୍ରୟାସ
ତା'ରି ମଧ୍ୟରେ ସରଳ
ସମୀକ୍ଷାର ପ୍ରଚେଷ୍ଟା।
ବର୍ଣ୍ଣ ସମୂହକୁ ବ୍ୟବଛେଦ କରି
ଶବ୍ଦ ମାନଙ୍କର ସଂଧି ଯୋଗରୁ
ପ୍ରକୃତି ଓ ପ୍ରତ୍ୟୟର
ପୃଥକ ବେଳେ
ବାହାରିଥାଏ, ନିର୍ଯ୍ୟାସ ଆଉ ନିଷ୍କର୍ଷ
ନିର୍ଯ୍ୟାସର ଅନ୍ତିମ ନିଷ୍କର୍ଷ ମଧ୍ୟରେ
ଶବ୍ଦ ଆଉ ଅର୍ଥର
ବ୍ୟବଧାନ ନହେଲେ କଦର୍ଥ
ଜଣାପଡ଼େ ପ୍ରକୃତି "ଭାବାର୍ଥ"।

ମୋ: ୯୨୩୮୯୫୮୫୮୪

# ତୁଳସୀ ମାହାତ୍ମ୍ୟ

**ବିପିନ ବିହାରୀ ମହାନ୍ତି**

ହିନ୍ଦୁ ପରମ୍ପରାରେ ପ୍ରତିଟି ଘରେ ଠାକୁର ଘରଟିଏ ଥାଏ। ସ୍ଥାନାଭାବେ କାନ୍ଥରେ ଠାକୁରଙ୍କର ଚିତ୍ର ପ୍ରତିମାଟିଏ ଝୁଲୁଥାଏ ଅଥବା କାନ୍ଥର ଠଣାରେ ବା କାଠର ଖଟୁଲିଟିଏ କାନ୍ଥରେ ଲଗାଇ ଠାକୁରଙ୍କର ମୂର୍ତ୍ତି ବା ଶାଳଗ୍ରାମ ରଖି ପୂଜା କରିବା କଥା ଚଳିଆସୁଛି। ଘରେ ଠାକୁର ବେଳେ ବାରିଆଡ଼େ କି ଦାଣ୍ଡପଟେ ଚଉରାରେ ତୁଳସୀ ପୂଜା ତିନିଶହ ପଂଚଷଠି ଦିନ ଚାଲିଥାଏ।

ତୁଳସୀ ଗଛକୁ ଗୋଟିଏ ବୃକ୍ଷ ପୂଜାର ମାନ୍ୟତା ଦେଇ ଯେତିକି ପୂଜା କରାନଯାଏ, ଧର୍ମଧାରଣାରୁ ବ୍ୟକ୍ତିଗତ ବିଚାରକୁ ଜଣେ କୃଷ୍ଣପ୍ରିୟା ବୈଷ୍ଣବୀ ଦେବୀ ରୂପେ ପୂଜା କରାଯାଏ। 'ତୁଳସୀ'ଙ୍କର ଅନ୍ୟନାମ ବୃନ୍ଦାବତୀ। ବୃନ୍ଦାବତୀ ଓ ତୁଳସୀ ଯଥାକ୍ରମେ ପୂର୍ବ ଜନ୍ମ ଏବଂ ପରଜନ୍ମ ସଂପର୍କିତ ବା ସମ୍ବନ୍ଧିତ କାହାଣୀ। ବୃନ୍ଦାବତୀ ଜନ୍ମରେ ନାରାୟଣଙ୍କ ସହିତ ଏବଂ ତୁଳସୀ ପରବର୍ତ୍ତୀ ସମ୍ବନ୍ଧେ କୃଷ୍ଣଙ୍କ ସହିତ ବିବନ୍ଧିତ। ପ୍ରଥମଟି କାରଣ ଏବଂ ଦ୍ୱିତୀୟଟି ଭକ୍ତି ବା ପ୍ରେମ ଜନିତ ହେତୁ ଯଥାର୍ଥରେ କୁହାଯାଇଛି: ଆଗୋ ତୁଳସୀ ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ ଗୋ.... ॥

ତୁଳସୀଙ୍କର ପୂର୍ବ ଜନ୍ମର ନାମ ଥିଲା ବୃନ୍ଦାବତୀ। ସେ ଥିଲେ ଜଣେ ପରମାସୁନ୍ଦରୀ, ସତୀ, ସ୍ୱାଧୀ ଏବଂ ମହତୀ ନାରୀ। ରାକ୍ଷସ ଜଳନ୍ଧର ଥିଲେ ତାଙ୍କ ସ୍ୱାମୀ। ବୃନ୍ଦାବତୀଙ୍କର ସତୀତ୍ୱ ପ୍ରଭାବରୁ ଜଳନ୍ଧର ଥିଲା ଅତ୍ୟନ୍ତ ପରାକ୍ରମଶାଳୀ ଏବଂ ଅଜେୟ। ସେ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳପୁରୀକୁ ନିଜ ପାଦତଳେ ରଖିବାକୁ ମନସ୍ଥ କଲା। ସେଥିପାଇଁ ଚଳାଇଲା ଯୁଦ୍ଧ, ଦେବ, ମାନବ ଏବଂ ତାକୁ ବିରୁଦ୍ଧ କରୁଥିବା ଦାନବଙ୍କ ବିରୁଦ୍ଧରେ। ଏଥିରେ ଦେବତାମାନେ ଅତ୍ୟନ୍ତ ଅତିଷ୍ଠହୋଇ ପଡ଼ିଲେ। ସେମାନେ ବିଷ୍ଣୁଙ୍କ ପାଖରେ ପହଂଚି ନିବେଦିଲେ ଯେ ସେ ଏଥିକୁ କିଛି କରନ୍ତୁ।

ଏବେ ବିଷ୍ଣୁ ସ୍ୱୟଂ ଗଲେ। ଜଳନ୍ଧର ସହିତ ତାଙ୍କର ତୁମୁଳ ସଂଗ୍ରାମ ହେଲା। ସମକକ୍ଷ ଯୋଦ୍ଧା। କେହି କାହାକୁ ହରାଇ ପାରିଲେ ନାହିଁ। ବିଷ୍ଣୁ ଦେଖିଲେ, ଏମିତି ତାକୁ ବଧ କରି ହେବ ନାହିଁ। ସେ ଛଳକରି ଜଳନ୍ଧର ସହିତ ବନ୍ଧୁତ୍ୱର ପ୍ରତିଶ୍ରୁତିରେ ଲକ୍ଷ୍ମୀଙ୍କ ସହିତ ତା' ଘରେ ଏକ ପ୍ରକାର ବନ୍ଦୀ ହେଲେ। ଏପଟେ ବିଷ୍ଣୁଙ୍କ ଅନୁପସ୍ଥିତିରେ ଦେବ ଗଣଙ୍କର ଭାଳେଣି ପଡ଼ିଲା।

ବିଷ୍ଣୁ ଜାଣିଥିଲେ ଯେ ବୃନ୍ଦାବତୀଙ୍କର ସତୀତ୍ୱର ପରାକାଷ୍ଠା ଯୋଗୁଁ ଜଳନ୍ଧର ଏଯାବତ୍ ଅମର ହୋଇ ରହିଯାଇଛି। ସେ ସତୀତ୍ୱ ହରାଇଲେ ଜଳନ୍ଧର ବଧ ହେବ। ସେ ନିଜେ ତାହାହିଁ କରିବେ। ତେବେ କେବେ? କେମିତି? କୋଉ କାରଣକୁ ବା ଆଳକୁ? ସେ ସୁଯୋଗକୁ ଅପେକ୍ଷା କଲେ।

ସେପଟେ ଦୁଷ୍ଟ ଜଳନ୍ଧର ପାବର୍ତୀଙ୍କର ଅପରୂପ ଏବଂ ଅନୁପମ ସୌନ୍ଦର୍ଯ୍ୟ ସଂପର୍କରେ ସୁରାକ ପାଇଲେ। ପାର୍ବତୀଙ୍କୁ ପାଇବା ଉଦ୍ଦେଶ୍ୟରେ ଛଦ୍ମବେଶୀ ଶିବରୂପ ଧାରଣ କରି ବୃଷଭ ଚଢ଼ିଗଲେ। ତାକୁ ଦେଖୁ ଦେଖୁ ପାର୍ବତୀ ତାକୁ ଚିହ୍ନି ପାରିଲେ ଏବଂ ନିଜକୁ ବାର୍ତ୍ତାଇବାର ଉପାୟ ଚିନ୍ତାକଲେ। ଏଣେ ପାର୍ବତୀଙ୍କୁ ଦେଖୁ ଦେଖୁ ଜଳନ୍ଧର ଅତୀବ ଉନ୍ମାଦରୁ ହୀନବେଳେ ହୋଇଗଲା ଏବଂ ସେ ବୃଷଭ ଉପରୁ ଭୂପତିତ ହୋଇ ଚେତା ହରାଇଲା। ଇତି ମଧ୍ୟରେ ପାର୍ବତୀ ନିବୃତ୍ତି ନେଇ ନିଜକୁ ଗୋପନ ରଖିଲେ।

ଏଥର ବିଷ୍ଣୁ ସୁଯୋଗ ନେଲେ। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବୃନ୍ଦାଙ୍କ ସତୀତ୍ୱ ହରଣ ପାଇଁ ପ୍ରସ୍ତୁତ ହେଲେ। ପୁନଶ୍ଚ ବେଳକୁ ଯେସାକୁ ତେସା ନୀତି ପ୍ରଯୁଜ୍ୟ ଅଟେ :

ସେ ଯେଉଁ ରୂପେ ଅପରାଧୀ।
ଆମ୍ଭେ କରିବା ସେହି ବୁଦ୍ଧି॥
ତା'ର ଯୁବତୀ ସଦାଚାରେ।
ଦୈତ୍ୟ ଅକ୍ଷୟ ତିନିପୁରେ॥
ତାହା କରିବୁ ଆମ୍ଭେ ନାଶ।
ତେବେ ମରିବ ସିନ୍ଧୁ ଶିଷ୍ୟ॥
ଏତେକ କହି ଭଗବାନ୍।
ସେଠାରୁ ହେଲେ ଅନ୍ତର୍ଦ୍ଧାନ॥

ଏହାପରେ ବିଷ୍ଣୁ ଛଦ୍ମବେଶରେ ଜଳନ୍ଧର ରୂପେ ଗଲେ ଏବଂ ବୃନ୍ଦାଙ୍କର ସତୀତ୍ୱ ଅପହରଣ କଲେ :

ବିଷ୍ଣୁ ଜଳନ୍ଧର ଗତ୍ୱା ତଦ୍ଦୈତ୍ୟ ପୁଟ ଭେଦନଂ। ପତିବ୍ରତସ୍ୟ ଭଙ୍ଗାୟ ବୃନ୍ଦାୟଶ୍ଚ କୋରନନ୍ନୀତଃ॥

ସହବାସର ତନ୍ଦ୍ରା ଭଗ୍ନପରେ ବୃନ୍ଦା ଦେଖନ୍ତି ଯେ ଯିଏ ତା'ର ପ୍ରେମ ବନ୍ଧନରେ ମୋହଗ୍ରସ୍ତ ଥିଲା, ସେ ତା' ସ୍ୱାମୀ ନୁହନ୍ତି। ସ୍ୱୟଂ କୋଟି କନ୍ଦର୍ପ ଧାରି ନାରାୟଣ। ସେ ସତୀ। ସତୀ ପାଖରେ ନାରାୟଣ ତୁଚ୍ଛ। ସତୀ ନାରୀ ପାଇଁ ପତି ବିନା ନାହିଁ ଅନ୍ୟଗତି। ସେ ବିଷ୍ଣୁଙ୍କୁ ଧିକ୍‌କାରିଲା ଏବଂ ଅଭିଶାପ ଦେଲା :

ତା' ଦେଖି ବୃନ୍ଦା କଲା କୋପ।
ବୋଇଲା ଧିକ ତୋ'ର ରୂପ॥
କପଟ କରିଲୁ ମୋ ତପ।
ଏବେ ତୁ ଘେନ ମୋର ଶାପ॥
ତୋର ଭାରିଯା ନାମ ଶିରୀ।
ତାକୁ ଅସୁରେ ନେବେ ହରି॥
ମୋତେ ହରିଲୁ ଯେଉଁ ବେଗେ
ସେହି ପ୍ରକର ତୋର ଆଗେ॥

ଇତ୍ୟାଦି ଏହା ହିଁ ଘଟିଥିଲା ରାବ ଅବତାରେ ତ୍ରେତେୟା ଯୁଗରେ ବିଷ୍ଣୁଙ୍କ ପାଇଁ। ତେବେ ଜଳନ୍ଧର ବଧ ହେଲା। ତିନିପୁର ଆଶ୍ୱସ୍ତି ହେଲେ। ଜଳନ୍ଧର ଅନୁପସ୍ଥିତିରେ ବିଶେଷକରି ଏ ପାପ ଶରୀରରେ ବୃନ୍ଦା ବଂଚିବାକୁ ଉଚିତ୍ ମନେ କଲେ ନାହିଁ। ସେ ବିଷ୍ଣୁଙ୍କ ସମ୍ମୁଖରେ ଅଗ୍ନିରେ ଝାସ ଦେଲେ।

ସେ ଆତ୍ମା ଅନ୍ତରୀକ୍ଷେ ଯାଇ ତିନିଭାଗ ହେଲା। ସେଥିରୁ ଗୋଟିଏ ଭାଗ ପାର୍ବତୀଙ୍କ ଦେହରେ ଠାବ ହେଲା। ଆଗରୁ ଜଳନ୍ଧର ଶିବବ୍ରତ ହେତୁ ତା' ଆତ୍ମା ରୁଦ୍ରଙ୍କଠାରେ ଠାବ ହୋଇଥିଲା।

ସେ ଆତ୍ମା ଅନ୍ତରୀକ୍ଷେ ଯାଇ।
ତ୍ରିଗୁଣେ ତିନି ଭାଗ ହୋଇ॥
ମନେ ଯେତକ ତମ କଲା।
ସେ ଭାବ ଲକ୍ଷ୍ମୀ ଦେହେଗଲା॥
ସେ ତା'ର ରଜଗୁଣ ଭାବ।
ଶାରଦା ଅଙ୍ଗେ ହେଲା ଠାବ॥
ସାତ୍ତ୍ୱିକ ଭାବ ଯେତେ ହୋଇ।
ଗଉରୀ ଅଙ୍ଗରେ ସମ୍ଭାଇ॥

ଅର୍ଥାତ୍ ବୃନ୍ଦାବତୀଙ୍କ ଆତ୍ମା ସତ୍ୱ, ରଜ ଏବଂ ତମ ଗୁଣ ବିଶିଷ୍ଟ ତିନିଭାବ ହେଲା। ଏହି ତିନି ବୀଜ ତିନି ବୃକ୍ଷ ହେଲେ। 'ତମ' ଗୁଣରୁ 'ମାଳତୀ' ମର୍ତ୍ତ୍ୟ ବାସିନୀ, ଅଁଳା ବା ଧାତ୍ରୀ ବୃକ୍ଷ ରଜଗୁଣ ବିଶିଷ୍ଟ ଏବଂ ସତ୍ତ୍ୱ ଗୁଣ ବିଶିଷ୍ଟ ହେଉଛନ୍ତି ତୁଳସୀ। କେବଳ ତୁଳସୀ ତ୍ରିପୁର ବାସିନୀ। ଧାତ୍ରୀ ଉଭୟ ମର୍ତ୍ତ୍ୟ ଓ ସ୍ୱର୍ଗଲୋକ ବାସିନୀ। ସତୀର ସତୀତ୍ତ୍ୱର ଅପଭ୍ରଷ୍ଟ ଜନିତ କାରଣରୁ ବୃନ୍ଦାଙ୍କ ପ୍ରତି କୃଷ୍ଣଙ୍କର ଏହା ଅନୁକମ୍ପା ନୁହେଁ। ନିଜସ୍ୱ ମୁକ୍ତି ପାଇଁ ସତୀ ପୂଜା। ତିନୋଟି ଯାକ ବୃକ୍ଷ ପୂଜନର ଫଳ ନିର୍ଣ୍ଣିତଭାବେ ସୁଦୂର ପ୍ରସାରୀ। ତେବେ ତୁଳସୀ ସଂପର୍କରେ ବିଷ୍ଣୁ ଯାହା କହିଛନ୍ତି :

ଏବେ ତୁଳସୀ ଧର୍ମ ଶୁଣ।
ସେ ବୃକ୍ଷ ସାତ୍ତ୍ୱିକ ଲକ୍ଷଣ॥
ହୋଇବ ତ୍ରିଲୋକ ପ୍ରସିଦ୍ଧି।
ମୋର ସମାନେ ପୂଜାବିଧି॥
ପାଇବ ସକଳ ଲୋକରେ।
ବିଶେଷ କାର୍ତ୍ତିକ ମାସରେ॥
ପାଳନେ ସର୍ବତୀର୍ଥ ଧର୍ମ।
ଦର୍ଶନେ ସର୍ବଇଷ୍ଟ କାମ॥
ତୁଳସୀ ପ୍ରଦକ୍ଷିଣ କଲେ।
ପୂଣ୍ୟ (?) ଅନ୍ୟ ତୀର୍ଥଗଲେ॥
ଅଶେଷ କ୍ଷେତ୍ର ତୀର୍ଥଫଳ।
କ୍ଷଣକେ ପାଇବ ସକଳ॥
ସନ୍ଧ୍ୟା ସମୟେ ଯେଉଁ ଜନ।
ତୁଳସୀ ମୂଳେ ଦୀପଦାନ॥
ଶ୍ରଦ୍ଧାରେ ବସାଇବ ନୀତି।
ଅଗ୍ନି ସମାନ ତା'ର ଜ୍ୟୋତି॥
ଯା ଗୃହେ ତୁଳସୀ କାନନ।
ଥିବ ମନ୍ଦିର ସନ୍ନିଧାନ॥
ତେଣେ ନଯିବ ଯମଦୂତ।
ତୁମ୍ଭଙ୍କୁ କହୁଅଛୁ ସତ୍ୟ॥
ମୃତ୍ୟୁ କାଳରେ ଯେଉଁ ଜନ।
ତୁଳସୀ ନିକଟ ଶୟନ॥
ତୁଳସୀ ଜଳ ଥିବ ମୁଣ୍ଡେ।
ଉଦକ ହେଉଥିବ ତୁଣ୍ଡେ॥
ପିଣ୍ଡରୁ ପ୍ରାଣ ଛାଡ଼ିଯିବ।
ସେ ଆସି ମୋ ସଂଗେ ମିଶିବ॥
ଅତ୍ୟନ୍ତ ପାପୀ ହୋଇଥିବ।
ଅକାଳେ ଅଜ୍ଞାନ ମରିବ॥
ତା' ମୃତ୍ୟୁ ପିଣ୍ଡ ଦଗ୍‌ଧକାଳେ।
ତୁଳସୀ କାଠ ଯେବେ ମିଳେ॥
ଦହନେ ପକାଇଲେ ନେଇ।
ତା' ଆତ୍ମା ଯିବ ମୋକ୍ଷ ହୋଇ॥
ବିଶେଷ କାର୍ତ୍ତିକ ମାସରେ।
ତୁଳସୀ ସେବା କରିନରେ।
ଲଭିବେ କୈବଲ୍ୟ ମୁକତି।
ଖଣ୍ଡିକେ ଅଶେଷ ବିପତ୍ତି॥
ତୁଳସୀ ମୂଳେ ଉଦ୍ୟାପନ।
ଯେ କରେ କାର୍ତ୍ତିକ ବିଧାନ॥
ସେଜନ ବୈକୁଣ୍ଠ ପୁରେ।
ଆସ ମିଳିବ ଦେହାନ୍ତରେ॥
କାର୍ତ୍ତିକେ ଧାତ୍ରୀ ବୃକ୍ଷ ତଳେ।
ହବିଷ ଅନ୍ନ ଏକାବେଳେ
ଯେ ଜନ କରିବ ଭୋଜନ।
ତା' ପାପ ହୋଇବ ଦହନ॥
ଅଁଳା, ତୁଳସୀ ମାଳତୀ।
ଏତିନି ମୋର ପ୍ରିୟବତୀ।
ବିଶେଷ ତୁଳସୀ ପ୍ରଧାନ।
ସଂସାରେ ମୋପରି ସମାନ॥
ତୁଳସୀ ବିନା ଯେତେ ଭୋଗ।
ମୋତେ ନୁହଇ ଉପଯୋଗ॥
ତୁଳସୀ ଜଳେ ମୋତେ ପୂଜି।
ତୁଳସୀ ଘେନ ମୋତେ ଭଜି॥
ତୁଳସୀ ଦେବ ମୋର ଜଳେ।
ପ୍ରାଣୀ ବସିବ ମୋର ପୁରେ॥

- କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ।

ସଂକ୍ଷେପରେ ତୁଳସୀ ବିଷ୍ଣୁଙ୍କର ପ୍ରିୟବତୀ। ସେ ବିଷ୍ଣୁଙ୍କ ସହିତ ସମାନ। ଏକଥା ସେ ବିଷ୍ଣୁଙ୍କ ଦ୍ୱାରା ଅନୁଗୃହୀତ ହୋଇଛନ୍ତି। କାର୍ତ୍ତିକ ବ୍ରତ ବିଷ୍ଣୁ ପୂଜା ହେତୁ, ତୁଳସୀଙ୍କର ଗୁରୁତ୍ୱ ଏ ମାସରେ ଅଧିକ। ତାଙ୍କ ପୂଜା ହିଁ ବିଷ୍ଣୁ ପୂଜା। ଅନ୍ୟ ଅର୍ଥରେ ତୁଳସୀଙ୍କ ମାଧ୍ୟମରେ କୃଷ୍ଣ ପ୍ରାପ୍ତି। ସକଳତୀର୍ଥ ତୋ' ଚରଣେ, ବଦ୍ରିକା ଯିବ କି କାରଣେ ନ୍ୟାୟରେ ତୁଳସୀ ହିଁ ଏକ ଗୃହସ୍ଥ ପାଇଁ ଧେୟ ଓ ଧାରଣା, ମୁକ୍ତିର ମାର୍ଗ; ସକଳ ପାପର ଖଣ୍ଡନକାରୀ। ସେଥିପାଇଁ ଆମ ପରମ୍ପରା ଓ ଧର୍ମରେ ସକଳ ଗୃହ ପ୍ରାଙ୍ଗଣରେ ଅଥବା ମଠ ମନ୍ଦିରେ ତୁଳସୀ ପୂଜିତ ହୋଇ ଆସୁଛନ୍ତି। ସେ ପୂଜ୍ୟା ଏହାହିଁ ଧର୍ମ କଥାରେ ତୁଳସୀ ପୂଜନର କାହାଣୀ :

ତୁଳସୀ ସର୍ବ ଭୂତାନାଂ
ମହାପାତକ ନାଶିନୀ।
ତ୍ୱତମୂଳେ ସର୍ବେ ତିର୍ଥାନୀ,
ତ୍ୱତମେଂ ସର୍ବ ଦେବାନା।

ମୁଖ୍ୟ କଥା ଏହି ଯେ, କାର୍ତ୍ତିକ ମାହାତ୍ମ୍ୟ: ପଦ୍ମ ପୁରାଣ ମତେ ତୁଳସୀ ଧର୍ଷିତା ସତ୍ତ୍ୱେ ଅପବିତ୍ରା ନୁହଁନ୍ତି। ଧର୍ଷଣ ମୁଠାଏ ମାଟି ବା ଦେହପ୍ରତି ଏକ ଅତ୍ୟାଚାର। ଏହା ଇଚ୍ଛା ବିରୁଦ୍ଧ ଜନିତ ଏକ ପାପ। ଯେଉଁଥିପାଇଁ ବିଷ୍ଣୁଙ୍କୁ କେତେବଡ଼ ବୋଝ ମୁଣ୍ଡାଇବାକୁ ହେଲା ଏବଂ ତୁଳସୀ ପୂଜା ଯେ ତାଙ୍କ ପୂଜା ସହିତ ସମାନ ବୋଲି ବିଚାର କରାଗଲା। ବିଷ୍ଣୁ ଏ ଅପରାଧ କରିନଥିଲେ, ବୃନ୍ଦା ବା ତୁଳସୀଙ୍କୁ ଚିହ୍ନେ କିଏ? ଚରିତ୍ର ଜନିତ ଅପସଂସ୍କୃତି ଓ ସ୍ଖଳନ ରୋକିବାରେ ତଥା ଶୃଙ୍ଖଳିତ ପାରିବାରିକ ଦାମ୍ପତ୍ୟ ଜୀବନଯାପନ ଏବଂ ସମାଜ ଗଠନ କରିବାକୁ ତୁଳସୀ ପୂଜା ଏକ ଅମୂଲ୍ୟ ଉପହାର।

ଆଇନଷ୍ଟାଇନଙ୍କ ମତରେ ଯେଉଁ ଧର୍ମ ବିଜ୍ଞାନ ସମ୍ମତ ବା ଭିତ୍ତିକ ନୁହେଁ, ତାହା ଅନ୍ଧ ବିଶ୍ୱାସରେ ପରିଣତ ହୋଇଯାଏ। ତୁଳସୀ ସାହାଯ୍ୟରେ (ଈଶ୍ୱରଙ୍କୁ ବାଦଦେଲେ), ତୁଳସୀକୁ ଏକ ବୃକ୍ଷ ହିସାବରେ ପୂଜା କରିବାରେ ଏହାର ଯଥାର୍ଥତା ବିଜ୍ଞାନ ଦୃଷ୍ଟିରୁ ଠିକ୍ ନା' ଭୁଲ ବିଚାରିବା କଥା।

'ଈଶ୍ୱର'ଙ୍କୁ ଆବିଷ୍କାର କରିବା ପୂର୍ବରୁ ମଣିଷ ଥିଲା ଓ ଅଛି ପ୍ରକୃତିର ସନ୍ତାନ। ପ୍ରକୃତିର ବାୟୁ, ପାଣି, ମାଟି (ବାପା ମା) ସୂର୍ଯ୍ୟାଲୋକ ପରିବେଶର ଉଦ୍‌ଭିଦ୍ ଓ ପ୍ରାଣୀ ତା' ଜୀବନର ନିୟମାଙ୍କ ଥିଲେ ଓ ଅଛନ୍ତି। ସେ ଥିଲା ପ୍ରକୃତି ଉପାସକ। ଏହାହିଁ ସତ୍ୟ। ପରବର୍ତ୍ତୀ ସମୟରେ ଈଶ୍ୱରଙ୍କ ଆବିଷ୍କାର ପରେ ଯେଉଁ କାଳ୍ପନିକ / ସତ୍ୟ ଶକ୍ତି ତା' ଜୀବନ କ୍ଷେତ୍ରରେ ପ୍ରବେଶ କଲେ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଇତ୍ୟଦି ୩୩ କୋଟି ଦେବତା। ଏମାନେ ପ୍ରତ୍ୟେକ ଗାଟିଏ ଗୋଟିଏ ବୃକ୍ଷ ବା ସ୍ଥାବର ଶକ୍ତିକୁ ପ୍ରତିନିଧିତ୍ୱ କରନ୍ତି। ଯେମିତି ବରଗଛ ବିଷ୍ଣୁଙ୍କୁ; ଓସ୍ତଗଛ ମହାଦେବଙ୍କୁ ; ନିମ୍ବଗଛ ଜଗନ୍ନାଥଙ୍କୁ... ଇତ୍ୟାଦି। ସେମିତି ତୁଳସୀ ଗଛ ବୃନ୍ଦାବତୀଙ୍କୁ। ଏହାହିଁ ପ୍ରଥମତଃ ପ୍ରକୃତି ଓ ଧର୍ମର ସମନ୍ୱୟ। କହିବା ବାହୁଲ୍ୟ ଯେ ଗୋଟିଏ ବରଗଛ ଦିନକୁ ଯେତିକି ଶୀତଳତା ଦିଏ, ତାହା ୨୦୦୦ ରେଫ୍ରିଜେରେଟର ସହ ସମାନ, ତା' ଜୀବଦଶାରେ ଦେଉଥିବା ଅମ୍ଳଜାନର ପରିମାଣ ସାଂପ୍ରତିକ ମୂଲ୍ୟରେ ୩୦କୋଟି ଟଂକା ସହିତ ସମାନ। ପ୍ରତ୍ୟେକ ଗଛ ଦିବା-ରାତ୍ର ଅମ୍ଳଜାନ ଦିଅନ୍ତି ନାହିଁ। ନିମ୍ବ ଏବଂ ଓସ୍ତପରି କିଛି ବୃକ୍ଷ ଦେଇଥାନ୍ତି। ଅମ୍ଳଜାନ ବୀନା ଦହନ ଓ ଜୀବନ ଅସମ୍ଭବ। ନିମ୍ବର ଅତ୍ୟଧିକ ଉପକାରିତା ହେତୁ ସେ ସାଜିଛି ଦାରୁଦେବତା। ଉପକାରର ମାତ୍ରା ନେଇ ଗଛଟିଏ ପୂଜା ପାଏ। ଧର୍ମକୁ ବାଦଦେଇ ଯଦି ଆମେ ତୁଳସୀ ଗଛ କଥା ବିଚାରିବା ଏହାର ଔଷଧୀୟ ଗୁଣର ପଟାନ୍ତର ନାହିଁ। ଶରୀରଥିଲେ ଶ୍ରମ ଦେଇ ଅର୍ଜନ, ଜୀବନ। ଧର୍ମ ଶାସ୍ତ୍ରରେ ଯେଉଁ ବିଜ୍ଞାନ କଥା କୁହାଯାଇଛି ବିଚାରନ୍ତୁ; ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ, ପତ୍ରେ ଦେବତାଙ୍କ ବାସ। ସେ ପତ୍ର ପଡ଼ିଲେ ମଣୋହି ହୁଅଇ କହଇ ଗୋଲକ ଦାସ॥

ଅର୍ଥାତ୍ ତୁଳସୀ ମୂଳରେ ଜଳ ଗଙ୍ଗାପରି ପବିତ୍ର ହଜମକାରୀ। ତା' ଡାଳେ ବିଷ୍ଣୁ ଥା'ନ୍ତି ଅର୍ଥାତ୍ ଡାଳରେ ମାଳକରି ପିନ୍ଧିଲେ ଚର୍ମରୋଗ ହୁଏ ନାହିଁ; ପତ୍ରରେ ଦେବତା ବାସ କହିଲେ ତା' ପତ୍ର ସେବନରେ କାଶ, ଶ୍ୱାସ ଏବଂ ଶର୍ଦ୍ଦି ଇତ୍ୟାଦି ହୁଏନାହିଁ। ପୁନଶ୍ଚ ତା' ପତ୍ରରେ କର୍ପୁର ଥିବାରୁ ଖାଦ୍ୟ ପଦାର୍ଥରେ ପକାଇଲେ କୀଟମାନେ ବସନ୍ତି ନାହିଁ। ଏଣୁ ମଣୋହି ବା ଭୋଜନ ଯୋଗ୍ୟ। ବାଡ଼ିରେ ତୁଳସୀ ଗଛଥିଲେ, ରୋଗସୃଷ୍ଟିକାରୀ ଜୀବାଣୁମାନେ ଆସନ୍ତି ନାହିଁ। ସାପ ଘରେ ପ୍ରବେଶ କରନ୍ତି ନାହିଁ, କାଛୁ, କୁଣ୍ଡିଆ, ଯାଦୁ, ବିରୁଡ଼ି, ମହୁମାଛି କାମୁଡ଼ା ଅନ୍ୟାନ୍ୟ କୀଟଙ୍କ ଦଂଶନ ଇତ୍ୟାଦି ପାଇଁ ତୁଳସୀ ଏକ ରୋଗ ନିବାରଣକାରୀ ଔଷଧ; ନିର୍ଦ୍ଦିଷ୍ଟ ଅନୁପାତରେ ଏହା ବିଭିନ୍ନ ଦ୍ରବ୍ୟ ସହିତ ମିଶି ଦୁରାରୋଗ୍ୟ ଔଷଧ ତିଆରିରେ ବ୍ୟବହୃତ ହୁଏ। ଅସୁମାରୀ ଏହାର ଉପକାରୀ ଗୁଣ। ଏଣୁ ଯଥାର୍ଥରେ କୁହାଯାଇଛି : ବରଦା ଭବ ଶୋଭନେ। ଉପସଂହାରରେ ଏତିକି କୁହାଯାଇ ପାରେଯେ ଧର୍ମ ଦୃଷ୍ଟିରୁ ହେଉ ବା ବିଜ୍ଞାନ ଦୃଷ୍ଟିରୁ ତୁଳସୀ ହିଁ ଆରାଧ୍ୟା ଏବଂ ନମସ୍ୟା।


**ଅଧ୍ୟକ୍ଷ**
**ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ : ବିପିନ ବିହାରୀ ପାଠାଗାର, ଜଟଣୀ**
**ଦୂରଭାଷ : ୯୯୩୮୩୪୧୩୮**


# ହାୟ ମୁମ୍ବାଇ !

**ସୁରେନ୍ଦ୍ରନାଥ ଦାଶ**

ଭାରତୀୟ ଉପମହାଦେଶରେ ମୁମ୍ବାଇ(ବମ୍ବେ) ମହାନଗରୀର ଉତ୍‌ଥାନର କଥା ରୂପକଥାର କାହାଣୀ ଭଳି ଲାଗେ । ପଶ୍ଚିମରେ ଆରବ ସାଗର ଉପକୂଳର ଅତି ଅସ୍ୱାସ୍ଥ୍ୟକର, ସନ୍ତସନ୍ତିଆ ଖଣ୍ଡଖଣ୍ଡ ସାତଟି ଦ୍ୱୀପ ଯେ ଦିନେ ଦେଶର ଅର୍ଥନୈତିକ ରାଜଧାନୀରେ ପରିଣତ ହେବ ତାହା କେହିବି ବିଶ୍ୱାସ କରିନଥିଲେ । ପଂଚଦଶ ଶତାବ୍ଦୀ ପୁର୍ବରୁ ଏଠାରେ କୋଳି ଧୀବର ମାନଙ୍କର ଆଶ୍ରୟ ସ୍ଥଳୀ ଥିଲା । ପରେ ୧୫୩୫ ମସିହାରେ ଗୁଜୁରାଟ ସୁଲତାନଙ୍କ ଠାରୁ ପର୍ତ୍ତୁଗିଜ ମାନେ ଏହାର ମାଲିକାନା ନେଲା ପରେ ଏହାର ପ୍ରାକୃତିକ ପୋତାଶ୍ରୟର ଗୁରୁତ୍ୱ ବୁଝି ପାରିଲେ,ଏହା ଏକ ବାଣିଜ୍ୟ କେନ୍ଦ୍ର ରୂପେ ବଢି ଚାଲିଲା । ୧୬୬୧ ମସିହାରେ ପର୍ତ୍ତୁଗିଜ ରାଜକୁମାରୀ କାଥାରିନ ବ୍ରେଜେଙ୍ଗା ଇଂରେଜ ରାଜପୁତ୍ର ଚାର୍ଲସ-୨ ଙ୍କୁ ବିବାହ ଅବସରରେ ବମ୍ବେ ଦ୍ୱୀପ ତାଙ୍କୁ ଯୌତୁକ ଦିଆଗଲା । ୧୬୬୬ ମସିହାରେ ବାର୍ଷିକ ୧୦ ପାଉଣ୍ଡ ସଲାମିରେ ତାହା ଇଷ୍ଟ ଇଣ୍ଡିଆ କମ୍ପାନୀକୁ ପଟ୍ଟା ଦିଆଗଲା । ଇଂରେଜ ମାନେ ସେମାନଙ୍କର ମୁଖ୍ୟ ଦପ୍ତର ସୁରାଟରୁ ବମ୍ବେକୁ ଉଠାଇ ନେଲେ । ତୃତୀୟ ମରହଟ୍ଟା ଯୁଦ୍ଧ (୧୮୧୮)ରେ ମରହଟ୍ଟା ମାନେ ପରାସ୍ତ ହେଲେ, ସାରା ଦାକ୍ଷିଣାତ୍ୟ ର ମାଲିକ ଇଂରେଜ ମାନେ ହେଲେ । ବମ୍ବେ ଠାରେ ବୃହତ ପୋତାଶ୍ରୟ, ଭିକ୍ଟୋରିଆ ଟରମିନାଲ ରେଳଷ୍ଟସନ, ସାନ୍ତାକ୍ରୁଜ ବିମାନ ବନ୍ଦର ତିଆରି ହେଲା । ସୁଏଜ କେନାଲ ଖୋଲା(୧୮୬୯) ହେଲା ପରେ ଏହାର ବ୍ୟବସାୟ ବଢି ଚାଲିଲା । ମୁମ୍ବାଇ ମହାନଗରୀର ଲୋକସଂଖ୍ୟା ୨୩ ମିଲିଅନ। ଅନେକ ଏହାକୁ ବିଶ୍ୱର ସବୁଠାରୁ ୮ମ ଜନବହୁଳ ନଗରୀର ମାନ୍ୟତା ଦିଅନ୍ତି । ଭାରତର ଜିଡିପି ର ୭ ଭାଗ.୨୩ ଶତକଡା ଶିଳ୍ପ ଉତ୍ପାଦନ ଓ ୭୦ ଶତକଡା ନୌବାଣିଜ୍ୟ ମୁମ୍ବାଇ ଦ୍ୱାରା ହୋଇଥାଏ । ବୃହତର ବମ୍ବେର ଗୁଜୁରାଟୀ, ପାର୍ସି, ସିନ୍ଧୀ, ମାରୱାଡି ବ୍ୟବସାୟୀ ମାନେ ଏଠାରେ ନିଜ ବ୍ୟବସାୟ କେନ୍ଦ୍ର କରି ଏହାର ସମୃଦ୍ଧି ଆଣିଛନ୍ତି । ଆଗରୁ ଗୁଜୁରାଟ ଓ ମହାରାଷ୍ଟ୍ର ଗୋଟିଏ ପ୍ରଦେଶ (ବୃହତ୍ତର ବମ୍ବେ)ଥିଲା । ବମ୍ବେ ନଗରୀର ନାମ ୧୯୯୫ ମସିହାରୁ ମୁମ୍ବାଇ ହୋଇଛି । ଭିକ୍ଟୋରିଆ ଟରମିନାଲ ଛତ୍ରପତି ଟରମିନାଲ ହୋଇଛି । ୧୯୬୦ ମସିହା ରେ ଏହା ମହାରାଷ୍ଟ୍ର ଓ ଗୁଜୁରାଟ ଦୁଇ ଭାଗରେ ବିଭକ୍ତ ହେଲା । ବିଭାଜନ,ସାଂପ୍ରଦୟିକ ହିଂସାକାଣ୍ଡ, ପରବର୍ତ୍ତି ବାମପନ୍ଥୀ, ନକସାଲାଇଟ ଆନ୍ଦୋଳନ ଯୋଗୁ କଲିକତାର ଅନେକ ବ୍ୟବସାୟ ମୁଖ୍ୟ ଦପ୍ତର ମୁମ୍ବାଇକୁ ଉଠିଗଲା । ପାକିସ୍ତାନରେ ମିଶିଲା ପରେ ସିନ୍ଧୁ ପ୍ରଦେଶର ଅନେକ ସିନ୍ଧି ଓ ଜୈନ ଏଠାରେ ନିଜର ବ୍ୟବସାୟ ଆରମ୍ଭ କଲେ । ଭାରତରେ ରହୁଥିବା ସଂଖ୍ୟାଲଘୁ ପାର୍ସି ସଂପ୍ରଦାୟ ମଧ୍ୟ ବାଣିଜ୍ୟ ବ୍ୟବସାୟରେ ବମ୍ବେକୁ ସମୃଦ୍ଧି ଆଣି ଦେଇଛନ୍ତି । ଏଠାରେ ଦେଶର ତଥା ବିଶ୍ୱ ର ସର୍ବାଧିକ ଅର୍ବପତି ମାନେ ବାସ କରନ୍ତି । ଅଧିକାଂଶ ବଡବଡ କମ୍ପାନୀ ସେମାନଙ୍କର ମୁଖ୍ୟ ଦପ୍ତର ଏଠାରେ ରଖିଛନ୍ତି । ସେଗୁଡିକ ହେଲା ରିଜର୍ଭ ବ୍ୟାଙ୍କ, ଏୟାର ଇଣ୍ଡିଆ, ଏଲ ଆଇ ସି କର୍ପୋରେସନ ଅଫ ଇଣ୍ଡିଆ, ନେସନାଲ ଷ୍ଟକ ଏକ୍ସଚେଂଜ, ଟାଟା, ଗଡରେଜ, ରେଲିଆନସ, ଲାରସନ ଟର୍ବୋ । ଏହାର ଦଲାଲ ଷ୍ଟ୍ରିଟ ଦେଶର ସବୁଠାରୁ ବଡ ଷ୍ଟକ ଏକଚେଞ୍ଜ । ଏହି ମହାନଗରୀ ଭାରତିୟ ସିନେମା ଜଗତର କେନ୍ଦ୍ରସ୍ଥଳୀ (ହଲିଉଡ)ଓ ସେଥିପାଇଁ ଏହାକୁ ମାୟା ନଗରୀ କୁହାଯାଏ । ଦେଶର କୋଣଅନୁ କୋଣରୁ ଲକ୍ଷଲକ୍ଷ ଯୁବକ ଯୁବତୀ ସେହି ମାୟାରେ ଆକୃଷ୍ଟ ହୋଇ ଏଠାକୁ ଧାଇଁ ଆସନ୍ତି ଓ ଏହାର ଜନ ଗହଳିରେ ନିଜକୁ ହଜାଇ ଦିଅନ୍ତି। ଅନେକ ଙ୍କର ଧାରଣା ମୁମ୍ବାଇରେ ପେଟ ପୋଷା ପାଇଁ ଅଭାବ ରହିବ ନାହିଁ ।

**(ଅବଶିଷ୍ଟାଂଶ ପୃଷ୍ଠା-୭ରେ)**

କବିତା କୋଣାର୍କ

## ଏଇ ଜୀବନ

**ଝରଣା ଦାସ**

ତମନା ଅଛି ବୋଲି
ତିନ୍ତିବୁଡ଼ି ଆଗେଇବାର
ଅପେକ୍ଷା ରଖୁଥିବା
ଏଇ ଜୀବନ
ଜୀବନ ତ ମୋଟେ ନୁହେଁ
ଖରାରେ ଖାଡ଼ା ରହି
ବର୍ଷାରେ ବତୁରି
ଶୀତରେ ଶୀତେଇ
ଟେଁ ଟେଁୟା ଚଢ଼େଇଟେ ପରି
ଚାଲିବା ନାଁରେ
ଡେଇଁ ଡେଇଁ ଦୌଡ଼ିବା ଯେମିତି
ଗୋଟେ ସ୍ୱପ୍ନ ଭୁକ ମଣିଷର ଏକୁଡ଼ିଶାଳ
ଯେଉଁଘର ଛପର କଣାରୁ
ଦିନ ସୂର୍ଯ୍ୟ/ ରାତି ଜହ୍ନ
ପବନରେ ପହଁରିଲା ପରି
ପାଣିରେ ଲହରିଲା ପରି
ଗଛ ଲତା ପତ୍ର ଗହଳ ଫାଙ୍କରୁ
ଡାଳ ମାଙ୍କୁଡ଼ି ଖେଳୁଥିବା
ଏଇ ଜୀବନ
ଜୀବନ ତ ମୋଟେ ନୁହେଁ
ଗୋଟେ ଗେଣ୍ଡା ଖୁଂଟ ଚଢ଼ିଲା ପରି
ପେଟେଇ ହାମୁଡ଼େଇ
ଠିଆ ହେବାର କସରତ କରୁଥିବା
ମଣିଷଟିଏର ଜୀବନ
ଜୀବନ ତ ମୋଟେ ନୁହେଁ
ଟୋପେ ତେଲ/ ଟିପେ ଲୁଣ
ତାକୁ ନେଇ ନିତିପ୍ରତି ଚାଲୁଥିବା ସଂଗ୍ରାମ
ସଂଘର୍ଷ ତ ମୋଟେ ନୁହେଁ
ଯେମିତିକି ଆତ୍ମହତ୍ୟା
କାଲିପାଇଁ ଉତ୍ସର୍ଗୁଥିବା ଆଜିର
କିଛିକ୍ଷଣ ପାଇଁ ହେଉପଛେ
କଥା କବିତାରେ ମୋହମଗ୍ନ
ବେଦନା ବିଧୃତ ଜୀବନରୁ
ଖସରା ମାରିବାର
କେବଳ ମାତ୍ର ଉପକ୍ରମ।

+ କଲ୍ୟାଣ ନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୮୩୪୨୮୫୬୦୦୧

## ମିଳିଗଲା ସମାନତା...

**ପ୍ରଶାନ୍ତ କୁମାର ନାଥ**

ମିଳିଗଲା ସମାନତା
ଜାମ୍ମୁ ହେଉ ଅବା ହେଉ କାଶିମିରି
ସମସ୍ତେ ଯେ ଭାରତୀୟ
ସଭିଙ୍କ ତୁଣ୍ଡରେ ଗୋଟିଏ ସ୍ଲୋଗାନ
ଭାରତ ମାତାକି ଜୟ।

ସବୁଠି ଉଡ଼ିବ ତ୍ରିରଙ୍ଗା ପତାକା
ଭାରତର ସବୁ କୋଣେ
ସ୍ୱତନ୍ତ୍ର ପତାକା ଉଡ଼ିବନି ଆଉ
ଜାମ୍ମୁ କାଶ୍ମୀର ପ୍ରାଙ୍ଗଣେ।

କେନ୍ଦ୍ରଶାସିତ ଅଂଚଳ ଯେ ହୋଇବ
ହେବନି ସ୍ୱତନ୍ତ୍ର ରାଜ୍ୟ
ସଭିଙ୍କୁ ମିଳିବ ଉଚିତ ସମ୍ମାନ
ସଭିଙ୍କ ସମାନ କାର୍ଯ୍ୟ।

ତିନିଶ ସତୁରୀ ଧାରା ଉଠିଗଲା
ବଦଳି ଗଲା ନିୟମ
ରାଷ୍ଟ୍ରପତି ଶାସନ ଲାଗୁ ହୋଇଲା
ନାହିଁ ରାଜ୍ୟପାଳ ଶାସନ।

ଜାମ୍ମୁ କାଶ୍ମୀରର ଜାଗା କିଣିବାରେ
ନାହିଁତ ବାଛ ବିଚାର
ସମସ୍ତଙ୍କ ପାଇଁ ମିଳିବ ସେଇଠି
ସମାନତା ଅଧିକାର।

ବିଧାନ ସଭାର କାର୍ଯ୍ୟକାଳ ଏବେ
ପାଂଚବର୍ଷ ହୋଇଅଛି
ଛଅବର୍ଷ ବୋଲି ରହିଥିଲା ଯାହା
ଏବେ ତାହା ବଦଳିଛି।

ଥିଲେତ ଜନତା ଥିଲାବି ଏକତା
ନଥିଲା ତ ସମାନତା
ଧାରା ଉଠିବାର ପଦକ୍ଷେପ ଆଜି
ଦେଇଛି ସେହି କ୍ଷମତା।

ପରିବର୍ତ୍ତନକୁ ସ୍ୱାଗତ କରୁଛୁ
ବଦଳିଛି ଇତିହାସ
କାଶ୍ମୀରଠାରୁ କନ୍ୟାକୁମାରୀ ଯେ
ଗୋଟିଏ ଭାରତବର୍ଷ।

+ ୩୮/୩, ଲକ୍ଷ୍ମୀପୁରା, ସକଳବାରା ରୋଡ଼, ଜିଗନୀ ହୋବ୍ଲିକ, ଆନେକଲ ତାଲୁକ, ବାଙ୍ଗାଲୋ-୫୬୦୦୮୩



# ରାମଗଡ଼

ଉତ୍ତରାଖଣ୍ଡର ଚୋପତା, ଡେରାଡୁନ୍, ଭିମ୍‌ତାଲ, ମୁକ୍ତେଶ୍ୱର ପରି ଅନେକ ଲୋକପ୍ରିୟ ଶୈଳନିବାସ ରହିଛି । ହେଲେ ଉତ୍ତରାଖଣ୍ଡରେ ଏମିତି ମଧ୍ୟ କିଛି ପର୍ଯ୍ୟଟନସ୍ଥଳୀ ଅଛି ଯାହା ବିଷୟରେ ଖୁବ୍ କମ୍ ଲୋକ ଜାଣିଛନ୍ତି । ସେମିତି ଏକ ସ୍ଥାନ ହେଉଛି ରାମଗଡ଼ । ଏହି ଛୋଟ ଶୈଳନିବାସରେ ଭରି ରହିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ । ଏହାର ଚତୁପାର୍ଶ୍ୱକୁ ପାହାଡ଼, ଝରଣା ଏବଂ ଘଞ୍ଚ ଘେରି ରହିଛି । ନୈନିତାଲରୁ ୨୪ କିଲୋମିଟର ଦୂରରେ ଅବସ୍ଥିତ ଏହି ଶୈଳନିବାସ । ଏହି ସ୍ଥାନରେ ଅଧିକ ଫଳ ଉତ୍ପାଦନ ହେଉଥିବାରୁ । ରାମଗଡ଼କୁ ଉତ୍ତରାଖଣ୍ଡର ଫଳ ଝୁଡ଼ି ମଧ୍ୟ କୁହାଯାଏ । ପୂର୍ବରୁ ଏହି ସ୍ଥାନରେ ଅନେକ ବ୍ରିଟିଶ୍ ଅଫିସର୍‌ମାନେ ଆରାମ କରିବାକୁ ଆସୁଥିଲେ । ବ୍ରିଟିଶ୍ ସମୟର ବଙ୍ଗଳା ଆଜି ବି ଏଠାରେ ଦେଖିବାକୁ ମିଳେ । ଏହି ସ୍ଥାନରେ ବିଭିନ୍ନ ପ୍ରକାର ବରକୋଳି, ଆପଲ, କମଳା ଆଦିର ବଗିଚା ଦେଖିବାକୁ ମିଳେ । ପର୍ଯ୍ୟଟକମାନେ ସ୍ଥାନୀୟ ଲୋକମାନଙ୍କ ସହ ମିଶି ଟ୍ରେକିଙ୍ଗ ମଜା ମଧ୍ୟ ନେଇଥାନ୍ତି ।





**ନଥୁଖାନ:**
ସମୁଦ୍ର ପତନରୁ ୬,୩୬୫ ଫୁଟ୍ ଉଚ୍ଚରେ ଅବସ୍ଥିତ ନଥୁଖାନ । ଏହି ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରି ରହିଛି । ପ୍ରକୃତିର ଭବ୍ୟ ଦୃଶ୍ୟରେ ପରିପୂର୍ଣ୍ଣ । ଏହି ସ୍ଥାନଟି ପର୍ଯ୍ୟଟକଙ୍କୁ ଶାନ୍ତି ଦେଇଥାଏ । କୋଳାହଳମୁକ୍ତ ଏହି ଛୋଟ ସ୍ଥାନଟିରେ ପର୍ଯ୍ୟଟକଙ୍କ ଗହଳି ଜମୁନଥିବାରୁ ନିରୋଳା ସ୍ଥାନ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଭଲ ବିକଳ୍ପ ହୋଇପାରିବ ।

**ମୁକ୍ତେଶ୍ୱର:**
ଏହି ସ୍ଥାନର ଏଠାରେ ଥିବା ପ୍ରାଚୀନ ଶିବ ମନ୍ଦିରର ନାଁରେ ରଖାଯାଇଛି । ମୁକ୍ତେଶ୍ୱରରୁ ନନ୍ଦଦେବୀ, ନନ୍ଦକୋଟ, ତ୍ରିଶୁଳ ଏବଂ ପଞ୍ଚାଚୁଲି ସହଜରେ ପହଞ୍ଚି ହୋଇଥାଏ । ପର୍ଯ୍ୟଟକମାନେ ଏହି ସ୍ଥାନରେ ରକ୍ କ୍ଲାଇମ୍ବିଙ୍ଗ୍, ର୍‌ୟାପଲିଙ୍ଗ୍ ଭଳି ରୋମାଞ୍ଚକର କ୍ରୀଡ଼ାରେ ଅଂଶଗ୍ରହଣ କରିଥାନ୍ତି ।

***କେଉଁଠି ରହିବେ:***
ରାମଗଡ଼ରେ ରହିବା ପାଇଁ ବିଭିନ୍ନ ପ୍ରକାର ଛୋଟ ବଡ଼ ହୋଟେଲ ଏବଂ ରିର୍ସଟ ଆଦି ରହିଛି । ପର୍ଯ୍ୟଟକମାନଙ୍କ ରହିବା ଖାଇବାରେ କୌଣସି ଅସୁବିଧା ହୋଇନଥାଏ । କିଛି କିଛି ହୋଟେଲ ପର୍ଯ୍ୟଟକଙ୍କ ବୁଲାବୁଲି ପାଇଁ ଟୁରିଷ୍ଟ ବସ୍ ମଧ୍ୟ ଯୋଗାଇ ଦେଇଥାନ୍ତି ।

***କେମିତି ଯିବେ:***
ରାମଗଡ଼ର ନିକଟତମ ବିମାନବନ୍ଦର ପନ୍ତନଗର ବିମାନବନ୍ଦର । ଏହା ରାମଗଡ଼ରୁ ୭୬ କି.ମି ଦୂର । ବିମାନବନ୍ଦରରୁ ଟ୍ୟାକ୍ସି ଯୋଗେ ରାମଗଡ଼ ଆସି ହୋଇଥାଏ । ନଚେତ୍ କାଠଗୋଦାମ ରେଳଷ୍ଟେସନରୁ ମଧ୍ୟ ଆସି ପାରିବେ । ପ୍ରତିଦିନ ଦିଲ୍ଲୀରୁ କାଠଗୋଦାମ ଟ୍ରେନ୍ ଯିବାଆସିବା କରିଥାଏ । ଆଲମୋଡା କିମ୍ବା ହଲଦ୍ୱାନିରୁ ମଧ୍ୟ ବସ୍ ଯୋଗେ ରାମଗଡ଼ ପହଞ୍ଚି ହୋଇଥାଏ ।

***କେବେ ଆସିବେ:***
ରାମଗଡ଼ର ପାଣିପାଗ ସବୁବେଳେ ଥଣ୍ଡା ରହିଥାଏ । ତେଣୁ ଏହି ସ୍ଥାନକୁ ସବୁ ସମୟରେ ଆସି ହୋଇଥାଏ । କିନ୍ତୁ ମାର୍ଚ୍ଚରୁ ସେପ୍ଟେମ୍ବର ଏହି ସ୍ଥାନରେ ଅଧିକ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳେ ।

**ଶ୍ରୀ ଅରବିନ୍ଦ ଆଶ୍ରମ:**
ଶ୍ରୀ ଅରବିନ୍ଦ ଆଶ୍ରମ ରାମଗଡ଼ର ସବୁଠୁ ଲୋକପ୍ରିୟ ସ୍ଥାନ । ଏହି ଆଶ୍ରମ ପର୍ଯ୍ୟଟକଙ୍କୁ ଯୋଗ ଆଦିର ସୁବିଧା ଉପଲବ୍ଧ କରାଇଥାଏ । ଏହା ବ୍ୟତୀତ ଏଠାରେ ଧ୍ୟାନ କକ୍ଷ ମଧ୍ୟ ରହିଛି ।



# କୋହ୍ଲାପୁରର 'ସାପ ଦୁର୍ଗ'



ଭାରତରେ ଏମିତି କିଛି ଦୁର୍ଗ ରହିଛି, ଯାହା ବହୁ ପୁରାତନ । ଏପରିକି ଏହି ଦୁର୍ଗ କେବେ ତିଆରି ହୋଇଛି, କିଏ ତିଆରି କରିଛନ୍ତି, ତାହା କାହାକୁ ସଠିକ୍ ଭାବେ ଜଣା ନଥାଏ । କେବଳ ଯାହା ଅନୁମାନ କରାଯାଏ । ଏପରି ଏକ ଐତତିହାସିକ ଦୁର୍ଗ ହେଉଛି 'ସାପ ଦୁର୍ଗ' । କୁହାଯାଏ ଏହା ୮୦୦ ବର୍ଷ ତଳର ପୁରୁଣା ଦୁର୍ଗ । ୧୧୭୮ ରୁ ୧୨୦୯ ଖ୍ରୀଷ୍ଟାବ୍ଦରେ ଶିଳାହାର ଶାସକ ଦ୍ୱିତୀୟ ଭୋଜ ଏହାକୁ ନିର୍ମାଣ କରିଥିଲେ । କେଉଁଠାରେ ରାଜା ଭୋଜ ତ ଆଉ କେଉଁଠି ଗଙ୍ଗୁ ତେଲି ଏହି ଦୁର୍ଗ ନିର୍ମାଣ କରିଥିବା କୁହାଯାଇଛି । ଏହାକୁ 'ପହ୍ନାଲା' ଦୁର୍ଗ ମଧ୍ୟ କୁହାଯାଏ । ଯେଉଁଥିରେ ପହ୍ନାଲାଗଡ଼, ପହ୍ନାଲା ଆଦି ନାମରେ ଜଣାଶୁଣା । ଏହି ଦୁର୍ଗ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲାର ଦକ୍ଷିଣପୂର୍ବରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ । ପହ୍ନାଲା ଏକ ଛୋଟ ସହର ଏବଂ ହିଲ୍ ଷ୍ଟେସନ । କିନ୍ତୁ ଏହାର ଇତିହାସ ଶିବାଜୀ ମହାରାଜାଙ୍କ ସହ ଜଡ଼ିତ । ଯଦିଓ ଏହି ଦୁର୍ଗ ଯାଦବ, ବାହମାନୀ ଏବଂ ଆଦିଲ ଶାହି ପରି ଅନେକ ରାଜବଂଶ ଅଧୀନରେ ରହିଆସିଛି । କିନ୍ତୁ ୧୬୭୩ ଖ୍ରୀଷ୍ଟାବ୍ଦରେ ଏହା ଶିବାଜୀ ମହାରାଜାଙ୍କ ଅଧୀନକୁ ଯାଇଥିଲା । କୁହାଯାଏ, ଶିବାଜୀ ମହାରାଜ ପହ୍ନାଲା ଦୁର୍ଗରେ ଦୀର୍ଘ ସମୟ ରହିଥିଲେ । ଏଠାରେ ସେ ୫୦୦ ଦିନରୁ ଅଧିକ ରହିଥିଲେ । ପରେ ଏହି ଦୁର୍ଗ ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା । ଏହି ଦୁର୍ଗକୁ 'ସାପ' ଦୁର୍ଗ କୁହାଯାଏ । କାରଣ ଏହା ଅଙ୍କାବଙ୍କା ଭାବରେ ନିର୍ମାଣ କରାଯାଇଛି । ଏମିତି ଜଣାପଡ଼େ କି, ଏହା ଉପରେ ଯେମିତି ସାପ ଚାଲୁଛନ୍ତି । ଏହି ଦୁର୍ଗ ନିକଟରେ କୁଳଦେବୀ ତୁଳଜା ଭବାନୀଙ୍କ ମନ୍ଦିର ରହିଛି । ଯେଉଁଥିରେ ଏକ ଗୁପ୍ତ ସୁଡ଼ଙ୍ଗଟି ବ୍ୟାପିଛି । ଏହି ସୁଡ଼ଙ୍ଗକୁ ଏବେ ବନ୍ଦ କରିଦିଆଯାଇଛି । କୁହାଯାଏ, ଶତ୍ରୁପକ୍ଷ ଆକ୍ରମଣ ସମୟରେ ଏହି ସୁଡ଼ଙ୍ଗରେ ରହି ଜୀବନ ବଞ୍ଚାଇବାକୁ ପଡୁଥିଲା ।

## ସ୍ୱାସ୍ଥ୍ୟ ମନ୍ତ୍ର



ବରଫ ଦ୍ୱାରା ଘରେ କରାଯାଉଥିବା ବିଭିନ୍ନ ଉପଚାର ବାବଦରେ ଜାଣନ୍ତୁ । ରାତିରେ ଠିକ୍‌ରେ ନିଦ ନହେଲେ, ସକାଳେ ବେଳେ ବେଳେ ଆଖି ଫୁଲିଲା ଦିଶେ । ବ୍ୟବହୃତ ସବୁଜ ଚାହା ବ୍ୟାଗ୍, ବରଫ ଖଣ୍ଡରେ କିଛି ସମୟ ବୁଡ଼ାଇରଖି, ଆଖି ଉପରେ ଥୁଅନ୍ତୁ । ଏହା ଦ୍ୱାରା ଆରାମ ଲାଗେ ଏବଂ ଫୁଲା କମିଯାଏ । ପ୍ରତି ଦିନ ମୁହଁରେ କିଛି ସମୟ ଗରଫ ଘଷିଲେ, ବୟସ ଦାଗ ପଡ଼ିବା ବିଳମ୍ବିତ ହେଉଥିବା ପ୍ରମାଣିତ । ଧୂଳି-ଧୂମ ଯୋଗୁଁ ମୁହଁ କଳା ପଡ଼େ । ମୁହଁର ସ୍ୱାଭାବିକ ରଙ୍ଗ ଫେରିପାଇବା ପାଇଁ ପ୍ରତିଦିନ ବରଫ ଘଷନ୍ତୁ । ଖରାରେ ମୁହଁ ଜଳିଗଲେ, ଏକ ସଫା କନାରେ ବରଫ ବାନ୍ଧି, ପାଲଟିଯିବା ପରେ ମୁହଁରେ ମାଲିସ କରନ୍ତୁ ଏବଂ ଫେସ୍ ୱାସ୍ ଦ୍ୱାରା ସଫାକରନ୍ତୁ । ତେଲିଆ ତ୍ୱଚା ସମସ୍ୟାରୁ ମୁକ୍ତି ପାଇବା ପାଇଁ ବରଫ ଘଷନ୍ତୁ ।

# ଦାମୀ ପିଜ୍ଜା



ପିଜ୍ଜା ପିଲାମାନଙ୍କଠାରୁ ବଡ଼ ସମସ୍ତଙ୍କର ପସନ୍ଦ । ଭେଜ୍ ହେଉ ବା ନନଭେଜ୍ ପିଜ୍ଜା ନାଁ ଶୁଣିଲାମାତ୍ରେ ପାଟିରେର ପାଣି ଆସିଯାଏ । ଏମିତିକି ପିଜ୍ଜା ଅନ୍ୟତମ ଲୋକପ୍ରିୟ ଫାଷ୍ଟଫୁଡ୍ । ଏଥିରେ ବିଭିନ୍ନ ପ୍ରକାର ଚଟ୍‌ନି, ପନିର, ବଟର ଆଦି ଟପିଙ୍ଗସ୍ ଦେଇ ତିଆରି କରାଯାଇଥାଏ । ବିଭିନ୍ନ ସ୍ଥାନରେ ଥିବା ପିଜ୍ଜା ଷ୍ଟଲ୍ ଗୁଡ଼ିକରେ ଏହାର ସ୍ୱାଦ ଏବଂ ଆକାର ଅନୁସାରେ ମୂଲ ସ୍ଥିର କରାଯାଇଥାଏ । କିନ୍ତୁ ଏମିତି ମଧ୍ୟ ପିଜ୍ଜା ଅଛି ଯାହାର ମୂଲ୍ୟ ଆପଣଙ୍କ କଳ୍ପନା ବାହାରେ ।



**ଦ ମ୍ୟାଜିକ୍ ଗୋଲ୍ଡ:**
ଏହି ପିଜ୍ଜା ମ୍ୟାଜିକ୍ ଓଭନ୍ ନାଁରେ ମଧ୍ୟ ଲୋକପ୍ରିୟ । ଟାରୋଣ୍ଟୋର ଏକ ରେସ୍ତୋରାଁ ଏହି ସ୍ୱତନ୍ତ୍ର ପିଜ୍ଜା ତିଆରି କରିଥାଏ । ଏହି ପିଜ୍ଜାକୁ ପରିବେଷଣ କରିବା ଷ୍ଟାଇଲ ଏହାକୁ ଅନ୍ୟ ପିଜ୍ଜା ତୁଳନାରେ ସ୍ୱତନ୍ତ୍ର କରିଥାଏ । ଏହାର ଟପିଙ୍ଗ କରାଯାଇଥାଏ ସୁନାର ପତ୍ରରେ । ଏହି ରେସ୍ତୋରାଁ ଗ୍ରାହକଙ୍କ ଅନୁସାରେ ବିଭିନ୍ନ ପ୍ରକାର ସ୍ୱାଦର ଟପିଙ୍ଗ୍ ମେନ୍ୟୁ ମଧ୍ୟ ରଖିଛି । ଏହି ପିଜ୍ଜାର ମୂଲ୍ୟ ୭୧୮୫.୨୩ ଟଙ୍କା ।



**ନିନୋ ବେଲଜିମା:**
ଏହି ପିଜ୍ଜା ହାତକୁ ଖୁବ୍ ପତଳା ଲାଗିଥାଏ । କିନ୍ତୁ ଏହା ତା'ର ସ୍ୱାଦ ପାଇଁ ଅଧିକ ଲୋକପ୍ରିୟ । ଏହି ପିଜ୍ଜାର ଟପିଙ୍ଗ୍ ଖୁବ୍ ସୁନ୍ଦର ଭାବେ ବଡ଼ ବଡ଼ ଚିଙ୍ଗୁଡ଼ିରେ କରାଯାଇଥାଏ । ତା' ସହିତ ଅନ୍ୟାନ୍ୟ ଦାମୀ ସାମଗ୍ରୀକୁ ମଧ୍ୟ ପିଜ୍ଜାରେ ସାମିଲ୍ ଥାଏ । ଏହି ପିଜ୍ଜା ମୂଲ୍ୟ ୭୫ ହଜାର ଟଙ୍କା ।

**ଫ୍ୟାଭିଟା ଫ୍ୟାମିଲି ପିଜ୍ଜା:**
ଏହି ପିଜ୍ଜା ନାଁ ଶୁଣିଲେ ଲୋକେ ଏହାକୁ ଖାଇବା ପାଇଁ ଲାଳାୟିତ ହୋଇଯାଆନ୍ତି । କିନ୍ତୁ ଏହାର ସ୍ୱାଦ ଚାଖିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । କାରଣ ଏହି ପିଜ୍ଜାର ଗୋଟିଏ ଖଣ୍ଡର ମୂଲ୍ୟ ୬ଲକ୍ଷ ଟଙ୍କା । ଏହା ଉପରେ ହୀରା ଡଷ୍ଟ ପକାଯାଇଥାଏ । ଯାହା ପିଜ୍ଜାକୁ ସ୍ୱତନ୍ତ୍ର କରିଥାଏ ।





**ମାରଗୋସ୍ ପିଜ୍ଜା:**
ଏହି ପିଜ୍ଜା ୨୦୧୦ ମସିହାରେ ସବୁଠୁ ଦାମୀ ପିଜ୍ଜା ନାଁରେ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିଥିଲା । ଏହି ପିଜ୍ଜାର ଟପିଙ୍ଗ୍ ସେଫ୍ ଖୁବ୍ ସୁନ୍ଦର ଭ । େ ବ ସଜାଇଥିଲେ । ଏଥିରେ ସେ ସୁନାର ପତ୍ର ଦେଇ ପିଜ୍ଜାର ଟପିଙ୍ଗ୍ କରିଥିଲେ ।



**ଲୁଇସ୍ ଏକ୍ସଆଇଆଇଆଇ:**
ଏହା କୌଣସି ସାଧାରଣ ପିଜ୍ଜା ନୁହେଁ । କାରଣ ଏଥିରେ ରହିଛି କିଛି ସ୍ୱତନ୍ତ୍ର ଜିନିଷ । ଏହି ପିଜ୍ଜାକୁ ପ୍ରଥମ ଥର ପାଇଁ ଇଟାଲୀର ଜଣେ ସେଫ୍ ରେନାତୋ ଭାଇଓଲା ତିଆରି କରିଥିଲେ । ଏଥିରେ ବଟର, ଚେରି ଟମାଟୋର, ବେବି କର୍ଣ୍ଣ, କ୍ୟାପସିଗମ୍ ରହିବା ସହିତ ଡାଇମଣ୍ଡ ମଧ୍ୟ ରହିଥାଏ । ପିଜ୍ଜା ପ୍ରସ୍ତୁତ ହେବା ପରେ ଏହା ଉପରେ ଡାଇମଣ୍ଡ ଡଷ୍ଟ ପକାଯାଇଥାଏ । ଏହି ପିଜ୍ଜାର ମୂଲ୍ୟ ୭୭ଲକ୍ଷ ଟଙ୍କା । ଅନୁରୋଧ କ୍ରମେ ଏହି ପିଜ୍ଜା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ ।



# କେନ୍ଦୁଝର ଓଏମସି ଖଣିରେ ଶ୍ରମିକ ଅଶାନ୍ତି : ଶ୍ରମିକଙ୍କ ବଦଳରେ ମେସିନ କରୁଛି କାମ : ଭୋକ ଉପାସରେ ଶତାଧିକ ଶ୍ରମିକ : କାମ ଦାବୀରେ ଆନ୍ଦୋଳନ ୨୪ଦିନରେ ପହଂଚିଲା

କେନ୍ଦୁଝର,୫।୧୧ (ନି.ପ୍ର): କେନ୍ଦୁଝର ଓଏମ୍‌ସି ଖଣି ରେ ବଢି ଚାଲିଚି ଶ୍ରମିକ ଅଶାନ୍ତି । ସରକାରୀ ନିୟମ ଓ ବିଧି ବ୍ୟବସ୍ଥାକୁ ବେଖାତିର କରି ଶ୍ରମିକ ଙ୍କ ବଦଳରେ କାମ କରୁଛି ମେସିନ । ଏପଟେ ଭୋକ ଉପାସରେ ଆଗାମୀ ଦିନର ଅନିଶ୍ଚିତ ଭବିଷ୍ୟତକୁ ନେଇ ଦିନ କାଟୁଛନ୍ତି ଶହ ଶହ ଖଣି ପ୍ରଭାବିତ ଶ୍ରମିକ ଙ୍କର ପରିବାର । ଖଣି ରେ କାମ ଦାବୀ କରି ଶ୍ରମିକ ମାନଙ୍କ ପକ୍ଷରୁ ଆରମ୍ଭ ଧାରଣା ଓ ଆନ୍ଦୋଳନ ୨୪ ଦିନରେ ପହଂଚିବା ପରେ ମଧ୍ୟ କୌଣସି ସମାଧାନ କରାଯାଉନାହିଁ । ଏହା ହିଁ କଣ ରାଜ୍ୟ ର ସ୍ୱଚ୍ଛ ଶାସନ ବ୍ୟବସ୍ଥାର କଣ ଉଦାହରଣ ? ଅବଶ୍ୟ ଏହାକୁ ନେଇ ଏବେ ଶାସକ ଦଳ ଓ ବିଜେପି ଦଳ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତ କରଣରୁ କୌଣସି ନିଷ୍ପତି ହୋଇପାରୁ ନଥିବା ବେଳେ ଏହା ଉପରେ କୁଆଡେ ଜିଲ୍ଲା ପ୍ରଶାସନ କଡା ନଜର ରଖିଥିବା କୁହା ଯାଉଛି । ମଙ୍ଗଳବାର ଦିନ ସଦର ବିଧାୟକ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଧାରଣାରତ ଶ୍ରମିକ ଙ୍କୁ ସମର୍ଥନ କରି ଘଟଣା ସ୍ଥଳରେ ପହଂଚି ଥିବା ବେଳେ ତାଙ୍କୁ ସମର୍ଥନ କରି ଅନେକ ଭୂୟାଁ ଓ ଜୁଆଙ୍ଗ ସଂଗଠନ ର ସଭ୍ୟ ମାନେ ମଧ୍ୟ ସେଠାରେ ପହଂଚିଥିଲେ । ଏବଂ ଅନ୍ୟ ପଟେ ଏହାକୁ ବିରୋଧ କରି ଖଣି ରେ କାମ କରିଆସୁଥିବା ଏକ ସଂଗଠନ ଓ ତାଙ୍କ ସମର୍ଥକ ମାନେ ଓ .ଏମ୍ .ସି ଖଣି କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ଙ୍କର କୁଶପୁତଳିକା ଦାହ କରିଥିଲେ । ଏହାକୁ ନେଇ ସମଗ୍ର ଖଣି ଅଚଂଳରେ ପ୍ରବଳ ଉତେଜନା ଦେଖା ଦେଇଥିଲା । ବିଧାୟକ ଙ୍କର ଅଭିଯୋଗ ଅନୁସାରେ ଖଣି ଗାଇଡ ଲାଇନ ଅନୁସାରେ ଖଣି କାମରେ ୬୦ ଭାଗ ମେସିନ ଓ ୪୦ ଭାଗ କାମ ଶ୍ରମିକ ଙ୍କ ଦ୍ୱାରା ହେବା କଥା । ମାତ୍ର ଏଠାର ଜିଲ୍ଲା ବାହର ର କିଛି ମୁଷ୍ଟିମେୟ ବ୍ୟକ୍ତି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ନାଁ ରେ ଏକ ସଂସ୍ଥା କରି ଓ. ଏମ୍ . ସି କର୍ତ୍ତୃପକ୍ଷ ଙ୍କୁ ହତ ବାରିସି ଖଣି ପ୍ରଭାବିତି ଅଚଂଳର ଶହ ଶହ ଶ୍ରମିକ ମାନଙ୍କ ଦାନା ମାରି , ସମସ୍ତ କାମ ମେସିନ ରେ କରି ଶ୍ରମିକ ଙ୍କୁ ନାମକୁ ମାତ୍ର ମାସକୁ ମାତ୍ର ଦୁଇ ରୁ ତିନି ହଜାର ଟଙ୍କା ଧରାଇ ଦେଇ ନିଜେ କୋଟି କୋଟି ଟଙ୍କା ମୁନାଫା କମାଉଛନ୍ତି । ମାତ୍ର ଯଦି ଶ୍ରମିକ ମାନେ କାମ କରନ୍ତେ ତେବେ ଜଣ ପିଛା ସେମାନେ ମାସ କୁ ପ୍ରାୟ ୩୦ ରୁ ୪୦ ହଜାର ଟଙ୍କା ପାଇ ପାରନ୍ତେ । ଯାହାକୁ କୁ ଲୋଡି ଏଜେନ୍ସି ଶ୍ରମିକ ଙ୍କ ନାଁରେ ହଡପ କରୁଥିବା ସେ କହିଛନ୍ତି । ଯଦି ଶ୍ରମିକ ମାନଙ୍କ ସଂପର୍କରେ କିଛି ନିଷ୍ପତି ନହୁଏ ତେବେ ଆଗାମୀ ବିଧାନସଭା ରେ ସେ ଏହାକୁ ନେଇ ପ୍ରଶ୍ନ ଉଠାଇବେ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି । ଏହାକୁ ନେଇ ଏବେ ଶ୍ରମିକ ଅଶାନ୍ତି ବଢିବାରେ ଲାଗିଛି । ଶ୍ରମିକ ମାନେ ନିଜେ ଏହି କାମ କରିବାକୁ ଜିଦ ଧରି ବସିଛନ୍ତି ଓ ଯଦି ମେସିନ କାମ କରିବ ତେବେ ସେହି ଶ୍ରମିକ ମାନେ ହିଁ ମେସିନ ଲଗାଇ କାମ କରିବେ ବୋଲି ଦାବୀ କରିଛନ୍ତି । ଏହାକୁ ନେଇ ସେମାନେ ଓଏମ୍‌ସି କର୍ତ୍ତୃପକ୍ଷ ଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ନେତା ମନ୍ତ୍ରୀ ଙ୍କୁ ଗୁହାରି କରିଥିଲେ ସୁଦ୍ଧା କେହି ନ ଶୁଣିବାରୁ ଦୀର୍ଘ ୨୪ ଦିନ ହେବ ଆନ୍ଦେଳନ ଓ ଧାରଣା ରେ ବସି ରହିଛନ୍ତି । ସେପଟେ ଶ୍ରମିକଙ୍କୁ ହଟାଇ ମେସିନେ ରେ କାମ କରି କୋଟି କୋଟି ଟଙ୍କା ମୁନାଫା କମାଉଥିବା ଲୋଡିଂ ଏଜେନ୍ସି ବିଧାୟକ ଙ୍କର ହସ୍ତଯେକ୍ଷପ କୁ ବିରୋଧ କରି ଓଏମ୍‌ସି କାର୍ଯ୍ୟାଳୟ ଆଗରେ ତାଙ୍କର କିଛି ସମର୍ଥକ ଙ୍କୁ ନେଇ ବିରୋଧ କରିବା ସହ ଶ୍ରମିକ ମାନଙ୍କୁ ଯୋର ଜବରଦସ୍ତ ଧାରଣା ରୁ ହଟାଇବାକୁ ଓଏମ୍‌ସି କର୍ତ୍ତୃପକ୍ଷ ଙ୍କ ଠାରେ ଦାବୀ କରିଛନ୍ତି । ଲୋଡିଂ ଏଜେନ୍ସିର ଅଭିଯୋଗ ହେଲା ଯେ ସଦର ବିଧାୟକ ମୋହନ ଚରଣ ମାଝି , ନିରୀହ , ଗରିବ ଶ୍ରମିକ ମାନଙ୍କୁ ଆୟୁଧ କରି ଗରୀବ ଙ୍କ କାନ୍ଧ ରେ ବନ୍ଧୁକ ରଖି ନିଜେ ମେସିନ ଲଗାଇ ମୁନାଫା କମାଇବାର ଯେଉଁ ଷଡଯନ୍ତ୍ର କରୁଛନ୍ତି ତାହାକୁ ସେମାନ ବିରୋଧ କରୁଛନ୍ତି । ଏହା ସହ ସେମାନେ ମୋହନ ମାଝି ଙ୍କର ଏକ କୁଶପୁତଳିକା ମଧ୍ୟ ଦାହ କରିଥିଲେ । ବର୍ତମାନର ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ କୁ ତୁରନ୍ତ ପଦକ୍ଷପ ନେଇ ସାମସ୍ୟାର ସମଧାନ କରିବା ଜରୁରୀ ହୋଇ ପଡିଛି । ନଚେତ ଆଗମୀ ଦିନରେ ଏହା ଏକ ବିସ୍ପୋରକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ଏ ସଂପର୍କରେ ଓଏମ୍‌ସି କର୍ତ୍ତୃପକ୍ଷ କିଛି ମତାମତ ଦେବାକୁ ସିଧା ସିଧା ମନା କରିଦେଛିନ୍ତି ।

# ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ବୈଠକ

ନୂଆପଡା,୫।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତିଖାଲି ସ୍ଥିତ ବଙ୍ଗଳା ଠାରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ନୂଆପଡା ଜିଲ୍ଲା ଶାଖା ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ସଂଯୋଜକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଓ ଫାଉଣ୍ଡେସନର ବରିଷ୍ଠ ନେତା ଘନଶ୍ୟାମ କରୁଆଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସମାଜସେବୀ ପୃଥିରାଜ ମହାନ୍ତି ମଂଚ ପରିଚାଳନା କରିଥିବା ବେଳେ ପ୍ରତିଭା ପ୍ରଧାନ ଓ ତୃପ୍ତିମୟୀ ସିଂଲାଲ ମଂଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ପ୍ରଥମ ବୈଠକରେ ନୂଆପଡା ଜିଲ୍ଲାର ଖଡିଆଳ, ବୋଡେନ, ସିନାପାଲି, କୋମାନ ଓ ନୂଆପଡା ବ୍ଲକର ୮୦ ଜଣ କାର୍ଯ୍ୟକର୍ତା ସାମିଲ ହୋଇଥିଲେ । କୁଶଳ ଜନସଂଖ୍ୟା ନିୟନ୍ତ୍ରଣରୁ ହିଁ ଭାରତ ଆତ୍ମନିର୍ଭର ହେବା ସହ ବିକଶିତ ରାଷ୍ଟ୍ର ହୋଇପାରିବ ବୋଲି ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ । ଦେଶରେ ଅଶିକ୍ଷା, ବେରୋଜଗାର, କୁସଂସ୍କାର, ସାମାଜିକ କାମ, ମହିଳାଙ୍କ ଉପରେ ଅତ୍ୟାଚାର, ଭୁଖମାରୀ, ରାଷ୍ଟ୍ରୀୟ ସଂସାଧନ ଉପରେ ଅଯଥା ଚାପ, ରାଷ୍ଟ୍ର ବିକାଶରେ ବାଧା, କରଦାତା ଉପରେ ବୋଝ ଇତ୍ୟାଦି ସମସ୍ୟାର ସମାଧାନ ଜୟସଂଖ୍ୟା ନିୟନ୍ତ୍ରଣ ବୋଲି ମତ ଆସିଥିଲା । ଆସନ୍ତା ୧୩ ତାରିଖ ଦିନ ରାଷ୍ଟ୍ରୀୟ ତ୍ରିରଙ୍ଗା ଝଣ୍ଡା ତଳେ ଦେଶରେ ଏକ ଶକ୍ତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ତିଆରି କରିବା ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିରେ ସାରା ଜିଲ୍ଲାରୁ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଯିବ । ନୂଆପଡା ଜିଲ୍ଲାର ନୂଆପଡା, କୋମନା ଓ ଖଡିଆଳ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଜିର ଏହି ବୈଠକରେ ଅଜିତ ଚଲାନ, ଅଜିତ ପଣ୍ଡା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଭିନ୍ନ ପୁରୋହିତ, ଇଶ୍ୱର ସାହୁ, ଅତୁଳ ପାତ୍ର, ଭୂବନେ ବାଗ, କରୁଣା ହୋତା, ରାଜେଶ ହୋତା, ବିଦୁର ଶବର, ହରିକିଶନ ମାଝୀ, ଲକ୍ଷ୍ମୀ ପାଢୀ, ମିତ୍ରଭାନୁ ପ୍ରଧାନ, ଭକ୍ତରାମ ଧରୁଆ ପ୍ରମୁଖ ସାମିଲ ଥିଲେ ।

# ସଦରଥାନା ରାମାଡି ଫଂଚାୟତରେ ୧୪୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କଲା ପୁଲିସ

କନ୍ଧମାଳ,୫।୧୧ (ନି.ପ୍ର): ଆଜି ଫୁଲବାଣୀ ସଦରଥାନା ଅନ୍ତର୍ଗତ ରାମାଡି ଫଂଚାୟତରେ ପୁଲିସ ଏବଂ ଅବକାରୀ ବିଭାଗର ମିଳିତ ଅଭିଯାନରେ ବେଆଇନ ଗଞ୍ଜେଇ ଚାଷ ଗଛକୁ ନଷ୍ଟ କରାଯାଇଛି । ଏଥିରେ ଆଜି ମୋଟ ୧୪୦ ଏକର ଅଂଚଳର ଗଞ୍ଜେଇ ଗଛକୁ କାଟିବା ସହିତ ସେଗୁଡିକୁ ସେଠାରେ ପୋଡି ନଷ୍ଟ କରାଯାଇଥିବା ନେଇ ଫୁଲବାଣୀ ସଦରଥାନା ଅଧିକାରୀ ଆଦିତ୍ୟ ସେଠୀ କହିଛନ୍ତି । ସୁଚନା ଅନୁସାରେ ଆଜିସକାଳୁ ସଦରଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ବାହୀନି ଏବଂ ଅବକାରୀ ବିଭାଗର ସବଇ ନିସପେକ୍ଟର ଅଜୟ କୁମାର ଓରାମ,କନେଷ୍ଟବଲ ରଞ୍ଜିତ ପଟ୍ଟନାୟକ ଏବଂ ଶସସ୍ତ୍ର ପୁଲିସ କର୍ମଚାରୀ ମାନେ ସାମିଲ ହୋଇଥିଲେ । ଏଥିରେ କଟିଙ୍ଗିଆ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତ ଥିଲେ । ଆଜିର ଅଭିଯାନରେ ସେହି ଅଂଚଳର ରାମାଡି, କ । ଡ_ । ପ ଡ । , ସିଙ୍ଗାପଡା,ସୁଜାପାଜୁ ଆଦି ଅଂଚଳର ୧୪୦ ଏକର ସଂରକ୍ଷିତ ଜଙ୍ଗଲ ଅଂଚଳରେ ବେଆଇ ଭାବରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ସେଠାରେ ହିଁ ପୋଡି ନଷ୍ଟ କରାଯାଇଥିବା ନେଇ ସଦରଥାନା ଅଧିକାରୀଙ୍କ ସୁତ୍ରରୁ ଜଣାପଡିଛି । ତେବେ ଏହାର ଆନୁମାନିକ ମୁଲ୍ୟ ଏକ କୋଟି ୪୦ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି ।

# ଭଙ୍ଗାଘରେ ବିତୁଛି ଜୀବନ ୧୦ବର୍ଷ ହେଲା ମିଳୁନି ଆବାସ ଯୋଜନା ସୁଯୋଗ

କେନ୍ଦ୍ରାପଡ଼ା,୫।୧୧ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟରେ ଧ୍ୱସଂ ପାଇ ଯାଇଥିବା ଏକ ଭଙ୍ଗାଘର କୁ ପାଳ ଘେରାଇ ରହୁଥିବା ଏକ ପରିବାର କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ କରାଯାଇ ନଥିବା ଅଭିଯୋଗ ହୋଇଛି । ପ୍ରାୟ ୧୦ ବର୍ଷ ହେବ ଏଭଳି ଦୟନୀୟ ଜୀବନ ଅତିବାହିତ କରୁଥିବା ଏହି ଦରିଦ୍ର ପରିବାର କୁ ପ୍ରଶାସନିକ ସ୍ତର ରେ ଅବହେଳା କରାଯାଇ ଥିବା ଜଣା ପଡିଛି । ସୂଚନା ମୁତାବକ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନ ଗୋବିନ୍ଦପୁର ଗ୍ରାମର ବାଗିଶ୍ରୀ ମିଶ୍ର, ସ୍ୱାମୀ ନିରଞ୍ଜନ ମିଶ୍ରଙ୍କ ଘରଟି ପ୍ରାକୃତିକ ବିପର୍ଯ୍ୟୟରେ ୧୦ବର୍ଷ ତଳେ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା । ସମ୍ବଳ ଅଭାବରୁ ଏହି ଦରିଦ୍ର ପରିବାର ବାଉଁଶ ଉପରେ ପାଲ ଘେରାଇ ଜୀବନ ଅତିବାହିତ କରୁଥିବା ଜଣା ପଡିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଅନେକ ଥର ଆବେଦନ କରାଯଅଇ ଥିଲେ ମଧ ରାଜନୈତିକ ସମର୍ଥନ ଅଭାବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳୁ ନଥିବା ଜଣା ପଡିଛି । ଏନେଇ ଶ୍ରୀମତୀ ମିଶ୍ର ଜିଲ୍ଲାପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର କରିବା ପାଇଁ ନିବେଦନ କରିଥିବା ଜଣା ପଡିଛି ।

# ଗାଁରୁ ୮୦ ଲକ୍ଷ ଟଙ୍କାର ଗଂଜେଇ ଜବତ ସହ ଗୋଟିଏ ଦେଶୀ ବନ୍ଧୁକ ଓ ଗୁଳି ଜବତ: ଡ୍ରାଇଭର ଓ ହେଲପର ଫେରାର

ଜୟପୁର,୫।୧୧ (ନି.ପ୍ର): କୋରାପୁଟ-ମାଲକାନଗିରି ସୀମାନ୍ତ ହନୁମାଲ ଗାଁ ନିକଟରେ ମାଛକୁଣ୍ଡସ୍ଥିତ ବିଏସଏଫ ଓ ପୁଲିସର ମିଳିତ ଯାଂଚ ସମୟରେ ଏହି ଗଂଜେଇ ଗାଡ଼ି ଜବତ କରିବା ସହ ଗୋଟିଏ ଦେଶୀ ବନ୍ଧୁକ ଓ ଗୁଳି ଜବତ କରିଥିବା ନେଇ ନନ୍ଦପୁର ଏସଡିପିଓ ସଂଜୟ କୁମାର ମହାପାତ୍ର ମାଛକୁଣ୍ଡ ଥାନା ପରିସର ମଧ୍ୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ଦିନକୁ ଦିନ ଗଂଜେଇ ବେପାର ବଢ଼ିବାରେ ଲାଗିଛି । ଗୋଟିଏ ପଟେ ପୁଲିସ ଘନ ଘନ ଗଂଜେଇ ଜବତ କରୁଥିବା ବେଳେ ଗଂଜେଇ ମାଫିଆମାନେ ଏହାକୁ ଖାତିର ନ କରି ଅଧିକରୁ ଅଧିକ ଗଂଜେଇ ଚୋରା ଚାଲାଣ କରିବାରେ ଲାଗି ପଡ଼ିଛନ୍ତି । ବୁଧବାର ଦିନ ମାଛକୁଣ୍ଡସ୍ଥିତ ୧୫ ବାଟାଲିଆନ ବିଏସଏଫ, ମାଛକୁଣ୍ଡ ଓ କୋରାପୁଟ ପୁଲିସ ପକ୍ଷରୁ କୋରାପୁଟ ମାଲକାନଗିର ସୀମାନ୍ତବର୍ତୀ ହନୁମାଲ ଗାଁ ନିକଟରେ ମିଳିତ ଭାବରେ ଗାଡ଼ି ମୋଟର ଯାଂଚ କରିଥିଲେ । ସକାଳ ପ୍ରାୟ ୫ ଘଂଟା ସମୟରେ ମାଲକାନଗିରି ଜିଲ୍ଲା ଅଂଚଳରୁ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନରେ ଗଂଜେଇ ଭର୍ତି କରି ଦୃତ ଗତିରେ ଗାଡ଼ି ଆସୁଥିଲା । ଗାଡ଼ିକୁ ଦେଖି ପୁଲିସ ଅଟକାଇବାରୁ ଘଟଣାସ୍ଥଳରେ ଗାଡ଼ିକୁ ଛାଡ଼ି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ । ପରେ ବିଏସଏଫ ଓ ପୁଲିସ ମିଳିତ ଭାବରେ ଗାଡ଼ିକୁ ଯାଂଚ କରିଥିଲେ ଏବଂ ସେଥିରୁ ଗୋଟିଏ ଦେଶୀ ବନ୍ଧୁକ ଓ ୨ଟି ଜୀବନ୍ତ ଗୁଳିକୁ ମଧ୍ୟ ପୁଲିସ ଜବତ କରିଥିଲା । ପରେ ଗଂଜେଇ ଭର୍ତି ଗାଡ଼ିକୁ ମାଛକୁଣ୍ଡ ଥାନାରେ ଆଣି ତାହାର ଅଧିକ ତଦନ୍ତ କରିଥିଲେ ଏବଂ ଗାଡ଼ିରେ ପ୍ରାୟ ୮ ଶହ କେଜି ଗଂଜେଇ ରହିଥିବା ଜାଣିବାକୁ ପାଇଥିଲେ । ଯାହାର ହାରାହାରି ମୂଲ୍ୟ ୮୦ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି ।

# ବାକଟିଗୁଡା ଗ୍ରାମରେ ଚାଉଳ ଓ ଭତ୍ତା ବଂଟନ ଦାବି

ଜୟପୁର,୦୪ନଭେମ୍ବର(ହି.ସ.)- କୋଟପାଡ ବ୍ଲକ ନୁଆଗୁଡା, କଷିକୁଡା, ବାକଟିଗୁଡା, ଲକଟିଗୁଡା ପଟକିକୁମି ଓ ପଟରଗୁଡା ଗ୍ରାମବାସୀ ଆଜି ବିକାଶ କର୍ମ ଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ଜୟପୁର ଉପ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଉକ୍ତ ଗ୍ରାମ ଫଂଚାୟତ ଠାରୁ ଫଂଚାୟତ ୨ରୁ ୩ କିମି ହେବ । କିନ୍ତୁ ପଞ୍ଚାୟତ କାଯ୍ୟାଳ୍ୟକୁ ଯିବା ମାର୍ଗରେ କୋଲାବ ନଦୀ ଓ ଜଅଁରା ନଦି ପଡୁଛି । ନଦୀର ଖାଲ ପ୍ରାୟ ୨ ଶହ ଫୁଟର ରୁ ଅଧିକ ହେବ । ଦେଶି ଡଙ୍ଗା ଗୁଡିକରେ ଗ୍ରାମବାସୀ ମାନେ ପ୍ରାଣକୁ ବାଜି ଲଗାଇ ଚାଉଳ ଓ ଭ । ଟଙ୍କା ଆଣିବାକୁ ଯାଉଅଛୁ । ବୁଢାବୁଢୀ, ବିଧବା ଯିବା ଆସିବା ପାଇଁ ସମ୍ଭବ ପର ନୁହେଁ । କୁନ୍ଦୁରା ଫଂଚାୟତ ସମିତିର କେରମିଟି ଗ୍ରାମ ପଂଚାୟତର କେନ୍ଦୁଗୁଡା ବାଗଦେରି, କୋଟପାଡ, ଚାନ୍ଦିଲି, ମୁ ।ହାଣ୍ଡି ଦେି ଛତିଶଗଡ ବୋର୍ଜର ଦେି ଛତର୍ଲା ଗ୍ରାମ ପ ।ୟତକୁ ଯିବାକୁ ପଡୁଛି । ଏହାର ଯିବା ଆସିବା ଦୁରତା ଦୀର୍ଘ ୧୪୦ କିମି ହେବ । ତେଣୁ ପ୍ରଶାସନ ଉକ୍ତ ଗ୍ରାମ ବାସୀଙ୍କ ସୁବିଧା ପାଇଁ ବାକଟିଗୁଡା ଗ୍ରାମରେ ସୁଲଭ ମୁଲ୍ୟରେ ଚାଉଳ ଓ ଭତା ଟଙ୍କା ପ୍ରଦାନ କରିବାକୁ , ଗଜମତି ଦୁରୁଆ, ଇଶ୍ୱରି ଦୁରୁଆ, ଅଦ୍ୱିନି ଭୁମିଆ ପ୍ରମୁଖ ଦାବୀ କରିଛନ୍ତି ।

# 'ନିଯୁକ୍ତି ଦିଅ ଲୁହାପଥର ନିଅ'ବେକାରୀ ସମସ୍ୟାକୁ ନେଇ ଏଭଳି ଚେତାବନୀ ଦେଲା ଭଞ୍ଜସେନା

ବାରିପଦା,୫।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ବଢୁଥିବା ବେକାରୀ ସମସ୍ୟାକୁ ନେଇ ଆହ୍ୱାନ ମୋଡରେ ଭଂଜସେନା । ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରି ଆସୁଥିବା ଅଣରାଜନୈତିକ ସଂଗଠନ ବେକାରୀ ସମସ୍ୟା, ସ୍ଥାନୀୟ ଯୁବକଙ୍କ ନିଯୁକ୍ତିକୁ ନେଇ ବିଭିନ୍ନ ସଂଗଠନ ସହିତ ଏକ ପ୍ରସ୍ତୁତି ବୈଠକ କରିଥିଲା । ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ନିକଟ କୁଡୁମୀ ଭବନରେ କୋଭିଡ଼ ନିୟମ ପାଳନ କରି ଅନୁଷ୍ଠିତ ଏକ ବୈଠକରେ ସ୍ଥାନୀୟ ବେକାର ଯୁବକ ଯୁବତୀ ରୋଜଗାର ପାଇଁ ଦାଦନ ଖଟିବାକୁ ଯାଉଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା । ଗୋରୁମହିଷାଣୀ, ବାଦାମପାହାଡ଼ ଏବଂ ସୁଲେଇପାଟ ଖଣିରୁ ଦୀର୍ଘ ବର୍ଷ ଧରି ମୂଲ୍ୟବାନ ଲୌହ ପଥର ଉତୋଳନ ହୋଇ ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ଗୋଟେ ଶିଳ୍ପ ପ୍ରତିଷ୍ଠାନ ନ ହେବା ତଥା ସ୍ଥାନୀୟ ଅଂଚଳର ବିକାଶ ନ ହେବାକୁ ନେଇ ଉପସ୍ଥିତ ସଦସ୍ୟମାନେ ନିଜର କ୍ଷୋଭ ପ୍ରକାଶ କରିଥିଲେ । ବାହାର ଜିଲ୍ଲା ତଥା ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆ ଯାଉଥିବା ବେଳେ ସ୍ଥାନୀୟ ଯୁବକଙ୍କୁ ଅଣ ଦେଖା କରିବା, ବଡ଼ ବଡ଼ ମେସିନ ଦ୍ୱାରା ଲୌହପଥର ଉତୋଳନ ଦ୍ୱାରା ପୂର୍ବରୁ କାମ କରୁଥିବା ଶ୍ରମିକ ବେରୋଜଗାର ହୋଇଯିବା ପ୍ରଭୃତି ସମସ୍ୟାକୁ ନେଇ ଭଂଜସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ଏହାର ଆବାହକ ତଥା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି । ଆସନ୍ତା ଡିସେମ୍ବର ୧୦ ତାରିଖ ମାନବାଧିକାର ଦିବସରେ ୨୪ ଘଂଟିଆ ଜିଲ୍ଲା ବାହାରକୁ ଲୌହପଥର ପରିବହନ କରିବାକୁ ଦିଆଯିବନାହିଁ ବୋଲି ଚେତାବନୀ ଦେଇଛି ଭଂଜସେନା । ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ମନୋଜ ଦାସ, ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ନିଗମାନନ୍ଦ ପଟ୍ଟନାୟକ, ଶ୍ରମିକ ନେତା ଲକ୍ଷ୍ମଣ ଟୁଡୁ, ବରିଷ୍ଠ ନେତା ତଥା ସଙ୍ଗଠକ ଇଶାନ ମିଶ୍ର ଓ ବିଭିନ୍ନ ବ୍ଲକରୁ ଆସିଥିବା ସଂଗଠନର କାର୍ଯ୍ୟକର୍ତା ନିଜନିଜର ସୁଚିନ୍ତିତ ମତ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପାଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ରାକେଶ ସିଂ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି,ସଦସ୍ୟ ଦିପକ ମହାନ୍ତ,ରଞ୍ଜନ ପାତ୍ର, ମହମ୍ମଦ ଖାନ, ରମଜାନ ବେଗ,ସୁମିତ କୁମାର ବଳ, ମୋହିତ କୁମାର ବିଶୋଇ, ଶିବରାଜ ମହାନ୍ତି, ଅଞ୍ଜନ ବରାଳ,ରଣଜିତ ବେରା, ଶୁଭମ ପଣ୍ଡା, ରଣଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।ତେବେ ଭଂଜସେନାର ବେକାରୀମୁକ୍ତ ମୟୁରଭଞ୍ଜ ଅଭିଯାନକୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି । ସେହିପରି ଗୋରୁମହିଷାଣୀ ଫଂଚାୟତ କଲ୍ୟାଣି ମଣ୍ଡପଠାରେ ଗୋରୁମହିଷାଣୀ ବିକାଶ ପରିଷଦର ସଭାପତି ଲକ୍ଷ୍ମଣ ଟୁଡୁଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଯୋଗଦେଇ ଉପସ୍ଥିତ ଥିବା ଶ୍ରମିକ ମାନଙ୍କୁ ତାଙ୍କ ସମସ୍ୟାର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ ଏବଂ ସମସ୍ତଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଏଥିରେ ୫ ଶହରୁ ଉର୍ଦ୍ଧ ଶ୍ରମିକ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଶ୍ରୀ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିଥିବାରୁ ଧନ୍ୟବାଦ

ଜୟପୁର,୫।୧୧ (ନି.ପ୍ର): ଜୟପୁର ପୌରାଂଚଳ ଜୟନଗର ଅ ଳର ଭତ୍ରା ସାହି ବାସିନ୍ଦା ଆଜି ପ୍ରଶାସନ କୁ ଧନ୍ୟବାଦ ଦେଇଛନ୍ତି । ଭତ୍ରା ସାହିରେ ୨୦ରୁ ୨୨ ପରିବାରକୁ ପ୍ରଧାନନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିଥିବାରୁ ସେ ମାନେ ଘ ନିର୍ମାଣ କରି ରହୁଛନ୍ତି । ଗତ ୩ ବର୍ଷ ତଳେ ଉକ୍ତ ସାହି ବାସିନ୍ଦା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଫର୍ମ ଦାଖଲ କରି କିନ୍ତୁ ନାମ କଟାଯାଇଥିଲା । ଧନୀ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଥିଲା । ଗିରବ ବୋକ ମାନେ ବଞ୍ଚିତ ହୋଇଥିଲେ । କିନ୍ତୁ ୧ ବର୍ଷ ହେଲା ପୁଣି ଥରେ ଆବାସ ଯୋଜନାରେ ସାମିଲ ପାଇ ଫର୍ମ ଦାଖଲ କରାଯାଇଥିଲା । ପରେ ପୌରପାଳିକା ତରଫରୁ ଘର ଯାଂଚ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ କରାଯାଇ ଓାର୍କ ଅଡର ଦିଆଗଲା । ଏହା ଦ୍ୱାରା ମାଟି କୁଡିଆ ଘର ଭାଙ୍ଗି ଘର ତିଆରି କରିଥିଲେ । ବର୍ଷା ଓ ଶୀତ ରେ ଯେଉଁ ପ୍ରକାର ହଇରାଣ ହେଉଥିଲୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଲା ପରେ ଘଟ ଖଣ୍ଡିଏ ପରିପାରିଥିବାରୁ ଗିରବ ଲୋକକେ ଉପକୃତ ହେଲେ । ତେଣୁ ଗରିବ ପରିବାର ତରଫରୁ ସରକାରଙ୍କୁ, କୋରାପୁଟ ଜିଲାପାଳ, ଜୟପୁର ଉପ ଜିଲାପାଳ ଏବଂ ପୌର କାଯ୍ୟନିବାହି ଅଧିକାରି ଙ୍କୁ ଏକ ପତ୍ର ମାଧ୍ୟମରେ ଉପ ଜିଲାପାଳ ଙ୍କ ଜରିଆଲେ ମହିଳା ମାନେ ଯାଇ ଧନ୍ୟବାଦ ଦେଇଛନ୍ତି ।

# ଆମ୍ବାଗୁଡା ଗୋଷ୍ଠି ଶୌଚାଳୟର ବ୍ୟବହାର ଉପଯୋଗି ପାଇଁ ଦାବି

ଜୟପୁର ,୫।୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡ ବସଷ୍ଟାଣ୍ଡରେ ନୁତନ ନିର୍ମିତ ଗୋଷ୍ଠି ଶୌଚାଳୟର ଭୁରାବସ୍ଥା ନେଇ ଦାବୀ ପତ୍ର ପ୍ରଦାନ କରାଯାଇଛି । ସମାଜସେବୀ ବି ହରିରାଓ ଆଜି ଜୟପୁର ବିଡିଓ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ବ୍ଲକ ଆମ୍ବାଗୁଡା ଗ୍ରାମ ପଂଚାୟତ ବସଷ୍ଟାଣ୍ଡର ନିର୍ମିତ ନୁତନ ଗୋଷ୍ଠି ଶୌଚାଳୟରେ ଦଶହରା ପୁବର ଗତ ମାସରେ ତିଆରି କରାଯାଇଛି । ୨ ଲକ୍ଷ ଅଚକଳ ଏହି ନିର୍ମାଣ କାଯ୍ୟ ସରିବାର ୧ ମାସ ବିତିଗଲାଣି ବ୍ୟବବହାର ନହେବା ପୁବରୁ ଏହାର ଅବସ୍ଥା ଭଙ୍ଗା ଭର୍ଙ୍ଗି ହୋଇଗଲାଣି । ପାଣି ଟାଙ୍କିର ନିର୍ମାଣ ଅଧା ହୋଇ ରହିଛି । ତାହାର ତଳ ପଟର ପ୍ଲାଷ୍ଟର ମଧ୍ୟ ହେଇ ନାହିଁ । ସରକାରି ଯୋଜନାର ସୁବିଧା ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ କରାଯିବା କଥା କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖାଯାଇଛି । ଶୌଚାଳୟ ଟଙ୍କର ୨ ପାଶ୍ୱରେ କଣା ହୋଇ ଭାଙ୍ଗିକଲାଣି । ତେଣୁ ବ୍ଲକ ପ୍ରଶାସନ ତୁରନ୍ତ ଆମ୍ବାଗୁଡା ଗୋଷ୍ଠି ଶୌଚାଳୟର ବ୍ୟବହାର ଉପଯୋଗି ପାଇ ପଦକ୍ଷେପ ନିଆଯାଇ ମରାମତି କରିବାକୁ ଦାବୀ କରାଯାଇଛି ।

# ଏମପିଙ୍କ ଦ୍ୱାରା ୨ ଜଣ ମେଧାବୀ ଛାତ୍ରଙ୍କୁ ସ୍ମାର୍ଟଫୋନ ବଣ୍ଟନ

ଭୁବନ,୫।୧୧ (ନି.ପ୍ର): ଢେଙ୍କାନାଳ ସାଂସଦ ମହେଶ ସାହୁ ଆଜି ସଂଧ୍ୟାରେ ଭୁବନ ଗସ୍ତରେ ଆସି ଦୁଇଜଣ ଗରିବ ମେଧାବୀ ଛାତ୍ର ଙ୍କୁ ସ୍ମାର୍ଟଫୋନ ବଣ୍ଟନ କରିଥିଲେ । ଭୁବନ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ମହାପ୍ରସାଦ ତ୍ରିପାଠୀ ଓ ନୂଆଭୁବନ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବିଶ୍ୱକଲ୍ୟାଣ ଶତପଥି ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଅନଲାଇନରେ ପାଠପଢି ପାରୁନଥିଲେ । ସାଂସଦ ଙ୍କୁ ଏ ସଂପର୍କରେ ଅବଗତ କରାଯିବା ପରେ ସାଂସଦ ଶ୍ରୀଯୁକ୍ତ ସାହୁ ନିଜ ତରଫରୁ ଆଗ୍ରହ ପ୍ରକାଶ କରି ସ୍ମାର୍ଟଫୋନ ପ୍ରଦାନ କରିଥିଲେ ।

# ୨ ଦିନ ପରେ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଉପ ନିର୍ବାଚନ, ଜାରି ରହିଛି ରାଜନୈତିକ ଛକା ପଂଝା

କେନ୍ଦ୍ରାପଡ଼ା,୫।୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମ ବଂଧୁ ଧଳଙ୍କ ଗତ ସେପ୍ଟେମ୍ବର ମାସ ୧୫ ତାରିଖରେ ବିୟୋଗ ଘଟିବା ପରେ ଏହି ପଦବୀଟି ଖାଲି ପଡିଛି । ତେବେ ଏହି ଦାୟିତ୍ୱରେ ଫଂଚାୟତ ସମିତି ଉପାଧ୍ୟକ୍ଷା ରହି କାର୍ଯ୍ୟ ତୁଲାଉଥିବାବେଳେ ଆସନ୍ତା ନଭେମ୍ବର ୬ ତାରିଖରେ ଏଠାରେ କେନ୍ଦ୍ରାପଡା ପଂଚାୟତ ସମିତି ଅଧ୍ୟକ୍ଷ ପାଇଁ ଉପ ନିର୍ବାଚନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ଏହି ପଦବୀ ନିମନ୍ତେ ସର୍ବାଧିକ ଆଶାୟୀ ଜଣେ ସମିତିସଭ୍ୟ ନିର୍ବାଚନର କେଇଦିନ ପୂର୍ବରୁ ୧୬ ଜଣ ସମିତି ସଭ୍ୟ ଓ ତାଙ୍କ ସଂପର୍କୀୟଙ୍କୁ ଭୁବନେଶ୍ୱରର ଏକ ଗୋପନୀୟ ସ୍ଥାନରେ ରଖିଥିବା ନେଇ ବିଶ୍ୱସ୍ତ ସୂଚନା ମିଳିଛି । ତେବେ ଏଥିପାଇଁ ମଧ୍ୟ ବଡଧରଣର ଘୋଡା ବେପାର ବା ଡିଲ୍ ହୋଇଥିବା ନେଇ କେନ୍ଦ୍ରାପଡାରେ ଚର୍ଚ୍ଚା ହେଉଛି । ତେବେ ଆଗକୁ ତ୍ରିସ୍ତରୀୟ ଫଂଚାୟତ ନିର୍ବାଚନ ପାଇଁ ମାତ୍ର ଦେଢବର୍ଷ ବାକି ଥିବାବେଳେ ପ୍ରତି ସମିତିସଭ୍ୟଙ୍କ ସମର୍ଥନ ଜନିତ ଭୋଟ ପାଇଁ ଦେଢଲକ୍ଷ ଟଙ୍କା ଛିଡିଥିବା ସାଧାରଣରେ ଅଲୋଚନା ଯୋର ଧରିଛି । କେନ୍ଦ୍ରାପଡା ଫଂଚାୟତ ସମିତି ପାଇଁ ମୋଟ ୨୭ ଜଣ ସମିତିସଭ୍ୟ ରହିଥିବାବେଳେ ସେଥିରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନାମଙ୍କ ମୃତ୍ୟୁ ପରେ ତାଙ୍କ ନିଜ ଫଂଚାୟତ ସମିତିସଭ୍ୟ ପଦବୀଟି ଖାଲି ପଡିଛି । ଏହି ଫଂଚାୟତର ସମିତିସଭ୍ୟ ପଦବୀ ନିମନ୍ତେ ଉପ ନିର୍ବାଚନ କରାଯିବା ପୂର୍ବରୁ ଫଂଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବାରୁ ସ୍ୱର୍ଗତ ଅନାମଙ୍କ ପନ୍ନୀ କିମ୍ବା ପରିବାର ସଦସ୍ୟ ଏହି ନିର୍ବାଚନ ଲଢିବାରୁ ବଂଚିତ ହୋଇଛନ୍ତି । ତେବେ ଏହି ଗୋଟିଏ ସମିତିସଭ୍ୟ ଭୋଟକୁ ବାଦ ଦେଲେ ଏହି ଉପନିର୍ବାଚନ ପାଇଁ ମୋଟ ୨୬ଟି ଭୋଟ ରହିଥିବାରୁ ସେଥିରୁ ୧୪ ଟି ଭୋଟ କୌଣସି ପ୍ରାର୍ଥୀଙ୍କ ବିଜୟ ପାଇଁ ଆବଶ୍ୟକତା ରହିଛି । ତେବେ ଆଶାୟୀ ସମିତିସଭ୍ୟ ନିଜ କବ୍ଜାରେ ୧୬ ଜଣଙ୍କୁ ରଖିଥିବାରୁ ତାଙ୍କର ଏହି ଉପ ନିର୍ବାଚନରେ ଏକପ୍ରକାର ବିଜୟ ନିଶ୍ଚିତ ବୋଲି ତାଙ୍କ ସମର୍ଥକମାନଙ୍କ ଶିବିରରୁ ଶୁଣିବାକୁ ମିଳିଛି । ମାତ୍ର ଅନ୍ୟ ବିରୋଧୀ ଶିବିରରେ ୯ଜଣ ସମିତିସଭ୍ୟଙ୍କ ଭୋଟ ରହିଛି । ତେବେ ଆଶାୟୀ ଅଧ୍ୟକ୍ଷ ପ୍ରାର୍ଥୀ ନିଜ ସମର୍ଥନରେ ରଖିଥିବା ୧୬ ଜଣ ସମିତିସଭ୍ୟଙ୍କ ମଧ୍ୟରୁ ୫ଜଣ ଏବେବି ବିରୋଧୀ ପକ୍ଷଙ୍କ ସହିତ ଫୋନ୍‌ରେ ଯୋଗାଯୋଗରେ ରହିଥିବା ସୂଚନା ମିଳିଛି । ଯଦି ଶେଷ ମୁହୁର୍ତରେ ସେମାନେ ମତ ପରିବର୍ତନ କରନ୍ତି ତେବେ ରାଜନୈତିକ ସମୀକରଣ ଏଠାରେ ଭିନ୍ନ ହୋଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ବିରୋଧୀ ଶିବିରରେ ୯ଜଣ ସମିତିସଭ୍ୟଙ୍କ ସହିତ କେନ୍ଦ୍ରାପଡା ରାଜନୀତିରେ ଏବେବି ଦବ୍‌ଦବା ରଖିଥିବା ଜନୈକ ପୂର୍ବତନ ବିଧାୟକ ସାମିଲ ଥିବାରୁ ହୁଏତ ଶେଷ ମୁହୁର୍ତରେ କିଛିବି ଘଟିଯାଇପାରେ ବୋଲି ଅଶା କରାଯାଉଛି । ତେବେ ଏହି ଉପ ନିର୍ବାଚନ ରେ ରାଜ ନୈତିକ ନେତୃତ୍ୱ ପ୍ରଚ୍ଛଦପଟରେ ରହି ଗୋଟି ଚାଲନା ଚଳାଇ ଥିବାରୁ ଦୁଇ ଦିନ ପରେ ସ୍ୱଷ୍ଟଚିତ୍ର ପ୍ରକାଶିତ ହେବ । ପରସ୍ପର ଛକାପଂଝା ମଧ୍ୟରେ ବ୍ଲକ ଅଧକ୍ଷ ନିର୍ବାଚନ ହେବାକୁ ଯାଉ ଥିବାରୁ ସମସ୍ତଙ୍କ ଦୃଷ୍ଟି ଏହା ଉପରେ ନିବଦ୍ଧ ହୋଇଥିବା ଜଣା ପଡିଛି ।

# ବଳିରାଜ ପ୍ରାଥମିକ ସ୍କୁଲ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ

କେନ୍ଦ୍ରାପଡ଼ା,୫।୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକଅଧିନ ବଗଡା ଫଂଚାୟତର ବଳିରାଜ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ କୁ ଅନ୍ୟ ସ୍କୁଲରେ ମିଶ୍ରଣ କରା ଯାଉଥିବାରୁ ଫଂଚାୟତ ବାସୀ ମାନେ ଏହାର ବିରୋଧ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବି ମୁତାବକ ଏହି ବିଦ୍ୟାଳୟ ୧୯୩୯ ମସିହାରେ ସ୍ଥାପନ କରାଯାଇ ଅଦ୍ୟାବଧି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରି ଆସୁଛି । ବର୍ତମାନ ଏଥିରେ ୩୪ଜଣ ଛାତ୍ରଛାତ୍ରୀ ବିଭିନ୍ନ ଶ୍ରେଣୀରେ ପଢୁଥିବା ବେଳେ ୨୦୧୯-୨୦ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବିଭାଗ ପକ୍ଷରୁ ଯୋଜନା କରାଯାଇ ନୂତନ ନାମଲେଖା ବନ୍ଦ ରଖାଯାଇଛି । ଏହି ବିଦ୍ୟାଳୟ ରେ ବଳିରାଜ, ଅରଡା ସାହି, ଜଗନ୍ନାଥପୁର, ଡିହସାହି, ପ୍ରଭୃତି ପଡା ଗ୍ରାମର ଛାତ୍ରଛାତ୍ରୀ ମାନେ ପାଠ ପଢି ଆସୁଥିବା ବେଳେ ୧୫ଜଣ ନୂଆ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଅପେକ୍ଷାରେ ରହିଛନ୍ତି । ଦୂରବର୍ତୀ ସ୍କୁଲରେ ଏହାକୁ ମିଶ୍ରଣ କରାଯାଉ ଥିବାରୁ ଗ୍ରାମବାସୀ ମାନେ ବିରୋଧ କରିବା ସହ ସେହି ସ୍କୁଲକୁ ପିଲାମାନଙ୍କୁ ଛାଡିବା ପାଇଁ କୁଣ୍ଠାବୋଧ କରୁଛନ୍ତି ।ଏହି ମିଶ୍ରଣ ନିଷ୍ପତିର ପୁନଃ ବିଚାର କରିବା ପାଇଁ ସ୍କୁଲ କମିଟିର ସଭାପତି ଅନାଦି ଚରଣ ନାୟକଙ୍କ ସମେତ ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଉମାକାନ୍ତ ପତି, ବସନ୍ତ ଜେନା, ହଳଧର ବିଶ୍ୱାଳ, ମଧୁସୁଦନ ସେଠୀ, ସନ୍ତୋଷ ଓଝା, କରୁଣାକର ପଣ୍ଡା ଓ ସୁଶାନ୍ତ କୁମାର ମଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ହାୟ.....

**(ପୃଷ୍ଠା ୪ର ଅବଶିଷ୍ଟାଂଶ)**

ନାଳ ନର୍ଦ୍ଦମାରେ ଭରପୁର ମୁମ୍ବାଇର ବସ୍ତିରେ ରହିଲେ ମଧ୍ୟ ତାର ଏକ ମାଦକତା ଅଛି । ସ୍ୱାଧିନତା ପରେ ପରେ ମହାରାଷ୍ଟ୍ରରେ ବି .ଜି ଖେରେ, ଭି .ପି ନାୟକ,ବସନ୍ତ ପଟିଲମ,ଏସ ବି ଚଭନ, ଶାରଦା ପାୱାରଙ୍କ ଭଳି ଉଦାର ପନ୍ଥୀ କଂଗ୍ରେସ ନେତା ମାନେ ଶାସନ କଲେ । ଆଇନ ଶୃଂଖଳା ସ୍ଥିର ଥିଲା । ସମସ୍ତଙ୍କୁ ସମ ଭାବରେ ଦେଖା ଯାଉଥିଲା । ସ୍ଥିର ଶାସନ ଯୋଗୁ ଅନେକ ଶିଳ୍ପପତି ବାହାରୁ ଆସି ବମ୍ବେର ଶ୍ରୀବୃଦ୍ଧିରେ ସହାୟକ ହେଲେ । ଷାଠିଏ ଦଶକରେ ତିବ୍ର ଆଂଚଳିକ ବାଦରୁ ଶିବ ସେନା ରାଜନୈତିକ ଦଳର ସୃଷ୍ଟି । ବାହାର ଲୋକଙ୍କୁ ଘୃଣା କରିବା, ବମ୍ବେରୁ ବାହାରିଯିବା ପାଇଁ ଧମକ ଦେବା ସେମାନେଙ୍କର ଅଭ୍ୟାସ । ସେମାନଙ୍କ ପ୍ରତିଷ୍ଠାତା ବାଳ ଥାକରେ ହିଟଲରଙ୍କ ପ୍ରଶଂସକ, ହିଂସାପୂର୍ଣ୍ଣ ଧର୍ମଘଟ, ଭଙ୍ଗାରୁଜା ଦ୍ୱାରା ନିଜ ଦାବି ହାସଲ କରିବାକୁଚେଷ୍ଟା କରନ୍ତି । ତାହା ସତ୍ୱେ ଶିବସେନା କେବେ କ୍ଷମତାକୁ ମହାରାଷ୍ଟ୍ରରେ ଆସିନଥିଲା ଯେତେ ବେଳେ ବି ଆସିଛ ବିଜେପି ର ହାତଧରି ଆସିଛି। ବର୍ତ୍ତମାନ ସେନାର ଉଦ୍ଧବ ଥାକରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ସାଙ୍ଗରେ କଂଗ୍ରେସ ଓଏନସିପି ଦଳ । ତୀବ୍ର ଆଂଚଳିକବାଦର ପ୍ରସାରରେ ସେ ବାହାର ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛନ୍ତି । ବର୍ତ୍ତମାନ ଜଣେ ହିନ୍ଦି ଚଳଚିତ୍ର ଅଭିନେତ୍ରୀ କାଙ୍ଗାନାଙ୍କ ଘର ଯେପରି ବୁଲଡୋଜର ଲଗାଇ ଭଙ୍ଗାଗଲା, ତାହା ସମସ୍ତଙ୍କୁ ସ୍ତବ୍ଧ କରିଛି । ଚଳଚିତ୍ର ପରଦାରେ ଆମେ ଦେଖିଥିଲୁ । ଏବେ ବାସ୍ତବ କ୍ଷେତ୍ରରେ ବମ୍ବେରେ ଦେଖିଲୁ । ଏହା କ'ଣ ଗଣତନ୍ତ୍ର ଶାସନ? କ୍ଷମତାର ଅହମିକାରେ ଶାସକ ମାନେ କିପରି ହିଂସ୍ର ହୋଇ ଯାଆନ୍ତି ଏହା ତାହାର ଉଦାହରଣ । ସମୟ ବଡ ବଳବାନ । ସେଦିନର ଅଯୋଧ୍ୟା ନାହିଁ, ମଥୁରା ନାହିଁ,ଆକବରଙ୍କ ଫତେପୁର ସିକ୍ରୀରେ କୁଆ ଉଡୁଛି, ବଙ୍ଗର ରାଜଧାନୀ ମୁର୍ଶିଦାବାଦ, ଆଦିଲ ସାହିଙ୍କ ବିଜାପୁର, ବିଜୟ ନଗରର ହାମ୍ପି ଆଜି ଇତିହାସରେ ହଜି ଯାଇଛି । "ବଟୁଆ ଆଣିଥିଲା ଓଡିଶାର ଗୌରବ, ନେଇଗଲା ଆମର ସମୃଦ୍ଧି ।" ସେହିପରି ସହନଶିଳତା ବମ୍ବେର ପ୍ରାଚୁର୍ଯ୍ୟ ଆଣିଛି । ପ୍ରାଚ୍ୟର ଲଣ୍ଡନ ବୋଲି ଗର୍ବ କରୁଥିବା କଲିକତାର କି ଦଶା ହେଲା? ନାଳ ନର୍ଦ୍ଦମାର ନଗରୀ ହୋଇଗଲା। ସମସ୍ତେ ସହର ଛାଡି ପଳେଇଲେ । କାରଖାନା ମାନ ଭୂତକୋଠି ହୋଇଗଲା । ଆଜି ମୁମ୍ବାଇ ଯଦି ତାର ନ୍ୟାୟ ଓ ସହନଶୀଳତା ପଥକୁ ପରିତ୍ୟାଗ କରେ, ତାହେଲେ ଆଜି ନହେଲେ କାଲି କଲିକତା ଦଶା ହେ।।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ନବରଙ୍ଗପୁର,ମୋ:୯୪୩୭୨୩୫୩୮୬

## ଗୋବର୍ଦ୍ଧନ ପୂଜାରୀଙ୍କ ମୃତ୍ୟୁରେ ଏ.ଆଇ.ୟୁ.ଟି.ୟୁ.ସି ପକ୍ଷରୁ ଶୋକ ପ୍ରକାଶ

ଭୁବନେଶ୍ୱର,୫।୧୧ (ନି.ପ୍ର): ବିଶିଷ୍ଟ ପ୍ରଗତିଶୀଳ ବାମପନ୍ଥୀ ଚିନ୍ତାଧାରାର ବୁଦ୍ଧିଜୀବୀ ଓ ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ପୂଜାରୀଙ୍କ ଦୁଃଖଦ ମୃତ୍ୟୁରେ ଅଲ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଂଟର (ଏ.ଆଇ,ୟୁ.ଟି.ୟୁ.ସି) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ସେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଅଶ୍ୱିନୀ କୋଭିଡ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୪ ନଭେମ୍ବର ଦିନ ୭୪ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ଓଡିଶା ବାର କାଉନସିଲର ପୂର୍ବତନ ସଦସ୍ୟ ଥିଲେ । ଜଣେ ପରୋପକାରୀ ସମାଜସେବୀ ଭାବେ ସେ ଓଡିଶାର ବିଭିନ୍ନ ଅଂଚଳରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସିଥିଲେ । ବାମପନ୍ଥୀ ବିଚାର ଧାରାରେ ବିଶ୍ୱାସ ରଖି ସେ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଶ୍ରମିକ ଆନ୍ଦୋଳନ ସଂପର୍କିତ ଅନେକ ଗବେଷଣାତ୍ମକ କାର୍ଯ୍ୟ କରିଯାଇଛନ୍ତି । ତାଙ୍କର ଏହି ଅକାଳ ମୃତ୍ୟୁ ଯୋଗୁଁ ଓଡିଶା ରାଜ୍ୟରେ ଶ୍ରମିକ ଆନ୍ଦୋଳନ ଓ ପ୍ରଗତିଶୀଳ ଆନ୍ଦୋଳନ କ୍ଷତିଗ୍ରସ୍ତ ହେବ ବୋଲି ସଂଗଠନ ପକ୍ଷରୁ ମତବ୍ୟକ୍ତ କରାଯାଇଛି । ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗ ଓ ବନ୍ଧୁ ବାନ୍ଧବଙ୍କ ପ୍ରତି ଏ.ଆଇ.ୟୁ.ଟି.ୟୁ.ସି ଓଡିଶା ରାଜ୍ୟ କମିଟି ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଛି ବୋଲି ସଂଗଠନର ରାଜ୍ୟ ସଭାପତି ଶମ୍ଭୁନାଥ ନାଏକ, ରାଜ୍ୟ ସଂପାଦକ ଜୟସେନ ମେହେର ଓ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭାରତରେ ପୁଞ୍ଜିନିବେଶ...

ସହ ଧନ୍ୟବାଦ ଦେଇଥିଲେ । ଓପେକର ସେକ୍ରେଟାରୀ ଜେନେରାଲ ମହମ୍ମଦ ବାର୍କିଣ୍ଡୋ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରିଥିଲେ ଏବଂ ଭାରତର ଉର୍ଜା ପରିବର୍ତନର ଯାତ୍ରାରେ ଓପେକ୍ ସାମିଲ ହେବାକୁ ଇଚ୍ଛା ରଖିଥିବା ମତବ୍ୟକ୍ତ କରିଥିଲେ । ଏହାସହ ସେ ଭାରତର ତୈଳ ଓ ଗ୍ୟାସ କ୍ଷେତ୍ରର ବିକାଶ ଏବଂ ଇଣ୍ଡିଆ ଏନର୍ଜି ଫୋରମ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଲ୍ଲେଖିତ ୭ ଟି ପ୍ରମୁଖ ଉର୍ଜା ଡ୍ରାଇଭର ଦ୍ୱାରା ପରିଚାଳିତ ଭାରତର ଉର୍ଜା ଏଜେଣ୍ଡାକୁ ପ୍ରଶଂସା କରିଛନ୍ତି । ଏହି ଭର୍ଚୁଆଲ ବୈଠକରେ ବିଶ୍ୱ ଉର୍ଜା ଦୃଶ୍ୟପଟ୍ଟରେ ପରିବର୍ତନ, ବିଶ୍ୱ ତୈଳ ମୂଲ୍ୟ ପ୍ରସଙ୍ଗ, ତୈଳ ବଜାରକୁ ସମନ୍ୱୟ ରଖିବା ପାଇଁ ଓପେକ୍ ଦ୍ୱାରା ନିଆଯାଇଥିବା ବୃହତ ପଦକ୍ଷେପ ଏବଂ ଭାରତ ପାଇଁ ତୈଳ ଯୋଗାଣ ସୁରକ୍ଷାକୁ ନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଓପେକର ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରମୁଖମାନେ ସାମିଲ ହୋଇଥିଲେ । ଏହାସହ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ଏବଂ ଭାରତର ତୈଳ ଓ ଶିଳ୍ପର ସମସ୍ତ ସରକାରୀ ଓ ବେସରକାରୀ ସ୍ତରର ଏମଡ଼ି ଓ ସିଏମଡ଼ିମାନେ ସାମିଲ ହୋଇଥିଲେ ।

### ରାଜ୍ୟରେ ଆଉ ୧୪ ...

ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।ଗଂଜାମ ଜିଲ୍ଲାର ଜଣେ ୪୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୮୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ନବରଙ୍ଗପୁର ଜିଲ୍ଲାର ଜଣେ ୨୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାରେ ୭୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୮୩ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୫୩ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

### ଯାତ୍ରା ପରିବେଷଣ ...

ଆସିବ ଆମେ ମାନିବାକୁ ପ୍ରସ୍ତୁତ । ଯଦି ଆମ କଥା ଶୁଣା ନଯାଏ, ତାହେଲେ ସବୁ ଯାତ୍ରା କଳାକାର ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବେ ବୋଲି ରାଣୀ କହିଛନ୍ତି ।ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ମହାମାରୀ ହେତୁ ଦୀର୍ଘ ଦିନ ଧରି ଯାତ୍ରା ପରିବେଷଣବନ୍ଦ ରହିଛି । ଏହି ସମୟରେ ଅନେକ ଯାତ୍ରା କଳାକାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ।

### ଅକ୍ଟୋବର ମାସରେ...

ଉତ୍ପାଦ ସହିତ ୧୦.୯୭ ନିୟୁତ ଟନ୍ ଅନ୍ୟ ଦ୍ରବ୍ୟ ଅନ୍ତର୍ଭୁକ୍ତ । ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍‌ର ପ୍ରୟାସ ହେତୁ ଫ୍ଲାଏ ଆଶ୍ ବର୍ତମାନ ବିଭିନ୍ନ ରାଜ୍ୟକୁ ପଠାଯାଉଛି ଯାହା ସିମେଂଟ ପ୍ଲାଂଟରେ କଂଚାମାଲ ଭାବରେ ବ୍ୟବହୃତ ହେଉଛି । ମୋଟାମୋଟି ଭାବେ, ୧୨ ଟି ରେକ୍ ଫ୍ଲାଏ ପାଉଁଶକୁ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ସିମେଂଟ ଶିଳ୍ପ ଏବଂ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାକୁ ପରିବହନ କରାଯାଇଛି । ଏହା ମଧ୍ୟ ପୂର୍ବତଟ ରେଳପଥର ପଣ୍ୟ ବୋଝେଇ ବୃଦ୍ଧି ପାଇଁ ସହାୟକ ହୋଇପାରିଛି । ଏହି ପଣ୍ୟ ବୋଝେଇ ଆକଳନ ହାସଲ କରିବାକୁ, ପୂର୍ବତଟ ରେଳପଥ କେବଳ ଅକ୍ଟୋବର, ୨୦୨୦ ମାସରେ ପ୍ରତିଦିନ ପ୍ରା ୭୯୪୨ ୱାଗନ୍ ଏବଂ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର, ୨୦୨୦ ପର୍ଯ୍ୟନ୍ତ ପ୍ରତିଦିନ ହାରାହାରି ୭୩୯୧ ୱାଗନ୍ ବ୍ୟବହାର କରିଅଛି । କୋଭିଡ଼ ଯୋଗୁଁ ପୂର୍ବତଟ ରେଳପଥ ଅଧିନରେ ଥବବା ଶିଳ୍ପ ଏବଂ ଖଣିଜ ୟୁନିଟ୍ ଗୁଡ଼ିକରେ ତାଲା ବନ୍ଦ ଏବଂ କମ୍ କର୍ମଜୀବି ସତ୍ୱେ ଏହି ଆକଳନ ହାସଲ କରିଛି । ଏହି ଉଲ୍ଲେଖନୀୟ ପ୍ରଦର୍ଶନ ପାଇବା ପାଇଁ, ପୂର୍ବତଟ ରେଳପଥ ଏହାର କର୍ମଚାରୀ ଏବଂ ସରକାରୀ ସଂସ୍ଥା ଏବଂ ଶିଳ୍ପାନୁଷ୍ଠାନ ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ ମାଧ୍ୟମରେ ସଫଳତା ହାସଲ କରିଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ଦକ୍ଷ ନେତୃତ୍ୱରେ ବ୍ୟବସାୟ ବିକାଶ ୟୁନିଟ୍ ମାଧ୍ୟମରେ ମାଲ ପରିବହନ କାର୍ଯ୍ୟର ନିରନ୍ତର ସମୀକ୍ଷା, ଲଜିଷ୍ଟିକ୍ କ୍ଷେତ୍ରରେ ସ୍ଥିରତା ଏବଂ ନିଶ୍ଚିତତା ସହିତ ଅଭିନବ ନୀତି ପ୍ରସ୍ତୁତ କରିବା, ସଡ଼କ ପଥର ପରିବହନକୁ ରେଳପଥକୁ ଆକର୍ଷିତ କରିବା ଇତ୍ୟାଦି ଯୋଗୁଁ ପଣ୍ୟ ବୋଝେଇ କ୍ଷେତ୍ରରେ ଏହି ସଫଳତା ହୋଇପାରିଛି ।

### ଗୋଟିଏ ଦିନରେ...

ମାଲକାନଗିରି ଜିଲ୍ଲାରେ ୨୩ ମୟୁରଭଂଜ ଜିଲ୍ଲାରେ ୧୦୩, ନବରଙ୍ଗପୁରରେ ୨୧, ନୟାଗଡ ଜିଲ୍ଲାରେ ୩୨, ନୂଆପଡା ଜିଲ୍ଲାରେ ୮୮, ପୁରୀ ଜିଲ୍ଲାରେ ୩୫, ରାୟଗଡା ଜିଲ୍ଲାରେ ୧୦, ସମ୍ବଲପୁର ଜିଲ୍ଲାରେ ୩୦ ,ସୋନପୁର ଜିଲ୍ଲାରେ ୫ ତଥା ସୁନ୍ଦରଗଡ ଜିଲ୍ଲାରେ ୯୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୩୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୫।୧୧ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୧୫୯ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୯୪୪୫ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮,୪୪୮, ବାଲେଶ୍ୱର ଜିଲ୍ଲାରେ ୧୦,୫୪୫, ବରଗଡ ଜିଲ୍ଲାରେ ୮,୯୮୦, ଭଦ୍ରକ ଜିଲ୍ଲାରେ ୬,୮୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୭,୦୯୦. ବୌଦ୍ଧ ଜିଲ୍ଲାରେ ୨,୬୧୪, କଟକ ଜିଲ୍ଲାରେ ୨୬,୪୧୨, ଦେବଗଡ ଜିଲ୍ଲାରେ ୧,୦୯୧, ଢେଙ୍କାନାଳ ଜିଲ୍ଲାରେ ୫,୨୪୦. ଗଜପତି ଜିଲ୍ଲାରେ ୩,୮୭୪, ଗଂଜାମ ଜିଲ୍ଲାରେ ୨୧,୩୧୬, ଜଗତସିଂହପୁର ଜିଲ୍ଲାରେ ୭,୮୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୧,୦୩୧, ଝାରସୁଗୁଡା ଜିଲ୍ଲାରେ ୬,୫୩୮, କଳାହାଣ୍ଡି ଜିଲ୍ଲାରେ ୫,୩୬୭, କନ୍ଧମାଳ ୫,୭୨୫, କେନ୍ଦ୍ରାପଡା ଜିଲ୍ଲାରେ ୭,୮୬୨ , କେନ୍ଦୁଝର ଜିଲ୍ଲାରେ ୬,୫୯୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୭,୪୯୯, ମାଲକାନଗିରି ଜିଲ୍ଲାରେ ୪,୯୮୩, ମୟୁରଭଂଜ ଜିଲ୍ଲାରେ ୧୧,୭୩୬. ନବରଙ୍ଗପୁର ଜିଲ୍ଲାରେ ୫,୪୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୬,୧୧୧, ନୂଆପଡା ଜିଲ୍ଲାରେ ୫,୯୪୯, ପୁରୀ ଜିଲ୍ଲାରେ ୧୨,୭୯୪ ରାୟଗଡା ଜିଲ୍ଲାରେ ୮,୧୪୦ . ସମ୍ବଲପୁର ଜିଲ୍ଲାରେ ୮,୧୪୩. ସୁବର୍ଣ୍ଣପୁର ଜିଲ୍ଲାରେ ୪,୫୦୬ ଓ ସୁନ୍ଦରଗଡ ଜିଲ୍ଲାରେ ୧୧,୪୯୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୬୨୪ ହୋଇଛି ।

## ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୫।୧୧ (ନି.ପ୍ର): ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତଃ ପ୍ରଧାନ ଜଣେ ଦକ୍ଷ ସାମ୍ବାଦିକ ବେଶ ଜଣାଶୁଣା । ସେ ଜଣେ ପରିଶ୍ରମୀ ତଥା କର୍ମନିଷ୍ଠ ବ୍ୟକ୍ତିତ୍ୱ ଥିଲେ । ସେ ଦୀର୍ଘ ଦିନ ଧରି ବୈଦ୍ୟୁତିକ ଗଣମାଧ୍ୟମରେ ସାମ୍ବାଦିକତା କରି ଆସୁଥିଲେ । ରାଜ୍ୟର ଅନେକ ସମସ୍ୟାକୁ ଲୋକଲୋଚନକୁ ଆଣି ସେଗୁଡିକର ସମାଧାନ ପାଇଁ ଲଢେଇ କରିବାରେ ତାଙ୍କ ଅବଦାନ ଅତୁଳନୀୟ । ସ୍ୱର୍ଗତଃ ପ୍ରଧାନଙ୍କ ଦେହାନ୍ତ ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ।

# ନବନିଯୁକ୍ତ ଭୁବନେଶ୍ୱର ଜିଲ୍ଲା ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୫।୧୧ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ନବନିଯୁକ୍ତ ସଭାପତି ବିଶ୍ୱଜିତ ଦାଶ ଗୁରୁବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡ଼ା ସମେତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଛାତ୍ର, ଯୁବ, ମହିଳା ଏବଂ ବିଭିନ୍ନ ପ୍ରକୋଷ୍ଠର ନେତୃବୃନ୍ଦ ଓ କର୍ମୀମାନେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଶ୍ରୀ ଦାଶଙ୍କୁ ସ୍ୱାଗତ ଜଣାଇଥିଲେ।

ପିସିସି ସଭାପତି ଶ୍ରୀ ଦାଶଙ୍କୁ ସ୍ୱାଗତ କରି ଆସନ୍ତା ଦିନରେ ଜିଲ୍ଲା କଂଗ୍ରେସକୁ ଲୋକାଭିମୁଖି, ଲୋକାଦୃତ କରାଯାଇ ପାରିବ ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଏକମାସ ଭିତରେ ଭୁବନେଶ୍ୱର ଜିଲ୍ଲାର ପ୍ରତ୍ୟେକ ୱାଡ଼କୁ ଗ୍ରସ୍ତକରି କଂଗ୍ରେସ ଲୋକମାନଙ୍କୁ ଭେଟିବା ଏବଂ ସେ ୱାର୍ଡ଼ର ଲୋକମାନଙ୍କ ସମସ୍ୟା ଏବଂ ସମାଧାନ କରିବାପାଇଁ ନିଷ୍ପତିମୁଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସକୁ ପ୍ରତ୍ୟେକ ଅଂଚଳକୁ ପଦଯାତ୍ରା କରିବା ଏବଂ ଅଂଚଳବାସୀଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ତତ୍‌ସହିତ ପ୍ରତ୍ୟେକ କଂଗ୍ରେସ କର୍ମୀ ଏବଂ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ଅହରହ ପରିଶ୍ରମ କରିବାପାଇଁ ଉପଦେଶ ଦେଇଥିଲେ। ନବନିଯୁକ୍ତ ସଭାପତି ଶ୍ରୀ ଦାଶ ଆସନ୍ତା ଦିନରେ ଜିଲ୍ଲା କଂଗ୍ରେସ ପ୍ରତ୍ୟେକ ବର୍ଗଙ୍କୁ ସାଙ୍ଗରେ ନେଇ ଚାଲିବ ଏବଂ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ସାରା ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡ଼ ପରିକ୍ରମା କରିବା ସହିତ ଜନସାଧାରଣଙ୍କ ସମସ୍ୟା ସହିତ ଜଡ଼ିତ ରହି ତାର ସମାଧାନ କରିବା ପାଇଁ ସମସ୍ତ ପ୍ରୟାସ କରିବେ ବୋଲି କହିଥିଲେ। ରାଜ୍ୟ ଏବଂ କେନ୍ଦ୍ରରେ ଏକ ଜନମାରଣ ସରକାର ବିରୁଦ୍ଧରେ ପ୍ରତ୍ୟେକ ସ୍ତରରେ ଜନଆନ୍ଦୋଳନ କରାଯିବ ଏବଂ ଲୋକମାନଙ୍କୁ ସଚେତନ କରାଯିବ। ଆବଶ୍ୟକତା ପଡ଼ିଲେ ଆଗାମି ଦିନରେ ଆଉ ଏକ ଅସହଯୋଗ ଆନ୍ଦୋଳନ କରିବାକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପଛାଇବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ପିସିସି ପକ୍ଷରୁ ମହିଳା ଓ ଦଳିତ ଉତ୍ପୀଡନ ବିରୋଧି ଦିବସ ପାଳିତ

ଭୁବନେଶ୍ୱର,୫।୧୧ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମହିଳା ଓ ଦଳିତ ଉତ୍ପୀଡନ ବିରୋଧି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ମହିଳା ଓ ଦଳିତ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ଲୋୟର ପିଏମ୍‌ଜି ନିକଟରେ ପହଂଚିଥିଲା । ସେଠାରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡା, ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାନେତ୍ରୀ ରଶ୍ମି ମହାପାତ୍ର, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତି, ମହିଳା କଂଗ୍ରେସ ନେତ୍ରୀ ଶ୍ରୀୟା ମହାନ୍ତି, ନିରୁପମା ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ କହିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ୨୦୧୮ ମସିହା ତୁଳନାରେ ୨୦୧୯ ମସିହା ବେଳକୁ ଅନୁସୂଚିତ ଜାତିର ମହିଳାମାନଙ୍କ ଉପରେ ଅତ୍ୟାଚର ଓ ନିର୍ଯ୍ୟାତନା ଶତକଡା ୭ ପ୍ରତିଶତ ଏବଂ ଆଦିବାସୀ ମହିଳାମାନଙ୍କ କ୍ଷେତ୍ରରେ ଏହା ଶତକଡା ୨୬ ପ୍ରତିଶତ ଅଭିବୃଦ୍ଧି ଘଟିଛି । ସେହି ତୁଳନାରେ ଅତ୍ୟାଚାର ଓ ନିର୍ଯ୍ୟାତନା ଅଭିଯୋଗ ପଞ୍ଜିକରଣ କରିବାରେ ମାତ୍ର ୧.୬ ପ୍ରତିଶତ ଅଭିବୃଦ୍ଧି ଘଟିଛି । ସେହିଭଳି ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା'କୁ ସମ୍ମାନର ନାରା ଦେଉଥିବା ବେଳେ ପ୍ରକୃତ ପକ୍ଷେ ପ୍ରତିଦିନ ଓଡିଶାରେ ମହିଳା ଓ ଦଳିତମାନେ ଶୋଷିଷ, ଅବହେଳିତ ଓ ନିର୍ଯ୍ୟାତିତ ହେବାରେ ଲାଗିଛନ୍ତି । ମହିଳାମାନଙ୍କୁ ଉତ୍ପୀଡନ, ନିର୍ଯ୍ୟାତନା ଓ ଅତ୍ୟାଚାର କ୍ଷେତ୍ରରେ ଓଡିଶା ଆଜି ଭାରତବର୍ଷରେ ଦ୍ୱିତୀୟ ରାଜ୍ୟ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ମାନସ ଚୌଧୁରୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ହଳଧର ସେଠୀ, ବିଶ୍ୱଜିତ୍ ଦାସ, ଜୟନ୍ତ ଭୋଇ, ଦୀପକ ମହାପାତ୍ର, ସଂକୁନା କହଁର, ଲିଙ୍ଗରାଜ ସାହୁ, ମଂଟୁ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରୁ ୬୮ ପଜିଟିଭ୍ , ୧୧୫ ସୁସ୍ଥ

ଭୁବନେଶ୍ୱର,୫।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଗତ କିଛି ଦିନ ଧରି ଲଗାତାର ଭାବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୧୦୦ ତଳେ ରହୁଛି । ଏହି କ୍ରମରେ ଗୁରୁବାର ରାଜଧାନୀରୁ ଆଉ ୬୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୧୪ ଜଣ ସଂଗରୋଧ ଓ ୫୪ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୧୧୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୩ ଜଣଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ କରିଆରେ ଏହି ସୂଚନା ଦିଆଯାଇଛି ।

ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯,୫୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୮,୩୯୫ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୯୩୧ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୭୫ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୭ ଜଣ , ଓଲଡ ଟାଉନ୍ ରୁ ୫ ଜଣ, ସୂର୍ଯ୍ୟନଗର ଓ ଚନ୍ଦ୍ରଶେଖରପୁରରୁ ୩ ଜଣ ଲେଖାଏଁ , ମଂଚେଶ୍ୱର, ଶ୍ୟାମପୁର, ଭୀମଟାଙ୍ଗୀ, ବମିଖାଲ, ରସୁଲଗଡ, ମଂଚେଶ୍ୱର, ନୂଆ ଫରେଷ୍ଟ ପାର୍କ ଓ ଆଇଆରସି ଭିଲେଜରୁ ୨ ଜଣ ଲେଖାଏଁ ରହିଛନ୍ତି ।

# ଆଜି ଜିଲ୍ଲାରୁ ୧୦୩ ନୂଆ ପଜିଟିଭ ଚିହ୍ନଟ ଓ ୩ ମୃତ

ବାରିପଦା,୫।୧୧ (ନି.ପ୍ର): ଆଜି ଓଡ଼ିଶାରୁ ମୋଟ ୧୩୮୫ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରୁ ୧୦୩ ପଜିଟିଭ ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି । ଆଜିକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତମାନଙ୍କ ସଂଖ୍ୟା ୧୧, ୭୩୬ରେ ପହଁଚିଛି । ସେହିପରି ନଭେମ୍ବର ୪ ପର୍ଯ୍ୟନ୍ତ ଆରୋଗ୍ୟ ସଂଖ୍ୟା ୧୦, ୮୨୯ ଓ ନଭେମ୍ବର ୫ ସୁଦ୍ଧା ୮୪୧ ଜଣ ସକ୍ରିୟ ରହିଥିବାର ଜଣାପଡ଼ିଥିବା ସମୟରେ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ମୟୂରଭଞ୍ଜ ଜିଲ୍ଲାରେ ଚିକିତ୍ସାଧୀନ କରୋନା ଆକ୍ରାନ୍ତଙ୍କମାନଙ୍କ ମଧ୍ୟରୁ ୬୦ , ୬୫ ଓ ୯୦ ବର୍ଷ ବୟସର ୩ ଜଣ ବୃଦ୍ଧଙ୍କର ମୃତ୍ୟୁ ହୋଇଛି ଏବଂ ଆଜିକୁ ମିଶାଇ ଜିଲ୍ଲାରୁ ମୋଟ ୬୬ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।


## ସର୍ବସାଧାରଣଙ୍କ ଗୋଚରାର୍ଥେ ସୂଚନା

ଏତଦ୍ୱାରା ସୂଚିତ କରାଯାଉଅଛି କି ଶ୍ରୀମତୀ ସିପ୍ରା ମହାନ୍ତି, ବୟସ ୪୪ବର୍ଷ, ସ୍ୱାମୀ- ଶ୍ରୀ ଶିଶିର କୁମାର ଲେଙ୍କା, ଗ୍ରାମ-ସରିପଳ, ପୋ: ଅଳାଭତୀ, ଭାୟା-ବରପଦା, ଥାନା-ଭଦ୍ରକ ଗ୍ରାମାଂଚଳ ଥାନା, ଜିଲ୍ଲା-ଭଦ୍ରକ । ବର୍ତ୍ତମାନ ଠିକଣା-ସା-କାଳିଦାସପୁର, ପୋ:/ଥାନା-ସହଦେବଖୁଂଟା, ଜିଲ୍ଲା-ବାଲେଶ୍ୱର । ନିମ୍ନଲିଖିତ ସମ୍ପତ୍ତି ବନ୍ଧକସୂତ୍ରେ LIC Housing Financce Ltd ଶାଖରୁ ଏକ ଗୃହ ଋଣ ନିମନ୍ତେ ଆବେଦନ କରିଛନ୍ତି । ବାଲେଶ୍ୱର କୋର୍ଟରେ ସତ୍ୟପାଠ କରିଛନ୍ତି କି ଉକ୍ତ ସମ୍ପତ୍ତି ସମ୍ପୃକ୍ତ ଖର୍ଦ୍ଦି ବିକ୍ରି କବଲା ନଂ-୧୦୦୬୧୧୦୮୪୮୬ ତା ୨୨.୧୦.୨୦୧୧ରିଖ ଯାହାକି ବିକ୍ରେତା ଡାଭିଡ୍ ସାମନ୍ତରାୟ କ୍ରେତା ସିପ୍ରା ମହାନ୍ତି ଓ ଖର୍ଦ୍ଦି ବିକ୍ରି କବଲା ନଂ ୩୫୫୩ ତା ୨୫.୦୫.୨୦୦୪ରିଖ ଯାହାକି ବିକ୍ରେତା ଶ୍ରୀ ସମୀର କୁମାର ବେହେରା ଓ କ୍ରେତା ଶ୍ରୀ ଡାଭିଡ୍ ସାମନ୍ତରାୟଙ୍କୁ ବିକ୍ରି କରିଥିଲେ । ତାହା ହଜିଯାଇଛି ଏବଂ ସେଥିପାଇଁ ସେ ସିମୁଳିଆ ଥାନା ଯାଇ **Report** କରିଛନ୍ତି । ଯଦି ଉପରୋକ୍ତ ସମ୍ପତ୍ତିରେ କାହାରୀ ବା କୌଣସି ପକ୍ଷ୍ୟଙ୍କର ଦାବି ସମ୍ପୃକ୍ତିଥାଏ ଉକ୍ତ ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଦାବି ଉପସ୍ଥାପନ କରିପାରିବେ । ଅନ୍ୟଥା ପରେ କୌଣସି ଅଭିଯୋଗ ନିମନ୍ତେ ସମ୍ପତ୍ତିର ବନ୍ଧକ ଦାତା ଓ LIC Housing Financce Ltd ଦାୟୀ କରିବେ ନାହିଁ ।


# ନୀଳଗିରି ଚିକିତ୍ସାଳୟରେ ଏକ୍ସରେ ମେସିନ କାର୍ଯ୍ୟକାରୀ

ନୀଳଗିରି,୫।୧୧ (ନି.ପ୍ର): ନୀଳଗିରି ଉପଖଣ୍ଡ ହସ୍ପିଟାଲରେ ବହୁଦିନର ପ୍ରତିକ୍ଷିତ ଏକ୍ସରେ ମେସିନ ଟି ନ୍ୟାସନାଲ ହେଲ୍‌ଥ ମିସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଚିକିତ୍ସାଳୟକୁ ଦିଆଯାଇଥିବାରୁ ବହୁଲୋକ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ବିଧାୟକ ସୁକାନ୍ତ ନାୟକ ଉଦଘାଟନ ଅବସରରେ ପ୍ରକାଶ କରିବା ସହିତ ଖୁବଶୀଘ୍ର ଅଲ୍‌ଟ୍ରାସାଉଣ୍ଡ ମେସିନ ନୀଳଗିରି ମେଡିକାଲକୁ ସରକାର ଦେବା ପାଇଁ ବିଭାଗୀୟ ମନ୍ତ୍ରୀ ପ୍ରତିଶୃତି ଦେଇଥିବା କହିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏସଡିଏମଓ ଡଃ. ଅଜୟ କୃଷ୍ଣ ସାମଲ, ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱଜିତ ଦାସ, ଆରକେଏସର ସଦସ୍ୟ ବୁଦ୍ଧଦେବ ସରକାର ସମେତ



କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଉପରେ ନୀଳଗିରି ବ୍ଲକର ୨୫ ଟି ପଂଚାୟତ ଏନଏସିର ୧୩ ଟି ୱାର୍ଡ,ବାହାନଗା ର ୫, ଔପଦାରେ ୫ଟି, ରେମୁଣାରେ ୬ଟି ବ୍ଲକର ଜନସାଧାରଣ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭର କରିବା ସହିତ ପଡୋଶୀ କପ୍ତିପଦା ଓ ଜିବି ନଗର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି । ଉକ୍ତ ଡାକ୍ତରଖାନାରେ ଏକ୍ସରେ ମେସିନ ନଥିବାରୁ ସାଧାରଣ ଜନତା ନାହିଁନଥିବା ଅସୁବିଧାରେ ପଡୁଥିଲେ । ଉପଖଣ୍ଡରେ ଶତକଡା ୭୦ ଭାଗ ଲୋକ ଆଦିବାସି ହରିଜନ ସମ୍ପ୍ରଦାୟର ହୋଇଥିବାରୁ ଏକ୍ସରେ ପାଇଁ ଗରିବ ଲୋକଙ୍କୁ ବାଲେଶ୍ୱର ଦୌଡିବାକୁ ପଡୁଥିଲା । ଏଠାରେ ଏକ୍ସରେ ମେସିନ ସହିତ ଅଲ୍‌ଟ୍ରାସାଉଣ୍ଡ କାର୍ଯ୍ୟକାରୀ ହେଲେ ଜନସାଧାରଣ ବହୁ ଉପକୃତ ହୋଇପାରିବେ ।

## ଫୁଲବାଣୀ ପିଅନପଡାରେ ପୁର୍ବ ଶତୃତାକୁ ନେଇ ଘର ଉପରକୁ ବୋମାମାଡ ଅଭିଯୋଗ

କନ୍ଧମାଳ,୫।୧୧ (ନି.ପ୍ର): ଆଜି ଫୁଲବାଣୀ ସଦରମହକୁମା ଠାରେ ଅଂଚଳର ପିଅନପଡା ବନ୍ଧସାହିରେ ଜଣେ ବ୍ୟକ୍ତିଙ୍କ ଘର ଉପରକୁ ବୋମାମାଡ କରାଯାଇଛି ଫଳରେ ତାଙ୍କ ଘର ଉପରେ ପଡିଥିବା ଟିଣ ଭାଙ୍ଗିଯାଇଛି । ସେଠାରେ ସେହି ବୋମାର କିଛି କଣ୍ଟା ଏବଂ ଅନ୍ୟାନ୍ୟ ଜିନିଷ ପଡିଥିବାର ଦେଖାଯାଇଛି । ତେବେ ପୁର୍ବ ଶତୃତାରୁ ଏହି ବୋମା ମାଡ ହୋଇଥିବା ନେଇ ଫୁଲବାଣୀ ଟାଉନ ଥାନାରେ ଏକ ଅଭିଯୋଗ କରିଛନ୍ତି ଘର ମାଲିକ ଟିଟୁନ ବେହେରା । ଫୁଲବାଣୀ ଅଂଚଳର ରାଜକୁମାର ଚୌଧୁରୀ ଏବଂ ତାଙ୍କ ଭାଇଙ୍କ ସମେତ ତାଙ୍କ ମା ମଧ୍ୟ ଏହି ଆକ୍ରମଣ ପୁର୍ବ ଶତୃତା ଯୋଗୁଁ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଟିଟୁନ । ଅଭିଯୋଗ ଅନୁସାରେ ଫୁଲବାଣୀ ସଦର ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ ଏବଂ ଟାଉନ ଥାନା ଅଧିକାରୀ ଶୁସାନ୍ତ କୁମାର ସେଠୀ ସଦଳବଳେ ସେଠାରେ ପହଂଚି ଘଟଣାର ତଦନ୍ତ କରିଛନ୍ତି । ଏହି ସଂକ୍ରାନ୍ତରେ ଏକ ମାମଲା ୧୪୩/୨୦୨୦ରୁଜୁ କରି ଘଟଣାର ତଦନ୍ତ କରିଛନ୍ତି । ତେବେ ଏହା ଏକ ଶକ୍ତିଶାଳୀ ବାଣ ଅଟେ ବୋଲି କହିଛନ୍ତି ଥାନା ଅଧିକାରୀ । ସୁଚନା ଅନୁସାରେ ବୁଧାବାର ରାତି ପ୍ରାୟ ୨.୩୦ ମିନିଟରେ କେହି ଟିଟୁନ ଘର ଉପରକୁ କେହି କୌଣସି ଦୃର୍ବୃତ ଏହି ବାଣ ଫିଙ୍ଗିଥିଲା ଫଳରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଏହାର ଶବ୍ଦରେ ଅଂଚଳବାସୀ ମଧ୍ୟ ନିଦରୁ ଉଠିଯାଇଥିଲେ । ଟିଟୁନ ବେହେରା ଘର ଲୋକେ ଏହି ଶବ୍ଦରେ ଉଠିପଡି ବାହାରକୁ ଆସି ଦେଖିବାବେଳକୁ ତାଙ୍କ ଘରର ବାହାର ପଟରେ ଥିବା ଟିଣ ଫାଟି ସେଥିରେ ଗୋଟିଏ ବଡ କଣା ହୋଇଯାଇଛି । ଏହି ଘଟଣାରେ ଅଂଚଳବାସୀ ଭୟଭିତ ହୋଇପଡିଛନ୍ତି ।

ଶୁକ୍ରବାର,୬ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୧୩୮୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୫।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୮୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୭୨୭୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୮୨୦୭୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୩୭୭୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୮୫ ଜଣଙ୍କ ମଧ୍ୟରୁ ୭୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୮୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧୫୯ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଅନୁଗୁଳ ଜିଲ୍ଲାରେ ୮୮ , ବାଲେଶ୍ୱର ଜିଲ୍ଲାରେ ୩୬ ଜଣ, ବରଗଡ ଜିଲ୍ଲାରେ ୫୫ , ଭଦ୍ରକ ଜିଲ୍ଲାରେ ୩୧, ବଲାଙ୍ଗିର ଜିଲ୍ଲାରେ ୭୭, ବୌଦ୍ଧ ଜିଲ୍ଲାରେ ୪ ,କଟକ ଜିଲ୍ଲାରେ ୧୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୮, ଢେଙ୍କାନାଳ ଜିଲ୍ଲାରେ ୩୩, ଗଜପତି ଜିଲ୍ଲାରେ ୩, ଗଂଜାମ ଜିଲ୍ଲାରେ ୨୩, ଜଗତସିଂହପୁର ଜିଲ୍ଲାରେ ୫୦, ଯାଜପୁର ଜିଲ୍ଲାରେ ୨୩ . ଝାରସୁଗୁଡା ଜିଲ୍ଲାରେ ୨୯, କଳାହାଣ୍ଡି ଜିଲ୍ଲାରେ ୫୦, କନ୍ଧମାଳ ଜିଲ୍ଲାରେ ୧୧, କେନ୍ଦ୍ରାପଡା ଜିଲ୍ଲାରେ ୪୨ ,କେନ୍ଦୁଝର ଜିଲ୍ଲାରେ ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୮ ଜଣ,

▶▶ପୃଷ୍ଠା ୭

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୩ ଦିନିଆ ପ୍ରତିବାଦ ଶେଷ

ବାଲେଶ୍ୱର,୫।୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ପକ୍ଷରୁ ଗତ ୩ ତାରିଖରୁ ଦେଶବ୍ୟାପୀ ଚାଲିଥିବା ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ଆଜି ଶେଷ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଶାଖା ପକ୍ଷରୁ ଆଜି ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଗଠନର ଯୁବଶାଖା ସଭାପତି ବିକାଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତ୍ତା ବାସନ୍ତି ସାମଲ, ତପନ ଅଗସ୍ତି, ଜୀବନ ବାରିକ, ରମେଶ ଦାସ, ସନ୍ତୋଷ ପୁହାଣ, ଚିତ୍ତରଂଜନ ଦାସ, ମୀନତି ଦଲେଇ, ଆରତୀ ମୁଣ୍ଡା ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ସମେତ ସାଧାରଣ କର୍ମଜୀବୀଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ନୂତନ ଶ୍ରମ ଆଇନ୍ ବଳରେ ଶ୍ରମିକଙ୍କ ଅଧିକାରକୁ ସଂକୁଚିତ ପାଇଁ କରୁଥିବା ଉଦ୍ୟମ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ଅଭିଯୋଗ କରିଥିଲେ। କ୍ଷୁ ଉଦ୍ୟୋଗୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ସରକାର ଶ୍ରମ ଆଇନର ସଂଶୋଧନ କରିବା ଆଗାମୀ ଦିନରେ ଦେଶବାସୀଙ୍କ ପାଇଁ ମହାବିପଦ ସୃଷ୍ଟି କରିବ ବୋଲି ଶ୍ରମିକନେତାମାନେ ତୁରନ୍ତ ନୂତନ ଶ୍ରମ ଆଇନ୍‌କୁ ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ରଷ୍ଟ୍ରୀୟ ମଜଦୁର କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଦୁର୍ଷ୍କର୍ମ ଅଭିଯୁକ୍ତ ଯାଜପୁରରୁ ଗିରଫ

ନୀଳଗିରି,୫।୧୧ (ନି.ପ୍ର): ଜନୈକ ନାବାଳିକାକୁ ଜୋରଜବରଦସ୍ତ ଦୁଷ୍କର୍ମ ଏବଂ ଦୁଷ୍କର୍ମ ସମୟର ଫଟୋ ଭାଇରାଲ କରିଦେବାକୁ ଧମକ ଦେବା ଅଭିଯୋଗରେ ଜଣେ ଯୁବକକୁ ଯାଜପୁର ରୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଗତ ୧୮/୧୦/୨୦୨୦ ରିଖ ନୀଳଗିରି ଥାନା ଅଧିନସ୍ଥ ରଂପୁର ଗ୍ରାମର ରସ୍ମିତା ସିଂଙ୍କର କଲେଜ ପଢୁଆ ଝିଅ ନିଜ ଘର ପାଖରେ ଥିବା ପଡିଆରେ ବନ୍ଧାଯାଇଥିବା ଗାଈକୁ ବଦଳାଇବା ପାଇଁ ଯାଇଥିବା ବେଳେ ଉକ୍ତ ଗ୍ରାମର ଦୁଖା ସିଂର ପୁଅ ରିହିଆ ସିଂ(୨୫) ଉକ୍ତ ନାବାଳିକା ଝିଅ (୧୬) (ଛଦ୍ମନାମ) କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ସହିତ ଦୁର୍ଷ୍କର୍ମ ସମୟର ଫଟୋ ନିଜ ମୋବାଇଲରେ ଉତଳନ କରିଥିଲା। ଘଟଣା ସମ୍ପର୍କରେ ଯଦି ପୋଲିସରେ ଅଭିଯୋଗ କରୁ ତାହାଲେ ଜୀବନରୁ ମାରିଦେବା ସହିତ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇଥିଲା। ଉକ୍ତ ଘଟଣାକୁ ପୀଡିତାର ମା ନୀଳଗିରି ଥାନାରେ ଅଭିଯୋଗ କଲା ପରେ ନୀଳଗିରି ପୋଲିସ ଉକ୍ତ ଯୁବକକୁ ଯାଜପୁର ଅଂଚଳରୁ ଗିରଫ କରିଛି।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଗଣଧାରଣା

ବାଲେଶ୍ୱର,୫।୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଆଜି ଦେଶବ୍ୟାପୀ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରକ୍ଷିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଗଣଧାରଣ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ପରିଷଦର ରାଜ୍ୟ ସଭାପତି ସୌମ୍ୟରଂଜନ ଆଢ଼୍ୟ ସଭାପତିତ୍ୱ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ସରକାରଙ୍କ ପକ୍ଷରୁ ଆଦିବାସୀ ପ୍ରତି ବୃଦ୍ଧି ପାଇଥିବା ଉଦାସୀନତାର କଡ଼ା ସମାଲୋଚନା କରିଥିଲେ। ଜିଲ୍ଲା ସଭାପତି ଗଗନ ପାତ୍ର, ଗଗନ କୁମାର ସେଠୀ, ପ୍ରଫୁଲ୍ଲ ସିଂ, ରଘୁନାଥ ହେମ୍ବ୍ରମ, ଅନ୍ନପୂର୍ଣ୍ଣା ସିଂ, ଗୌତମ ସିଂ, ବେଣୁଧର ବାରିକ, ରତିକାନ୍ତ ବାରିକ, ରମାକାନ୍ତ ସେଠୀ, ମୁକ୍ତିକାନ୍ତ ଜେନା ପ୍ରମୁଖ



ଏଥିରେ ଯୋଗଦେଇ ସମ୍ପ୍ରତି ସାମାଜିକଏବଂ ସରକାରୀ ସ୍ତରୀୟରେ ଆଦିବାସୀଙ୍କ ଉପରେ ହେଉଥିବା ଜୁଲମ ଓ ଅବହେଳାର ଦୃଢ଼ ପ୍ରତିବାଦ କରିଥିଲେ। ବିଶେଷ କରି ଆଦିବାସୀଙ୍କଠାରୁ ଜଙ୍ଗଲ ଜମି ଅଧିକାର ଛଡ଼େଇ ନେବା, କାଠ ଓ ଖଣିଜଦ୍ରବ୍ୟ ମାଫିଆଙ୍କ ଦ୍ୱାରା ଅତ୍ୟାଚାରିତ ହେବା, ସରକାରୀ ଜମିରୁ ସେମାନଙ୍କୁ ଉଚ୍ଛେଦ କରି ଆଦିବାସୀମାନଙ୍କୁ ବାସହୀନ ଓ ଭୂମିହୀନ ସଜାଇବା, ଭୂମିହୀନ ହୋଇଥିବା କାରଣରୁ ସରକାରଙ୍କ କୌଣସି ପ୍ରମାଣପତ୍ର ଏମିତିକି ନାଗରିକ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଉଥିବା ବକ୍ତାମାନେ ଆରୋପ ଉଠାଇଥିଲେ। ଏନେଇ ସରକାର ତୁରନ୍ତ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏକତା ପରିଷଦ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ୯୨.୭୧୩ କୋଟି ଟଙ୍କାର ୫ ମେଗା ନିବେଶ ପ୍ରସ୍ତାବକୁ ଏଚଏଲସିଏ ବୈଠକର ଅନୁମୋଦନ

ଭୁବନେଶ୍ୱର,୫।୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ୨୪ ତମ ଉଚ୍ଚ ସ୍ତରୀୟ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୯୨.୭୧୩ କୋଟି ଟଙ୍କା ମୂଲ୍ୟର ୫ ମେଗା ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହା ମଧ୍ୟରେ ପେଲେଟ ଉତ୍ପାଦନ, ଲୁହା, ଇସ୍ପାତ ଷ୍ଟେନଲେସ ଷ୍ଟିଲ, ଏବଂ ଅନ୍ୟ ଶିଳ୍ପର ଧାତୁମଳ ଓ ଫ୍ଲାଏ ଆସ୍ ବ୍ୟବହାର କରି ସିମେଂଟ ଉତ୍ପାଦନ ଆଦି ପ୍ରକଳ୍ପ ରହିଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟରେ ଶିଳ୍ପସଂସ୍ଥାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ରୁତ ଶିଳ୍ପ ଅଭିବୃଦ୍ଧିର ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ଏଜେନ୍ସିକୁ ସମନ୍ୱିତ ଭାବରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନୁମୋଦନ ପାଇଥିବା ପ୍ରକଳ୍ପ ମଧ୍ୟରେ ରହିଛି ୭୬,୦୧୮ କୋଟି ଟଙ୍କାର ଅନୁଗୁଳ ଠାରେ ଜେଏସପିଏଲର ଇଂଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟର ସଂପ୍ରସାରଣ। ଏହାଦ୍ୱାରା ୨୪,୩୫୦ ନିଯୁକ୍ତି ସୃଷ୍ଟି ହେବ। ସେହିପରି ଯାଜପୁର କଳିଙ୍ଗନଗର ଠାରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ର ସଂପ୍ରସାରଣ ପ୍ରକଳ୍ପ କୁ ଅନୁମୋଦନ ମିଳିଛି। ଏଥିରେ ୬,୮୪୦ କୋଟି ଟଙ୍କା ନିବେଶ ହେବ ଏବଂ ୨୨୩୬ ନିଯୁକ୍ତି ସୃଷ୍ଟି ହେବ।କେନ୍ଦୁଝର ଓ ପାରାଦ୍ୱୀପ ଠାରେ ୬୬୫୦ କୋଟି ଟଙ୍କା ବ୍ୟୟରେ ପେଲେଟ୍ ପ୍ଲାଂଟ ଓ ସ୍ଲରି ପାଇପ୍ ଲାଇନ୍ ଉତ୍ପାଦନ ଆରମ୍ଭ ହେବ। ଏଥିରେ ୧୪୬୮ ଜଣ ନିଯୁକ୍ତି ପାଇବେ। ସେହିପରି ୨ ହଜାର କୋଟି ଟଙ୍କାରେ ଆର୍ସେଲର ମିତଲ ନିପନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ କେନ୍ଦୁଝର ଠାରେ ବେନିଫିସିଏସନ୍ ପ୍ଲାଂଟ ଓ ପାରାଦ୍ୱୀପ ଠାରେ ପେଲେଟ୍ ପ୍ଲାଂଟ ପ୍ରତିଷ୍ଠା କରିବ। ଏଥିରେ ୬୫୫ ନିଯୁକ୍ତି ସୃଷ୍ଟି ହେବ। ୧୨୦୫ କୋଟି ଟଙ୍କା ବ୍ୟୟରେ ସମ୍ବଲପୁରର ପାଣ୍ଡଲୋଇ ଠାରେ ଶ୍ୟାମ୍ ମେଟାଲିକସ୍ ଓ ଏନର୍ଜି ଲିମିଟେଡ୍ ର ଷ୍ଟିଲ ପ୍ଲାଂଟ ସଂପ୍ରସାରିତ ହେବ।ଏହାଦ୍ୱାରା ୩୨୭୦ ନିଯୁକ୍ତି ସୃଷ୍ଟି ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ତଥା ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ଶିଳ୍ପ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ପ୍ରମୁଖ ସଚିବ, ଇଡକୋ ର ଅଧ୍ୟକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ (୫- ଟି) ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣରେଖା ନଦୀକୂଳରେ ହସୁଛି ଫୁଲକୋବିର ଚାଷ

ଜଳେଶ୍ୱର, ୫/୧୧ (ନି.ପ୍ର) : କାର୍ତ୍ତିକ ମାସ ଶୀତ ଋତୁ ଆସିଲାଣି । ସୁବର୍ଣ୍ଣରେଖା ନଦୀକୂଳ ଗାଁ ଗୁଡିକରେ ପରିବା ଚାଷର ଲହରି ଖେଳିଲାଣି । ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ, ଝାଡପିମ୍ପଳ, ପର୍ଶ୍ଚିମବାଡ;, ପାଇକସିଦା, ଗଡସାହି ବାଲିଆପାଳ, ରାଜପୁର, ମହମ୍ମଦନଗରପାଟଣା।, ଗୋବରଘଟ୍ଟା, ଲକ୍ଷ୍ମଣନାଥ, ଶିଖରପୁର, ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର, ମାକିଡିଆ, ଓଲମରା ପଂଚାୟତ ଗୁଡିକ ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ହୋଇଥିବାରୁ ସେଠାରେ ବ୍ୟାପକ ପନିପରିବା ଚାଷ ଆରମ୍ଭ ହେଲାଣି । ଏବେ ଫୁଲକୋବି, ବନ୍ଧାକୋବି, କଲରା, କାକଡି, ବାଇଗଣ, ଭେଣ୍ଡି, ପୋଟଳ, କୁନ୍ଦୁରି, ଝୁଡଙ୍ଗ ଇତ୍ୟାଦି ଚାଷ ବହୁଳ ପରିମାଣରେ ହୋଇଛି । ଶିଖରପୁର ପଂଚାୟତର ଚକହରି ଗାଁର ଧିରେନ୍ଦ୍ର ପ୍ରଧାନ ୮୦ ବର୍ଷ ବୟସରେ ମଧ୍ୟ ତାଙ୍କ ବାଡିରେ ଫୁଲକୋବି, କଲରା, କାକୁଡି ଓ ବାଇଗଣ ଚାଷ କରି ପରିବାରରେ ହସର ଖୁଆର ଛୁଟାଇପାରିଛନ୍ତି । ତାଙ୍କ ପରିବାରର ସମସ୍ତେ ଚାଷରେ ବ୍ୟସ୍ତ ରହୁଥିବା ବେଳେ ବଡଭାଇ ବୈକୁଣ୍ଠ ପ୍ରଧାନ ପ୍ରତିଦିନ ପରିବା ବାଡିକୁ ନ ଆସିଲେ ନ ଚଳେ । ଏବେ ଫୁଲ କୋବିର ପସରା ସମସ୍ତଙ୍କୁ ଆକୃଷ୍ଟ କରିଛି । ସୁବର୍ଣ୍ଣରେଖା ନଦୀର ଶିଖରପୁର ପୋଲର ପର୍ଶ୍ଚିମମୁଣ୍ଡ ନିକଟରେ ଧିରେନ୍ଦ୍ର ପ୍ରଧାନଙ୍କ କୋବିବାଡି ପଥାଚାରୀଙ୍କୁ ଆକର୍ଷିତ କରୁଛି । ଆଶା ରଖିଛନ୍ତି ଆସନ୍ତା ଦିନରେ ପରିବାଚାଷ କରି ନିଜର ଆର୍ଥୀକ ବଳ ବଢାଇବାରେ ସକ୍ଷମ ହେଲେ । ଗାଁର ବହୁ ବ୍ୟକ୍ତି ସୁବର୍ଣ୍ଣରେଖା ବାଲି ଚୋରା ଚାଲାଣ କରି ମାଲେମାଲେ ହେଉଥିବା ବେଳେ ସେଥିରୁ ନିବୃତ ରହି ନିଜକୁ ଶ୍ରେଷ୍ଠ ଓ ସଫଳ ଚାଷୀଭାବେ ପ୍ରତିପାଦିତ କରିବାକୁ ଚେଷ୍ଟା ଅବ୍ୟାହତ ରଖିଛନ୍ତି ।

# କୂଳଡିହା ଅଭୟାରଣ୍ୟରେ 'ରେଡ ନେପଡ ଆଇବିସ୍'

ନୀଳଗିରି,୫।୧୧ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଅବସ୍ଥିତ ଥିବା ୨୭୨.୭୫ ବର୍ଗ କି.ମି କୁଳଡିହା ଅଭୟାରଣ୍ୟରେ ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ, ହାତୀ ଅଭୟାରଣ୍ୟ, ଗୟଳ, ହରିଣ, କୁଟୁରା, ବାରହା, ବାଘ ଏବଂ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ରହିଥିବା ବେଳେ ବିଶେଷ କରି ଶୀତଦିନେ ବହୁ ବିଦେଶାଗତ ପକ୍ଷୀଙ୍କର ଆଗମନ ହୋଇଥାଏ । ଚଳିତ ବର୍ଷ ଏକ ନୂଆ ପ୍ରକାରର ପକ୍ଷୀ ରେଡ ରେପିଡ ଆଇବିସ୍ ବା ନାଲିମଥା ବାଜେଣି ନାମକ ପକ୍ଷୀଙ୍କର ଆଗମନ ହୋଇଥିବା ଜଣାପଡିଛି। ପୁଡାଶୂଳ ଅଂଚଳରେ ଥିବା ଏକ ମୋବାଇଲ ଟାୱାରରେ ୧୦ରୁ ୧୨ ଟି ଏହି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। ଏହି ପକ୍ଷୀ ମାନେ ମୁଖ୍ୟତ ନେପାଳ , ଶ୍ରୀଲଙ୍କା ଆଦି ଦେଶରେ ଦେଖାଯାଉଥିବା ବେଳେ ଶୀତଦିନେ ଭାରତର ବିଭିନ୍ନ ଅଂଚଳରେ ଦେଖିବାକୁ ମିଳେ। ଓଡିଶାର ଚିଲିକା, ମଙ୍ଗଳାଯୋଡି ଇତ୍ୟାଦି ଜଳାଶୟ ମାନଙ୍କରେ ଏହି ପକ୍ଷୀମାନେ ଦେଖାଯାଆନ୍ତି। ବଡ ବଡ ଗଛ ଏବଂ ମୋବାଇଲ ଟାୱାର ମାନଙ୍କରେ ବସା ବାନ୍ଧି ରହୁଥିବା ଏହି ନାଲିମଥା ବାଜେଣି ଝିଂଟିକା, ପୋକ, ଜୋକ,ବେଙ୍ଗ ଇତ୍ୟାଦି ଏମାନଙ୍କର ମୁଖ୍ୟ ଖାଦ୍ୟ ହୋଇଥାଏ। ଏହି ପକ୍ଷୀ ମାନଙ୍କ



ସଙ୍ଗମ ସମୟ ହେଲେ ପୁରୁଷ ପକ୍ଷୀ କର୍କଷ ରାବ କରି ମାଇପକ୍ଷୀକୁ ଡାକି ଥାନ୍ତି। ଏଭଳି ପକ୍ଷୀ ମାନଙ୍କ ଆଗମନରେ ନୀଳଗିରି ଅଂଚଳର ପକ୍ଷୀପ୍ରେମୀ ମାନେ ଖୁସି ବ୍ୟକ୍ତ କରିଥିବାବେଳେ ଏହାକୁ ଦେଖିବା ପାଇଁ କୂଳଡିହାରେ ପର୍ଯ୍ୟଟକଙ୍କ ଭିଡ ଅଧିକ ହେବ ବୋଲି ବନ ବିଭାଗ ଆଶା ରଖିଛି।

## ନବ ନିର୍ମାଣ କୃଷକ ସଂଗଠନର ଜାତୀୟ ରାଜପଥ ଅବରୋଧ

ଭୁବନେଶ୍ୱର,୫।୧୧ (ନି.ପ୍ର): ଜାତୀୟ କୃଷି ଆଇନକୁ ବିରୋଧ କରି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଦିନ ଜାତୀୟ ରାଜପଥ ଅବରୋଧ କରାଯାଇଛି। ଚାଷୀ ନେତା ଅକ୍ଷୟ କୁମାରଙ୍କ ସହ ଶତାଧିକ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି।
ନବ ନିର୍ମାଣ କୃଷକ ସଂଗଠନର ଶତାଧିକ ସଦସ୍ୟ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ହାଇଟେକ୍ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ସେଠାରୁ ଭୁବନେଶ୍ୱରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ପ୍ରତିବାଦରେ ଜାତୀୟ ରାଜପଥ ଉପରେ ଚାଷୀମାନେ ନାରାବାଜୀ କରିଥିଲେ। ରାସ୍ତା ଉପରେ ଚାଷୀଙ୍କ ଆନ୍ଦୋଳନ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଫଳରେ ପୋଲିସ୍ ସେମାନଙ୍କୁ ଉଠାଇନେଇଥିଲା।

# ଅଖିଳ ଭାରତ କୃଷକ ମହାସଭା ପକ୍ଷରୁ ରାସ୍ତାରୋକ

ଗୁଣପୁର,୫।୧୧ (ନି.ପ୍ର): ସାରା ରାଜ୍ୟରେ କୃଷି ଅଧ୍ୟାଦେଶ ବିଲ ପ୍ରତ୍ୟାହାର ଦାବୀରେ ଅଖିଳ ଭାରତ କୃଷକ ମହାସଭା ପକ୍ଷରୁ ରାସ୍ତାରୋକ କରାଯାଇଥିବାବେଳେ ରାୟଗଡା ଜିଲ୍ଲା ଗୁଣପୁର ବାଇପାସ ଛକଠାରେ ଏଆଇକେଏମ ତରଫରୁ ପ୍ରତିବାଦ ଓ ରାସ୍ତାରୋକ କରାଯାଇଛି । କିଛି ସମୟ ଧରି ଯାନବାହନ ଯାତାୟାତ ଠପ ହୋଇଥିଲା। କେନ୍ଦ୍ର ସରକାରଙ୍କ ନୀତିନିୟମକୁ ବିରୁଦ୍ଧ କରି ସିପିଆଇଏମଏଲର ରାଜ୍ୟ ସମ୍ପାଦକ ତ୍ରିପଥୀ ଗମାଙ୍ଗଙ୍କ ନେତୃତ୍ୱରେ ସିପିଆଇଏମଏଲର କର୍ମକର୍ତ୍ତାମାନେ ଏବଂ ଶ୍ରମିକ ସଙ୍ଗଠନ ତରଫରୁ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ବାଇପାସ ଛକ ଠାରେ ପହଞ୍ଚି ରାସ୍ତା ଅବରୋଧ କର ରାସ୍ତାରୋକ କରିଥିଲେ। ୧୪ ଦଫା ଦାବି ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ




ଭାଗଚାଷୀ ଅଧିକାର ଦେବାପାଇଁ ଏକ ଆଇନ ପ୍ରଣୟନ କରାଯାଉ, ଠିକାଚାଷ ବୋଧ ଆଇନ ୨୦୨୦ ପ୍ରତ୍ୟାହାର,ଖାଉଟିଓକୃଷକବିରୋଧୀ ଅତ୍ୟାବଶକୀୟ ସାମଗ୍ରୀ ସଂଶୋଧନ ଆଇନ୨୦୨ରଦ୍ଦ, କର୍ପରେଟ କରଣ କରିବା ଆଇନ ୨୦୨୦ରଦ୍ଦ, ପରିବେଶ ଧ୍ୱଂସ ଓ ଜମି ଲୁଣ୍ଠନ ଆକଳନ ପ୍ରତିହାର କର, ଡିଜେଲ ଦର ପ୍ରତିହାର, ମରୁଡି,ବନ୍ୟାରେ ଫସଲ ଜନିତ କ୍ଷତି ପୂରଣ ଦିଆଯାଉ, ବିଦେଶୀ ଖାଦ୍ୟ ଦ୍ରବ୍ୟକୁ ବନ୍ଦ କରାଯାଉ,ମନୋରେଗା ଯୋଜନାରେ ୫୦୦ ଟଙ୍କା ଧାର୍ଯ୍ୟ, ସମସ୍ତ ଭୂମିହୀନ ଚାଷୀମାନଙ୍କୁ ଜମି ବଣ୍ଟନ,ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୫ କେଜି ଚାଉଳ ପ୍ରଦାନ କରିବା ପାଇଁ ଦାବୀ କରାଯାଇଛି। ତେଣୁ କେନ୍ଦ୍ର ସରକାର ଅତିଶୀଘ୍ର ଏହି ଦାବୀଗୁଡିକ ନ ମାନିଲେ ଆଗାମୀ ଦିନରେ ଆନ୍ଦେଳନ ଜୋର ହେବ ବୋଲି ରାଜ୍ୟ ସମ୍ପାଦକ ତ୍ରିପଥୀ ଗମାଙ୍ଗ କହିଛନ୍ତି।

# କୃଷି ଆଇନ୍ ବାତିଲ ଦାବିରେ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୫।୧୧ (ନି.ପ୍ର): କୃଷି କ୍ଷେତ୍ରରୁ କର୍ପୋରେଟ୍ ହଟାଅ- କୃଷି ଓ କୃଷକ ବଂଚାଅ, କୃଷି ଆଇନ-୨୦୨୦ ବାତିଲ ଦାବୀରେ ଆଜି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି, ଓଡ଼ିଶା ପକ୍ଷରୁ ସାରା ରାଜ୍ୟରେ ଚକାଜାମ ଓ ପ୍ରିତିବାଦ ଆନ୍ଦୋଳନ ସଂଗଠିତ ହୋଇଯାଇଛି। ପୂର୍ବାହ୍ନରେ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଟିଂନ ଛକରେ ବିଭିନ୍ନ କୃଷକ ସଂଗଠନ ମାନଙ୍କ ପକ୍ଷରୁ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ରାଧାକାନ୍ତ ସେଠୀ, ସୁରେଶ ପାଣିଗ୍ରାହୀ, ଶଶି ଭୂଷଣ ସ୍ୱାଇଁ, ମହେନ୍ଦ୍ର ପରିଡ଼ା, ଜଗନ୍ନାଥ ମିଶ୍ର, ଜ୍ୟୋତି ରଂଜନ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ପ୍ରତିବାଦ ଆନ୍ଦୋଳନ ସଂଗଠିତ ହୋଇଥିଲା। ପରେ ପ୍ରତିବାଦ କାରୀମାନେ ରାଜରାସ୍ତାକୁ ଓହ୍ଲାଇ ମହାତ୍ମା ଗାନ୍ଧୀ ମାର୍ଗକୁ ଅବରୋଧ କରି ସ୍ଲୋଗାନ ଦେବା ଫଳରେ ଯାନବାହାନ ଚଳାଚଳରେ କିଛି ସମୟ ପାଇଁ ବ୍ୟାଘାତ ହୋଇଥିଲା। କେନ୍ଦ୍ର ସରକାର ଙ୍କ କୃଷି ଆଇନ ବିରୋଧରେ ଏକାଠି ହେବାକୁ ପ୍ରତିବାଦ ସ୍ଥଳରେ ଆହ୍ୱାନ ଦିଆଯିବା ସହ କୃଷକକୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ପଂଜାବ ସରକାର ଓ କେରଳ ସରକାର ଆଣିଥିବା ବିଲ୍ ସଦୃଶ ଓଡ଼ିଶା ସରକାର ଆସନ୍ତା ବିଧାନ ସଭାରେ ଅନୁରୂପ ବିଲ୍ ଆଣିବାକୁ ଦାବୀ କରାଯାଇଛି। ଜନବିରୋଧୀ କୃଷି ଆଇନ ବିରୋଧରେ ଆଗାମୀ ନଭେମ୍ବର ୨୬ ତାରିଖରେ ଦେଶବ୍ୟାପୀ ଗ୍ରାମାଂଚଳ ଠାରୁ ସହର ବଜାର ପର୍ଯ୍ୟନ୍ତ ବନ୍ଦ କୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନର ସଂଶୋଧନ ଫଳରେ କଳାବଜାରୀ ଓ ଅସାଧୁ ବ୍ୟବସାୟୀମାନେ ମାଲେମାଲ୍ ହେଉଛନ୍ତି, କିନ୍ତୁ କୃଷକମାନଙ୍କ ସମେତ ସାଧାରଣ ଖାଉଟି ଶୋଷଣର ଶିକାର ହେଉଛନ୍ତି ବୋଲି କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ କରାଯିବା ସହ କେନ୍ଦ୍ର ସରକାରଙ୍କ କୃଷି, କୃଷକ ସର୍ବୋପରୀ ସାଧାରଣ ମଣିଷର ବିରୋଧି ଏହି ଆଇନଗୁଡ଼ିକ ବିରୋଧରେ ଆନ୍ଦୋଳନରେ ସାମିଲ ହୋଇ ଏହାକୁ ତିବ୍ରତର କରିବାକୁ ସାଧାରଣ ଜନତାଙ୍କୁ ବିକ୍ଷୋଭ ସ୍ଥଳରେ କୃଷକ ନେତାମାନେ ବକ୍ତବ୍ୟ ରଖି ଆହ୍ୱାନ ଦେଇଛନ୍ତି।

## ଆଜିଠାରୁ ପଂଚଦଶ ଟେରାକୋଟା ପ୍ରଦର୍ଶନୀ

ଭୁବନେଶ୍ୱର,୫।୧୧ (ନି.ପ୍ର): ଆଜି (ଶକ୍ରବାର)ଠାରୁ ସ୍ଥାନୀୟ ୟୁନିଟ୍ ୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ପଂଚଦଶ ବାର୍ଷିକ ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ଆରମ୍ଭ ହେବ । ଏହି ହସ୍ତଶିଳ୍ପ ପ୍ରଦର୍ଶନୀରେ ରାଜ୍ୟର ୨୦ଟି ଜିଲ୍ଲାର ୧୬୦ ଜଣ କାରିଗର ସେମାନଙ୍କର ହସ୍ତଶିଳ୍ପ ସମାଗ୍ରୀ ୧୦୧ଟି ଷ୍ଟଲରେ ପ୍ରଦର୍ଶନ ଓ ବିକ୍ରୟ କରିବେ । ଆଜି ସନ୍ଧ୍ୟାରେ ଏହି ପ୍ରଦର୍ଶନୀ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୩୨ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୫।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୩୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo